RNI No.ODIODI/2010/33031
୧୭ ବର୍ଷ Volume-17
ISSUE -208 ସଂଖ୍ୟା-୨୦୮
ଭୁବନେଶ୍ୱର,ବୁଧବାର ୦୪ ନଭେମ୍ବର ୨୦୨୬
Bhubaneswar,Wednesday 04 November,2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ୨୦୨୬

ଓଡ଼ିଶାକୁ ୧.୧୭ ଲକ୍ଷ କୋଟିର ପୁଞ୍ଜିନିବେଶ

ନୂଆଦିଲ୍ଲୀ/ ଭୁବନେଶ୍ୱର,୩।୧୧(ନି.ପ୍ର.): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬'ରେ ଓଡ଼ିଶା ୧୮ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିବା ସହ ପ୍ରାୟ ୧,୧୭,୫୫୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରାୟ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଡ଼ିହେବ।

ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏତେ ବଡ ପୁଞ୍ଜିନିବେଶକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ । ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ କରିବା ଦିଗରେ ଓଡିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀକନକ ବର୍ଦ୍ଧନ ସିଂହଦେଓ ମିଳିତ ଭାବେ 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦ୍‌ଘାଟନ କରିବା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରିଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ଏହି ଏମ୍‌ଓୟୁଗୁଡ଼ିକ ଆଦାନପ୍ରଦାନ କରିଥିଲେ। ଏହାପରେ "ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ" ଶୀର୍ଷକ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ



ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଅକ୍ଷୟ ଶକ୍ତି, ଶକ୍ତି ସଂରକ୍ଷଣ, ଫ୍ଲୋଟିଂ ସୋଲାର, ପବନ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ସେ ଆଲୋକପାତ କରିବା ସହ ଏହି ସବୁ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୀତିଗତ ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଥିଲେ। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ହବ୍‌ରେ ପରିଣତ କରିବା ସହ ଭାରତର ଶ୍ରେଷ୍ଠ ପାଞ୍ଚଟି ବିଦ୍ୟୁତ୍ ରପ୍ତାନିକାରୀ ରାଜ୍ୟ ମଧ୍ୟରେ ସାମିଲ କରିବାର ଦୀର୍ଘମିଆଦୀ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। 'ଓଡ଼ିଶା ନିବେଶ ପାଇଁ ପ୍ରସ୍ତୁତ ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶକୁ ସ୍ୱାଗତ କରୁଛି' ବୋଲି ପ୍ରକାଶ କରି ସେ କହିଥିଲେ ଯେ, ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣ-ଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଥିଲେ।ନିବେଶକମାନଙ୍କୁ ସ୍ୱଚ୍ଛ ଶକ୍ତିରେ ଓଡିଶାର ଭିଜନ ସମ୍ପର୍କରେ ବିସ୍ତୃତ ବିବରଣୀ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡିଶାରେ ୭ ହଜାର ମେଗାୱାଟର ଫ୍ଲୋଟିଂ ସୋଲାର, ୨୦୪୭ ସୁଦ୍ଧା ୨୬ ହଜାର ପମ୍ପଡ୍ ଷ୍ଟୋରେଜ୍ ଏବଂ ୧ ହଜାର ମେଗାୱାଟ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ତେଣୁ, ଓଡିଶାରେ ନିବେଶ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ।

ନିବେଶକଙ୍କୁ ଓଡିଶାରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆମନ୍ତ୍ରଣ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ସଂକଳ୍ପ ବିଷୟରେ ଦୋହରାଇଥିଲେ-- ସ୍ଥିର ଓ ସ୍ପଷ୍ଟ ନୀତି, ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ସମୟବଦ୍ଧ ମଞ୍ଜୁରୀ ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବରୁ ପ୍ରସାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ। ଏହି ଅବସରରେ ସେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ରାଜ୍ୟର ପାୱାର ଟ୍ରାନ୍ସମିସନ୍ ନେଟୱର୍କର ସମ୍ପ୍ରସାରଣ ପାଇଁ ମଞ୍ଜୁର ହୋଇଥିବା ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଓଡ଼ିଶାର ଅନୁକୂଳ ଶିଳ୍ପ ପରିବେଶ, ଅକ୍ଷୟ ଶକ୍ତିର ସମ୍ଭାବନା ସହ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ସ୍ୱଚ୍ଛ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ।

ଏହି ସମ୍ମିଳନୀରେ ଏନ୍.ଏଲ୍.ସି. ଇଣ୍ଡିଆ, ଆଦାନୀ ପୋର୍ଟସ୍ ଆଣ୍ଡ ଏସ୍.ଇ.ଜେଡ୍., ଆଭାଡା ଗ୍ରୁପ୍, ଗ୍ରୀନକୋ ଗ୍ରୁପ୍, ଏକମେ ଗ୍ରୁପ୍, ଏଭ୍‌ରେନ୍ ଏବଂ ବ୍ରୁକ୍‌ଫିଲ୍ଡ ରିନିଉଏବଲସ୍ ଭଳି ଦେଶ-ବିଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକର ସକ୍ରିୟ ଭାଗିଦାରୀ ଓଡ଼ିଶାର ସ୍ୱଚ୍ଛ ଶକ୍ତି କ୍ଷେତ୍ର ପ୍ରତି ବିଶ୍ୱସ୍ତରୀୟ ଆଗ୍ରହକୁ ପ୍ରମାଣିତ କରୁଛି।

ଏହି ୧୮ଟି ଏମ୍‌ଓୟୁ ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗକୁ ଆଗକୁ ବଢ଼ାଇବା ଦିଗରେ ଏକ ମାଇଲଖୁଣ୍ଟ। ଏହି ସମ୍ମିଳନୀରେ ଅଂଶୀଦାର ରାଜ୍ୟ ଭାବେ ଯୋଗଦେଇ ଓଡ଼ିଶା ଏକ ସୁଦୃଢ଼ ସବୁଜ ଶକ୍ତି ପରିବେଶ ଗଠନ କରିବା ସହ ଦେଶର ଶକ୍ତି ରୂପାନ୍ତରଣ ଅଭିଯାନରେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛି।

ଖୋର୍ଦ୍ଧାରୁ ବିପୁଳ ଅଳଙ୍କାର ଜବତ

ଖୋର୍ଦ୍ଧା,୩।୧୧(ନି.ପ୍ର.): ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା ପ୍ରାୟ ୧୫ଟି ଚୋରି ଓ ଡକାୟତି ଘଟଣାରେ ସମ୍ପୃକ୍ତ ଏକ ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗକୁ ଧରିବାରେ ଖୋର୍ଦ୍ଧା ପୁଲିସ ସକ୍ଷମ ହୋଇଛି। ଗ୍ୟାଙ୍ଗର ୧୨ଜଣ ସଦସ୍ୟ ଧରାପଡ଼ିଥିବା ବେଳେ ସେମାନଙ୍କ ନିକଟରୁ ଆନୁମାନିକ ୧ କୋଟି ଟଙ୍କାର ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି। ଆଜି (ମଙ୍ଗଳବାର) ଖୋର୍ଦ୍ଧା ପୁଲିସ ପକ୍ଷରୁ ଏକ



ସାମ୍ବାଦିକ ସମ୍ମିଳନରେ ଏନେଇ ସୂଚନା ଦିଆଯାଇଛି। ଅଗିରଫ ଅଭିଯୁକ୍ତମାନେ ହେଲେ, ଟାଙ୍ଗୀ ଥାନା କୁହୁଡି ଟୁଆଟାଙ୍ଗୀର ରାଜୁ ପ୍ରଧାନ, ଦୁଇ ଭାଇ ତୋଫାନ ଶିକାରୀ (୨୨) ଓ ବାନି ପ୍ରଧାନ (୧୮), ଗଞ୍ଜାମ ତରସିଂହ ଗାଁର ବାପ ଜଳନ୍ଧର ପାତ୍ର(୪୦), ପୁଅ ଶିବ ପାତ୍ର(୨୧) ଓ ସାଗର ପାତ୍ର(୨୨), ବାଲୁଗାଁ ଦିନବନ୍ଧୁପୁରର କହ୍ନୁ ଶିକାରୀ (୧୮),ବାଣପୁର ଜିଙ୍ଗିପଡ଼ାର ଗୋପାଳ ଶିକାରୀ (୪୫), ନାଚୁଣୀ କରଡ଼ାପାଳିର ଅଜୟ ପ୍ରଧାନ(୨୧), ନାଚୁଣୀ ତୋଟାଗାଁର ସଞ୍ଜୟ ପ୍ରଧାନ (୨୩), ପୁରୀଜିଲ୍ଲା ବଳଙ୍ଗା ବନ୍ଧଗ୍ରାମର ଏନ୍. ରାଜେଶ। ଚୋରି ସାମଗ୍ରୀ କିଣି ରଖିଥିବା ନାଚୁଣୀ ଥାନା ବଡ଼ପଦର ଗାଁର ବାଉରିବନ୍ଧୁ ସାହୁଙ୍କ ପୁଅ ପ୍ରକାଶ ସାହୁ(୪୧) ମଧ୍ୟ ଗିରଫ ହୋଇଛି।

ଆଞ୍ଚଳିକ ସ୍ତରରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ପାଇଁ ଜାତିସଂଘରେ ପ୍ରସ୍ତାବ

ଜାତିସଂଘ,୩।୧୧(ନି.ପ୍ର.): : ଆଞ୍ଚଳିକ ଓ ଉପଆଞ୍ଚଳିକ ସ୍ତରରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ପାଇଁ ପାକିସ୍ତାନ ଓ ବେଲାରୁଷ୍ ଆଣିଥିବା ଏକ ପ୍ରସ୍ତାବକୁ ଭାରତ ଓ ଇସ୍ରାଏଲ୍ ବିରୋଧ କରିଛନ୍ତି। ଜାତିସଂଘ ମହାସଭାର ପ୍ରଥମ କମିଟିରେ ସୋମବାର ଏହି ପ୍ରସ୍ତାବ ଉପରେ ଭୋଟ୍ ହୋଇଥିଲା। ୧୮୦ଟି ଦେଶ ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଥିବା ବେଳେ ଭାରତ ଓ ଇସ୍ରାଏଲ୍ ବିପକ୍ଷରେ ଭୋଟ୍ ଦେଇଥିଲେ। କୌଣସି ଦେଶ ଭୋଟଦାନରୁ ବିରତ ରହିନଥିଲେ।

ଭାରତ ପକ୍ଷରୁ ଏହି ନିଷ୍ପତ୍ତିର କାରଣ ଦର୍ଶାଇ ଜାତିସଂଘରେ ଭାରତୀୟ ସ୍ଥାୟୀ ମିସନର ପ୍ରଥମ ସଚିବ ଅନମୋଲ ଶେର୍ ବେଦୀ କହିଥିଲେ ଯେ, ପାରମ୍ପରିକ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଏକ ବିଶ୍ୱସ୍ତରୀୟ ପ୍ରସଙ୍ଗ। ଏହାକୁ କେବଳ ଆଞ୍ଚଳିକ କିମ୍ବା ଉପଆଞ୍ଚଳିକ ଢାଞ୍ଚା ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ଭାରତ ନିଜର ପୂର୍ବ ଆଭିମୁଖ୍ୟ ଅନୁଯାୟୀ ଏହି ପ୍ରସ୍ତାବକୁ ବିରୋଧ କରିଥିବା ସେ ସ୍ପଷ୍ଟ କରିଥିଲେ। ବେଦୀ କହିଥିଲେ ଯେ ଦେଶଗୁଡ଼ିକର ସୁରକ୍ଷା ସମ୍ପର୍କିତ ଚିନ୍ତା କେବଳ ନିଜ ଅଞ୍ଚଳର ସୀମା ମଧ୍ୟରେ ରହେ ନାହିଁ। ଭାରତର ସୁରକ୍ଷା ସମ୍ପର୍କିତ ଆବଶ୍ୟକତା ଏହାର ଭୌଗୋଳିକ ଅଞ୍ଚଳଠାରୁ ଅଧିକ ବ୍ୟାପକ ବୋଲି ତାଙ୍କ ଯୁକ୍ତି ଥିଲା। ଏହି ପ୍ରସ୍ତାବରେ ଜାତିସଂଘର ନିରସ୍ତ୍ରୀକରଣ କମିସନ୍‌କୁ ଆଞ୍ଚଳିକ ଅସ୍ତ୍ର ନିୟନ୍ତ୍ରଣ ରାଜିନାମା ପାଇଁ ନୀତି ଓ ମାର୍ଗଦର୍ଶିକା ପ୍ରସ୍ତୁତିର ସମ୍ଭାବନା ଅନୁଧ୍ୟାନ କରିବାକୁ କୁହାଯାଇଥିଲା। ଏହାକୁନେଇ ମଧ୍ୟ ଭାରତ ପ୍ରଶ୍ନ ଉଠାଇଛି। ବେଦୀଙ୍କ ଅନୁଯାୟୀ, ଏହି କମିସନ୍ ୧୯୯୩ରେ ଆଞ୍ଚଳିକ ନିରସ୍ତ୍ରୀକରଣ, ୧୯୯୯ରେ ପାରମ୍ପରିକ ଅସ୍ତ୍ର ନିୟନ୍ତ୍ରଣ ଓ ନିରସ୍ତ୍ରୀକରଣ ଏବଂ ୨୦୧୭ରେ ପାରମ୍ପରିକ ଅସ୍ତ୍ର କ୍ଷେତ୍ରରେ ବିଶ୍ୱାସ ବୃଦ୍ଧିକାରୀ ପଦକ୍ଷେପ ସମ୍ପର୍କରେ ସର୍ବସମ୍ମତ ନିଷ୍ପତ୍ତି ନେଇସାରିଛି।

କୋଟିଆରେ ପ୍ରବଳ ଉତ୍ତେଜନା

କୋରାପୁଟ,୩।୧୧(ନି.ପ୍ର.): ଆନ୍ଧ୍ରପ୍ରଦେଶରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଥିବାବେଳେ ଆନ୍ଧ୍ର ପୋଲିସ ପ୍ରଶାସନ ଓ ଏଜେଣ୍ଟ ସହ ମୁହାଁମୁହିଁ ହୋଇଛନ୍ତି ଓଡ଼ିଶା ପୋଲିସ ଓ ସ୍ଥାନୀୟ ବାସିନ୍ଦା। ଅଞ୍ଚଳରେ ଉତ୍ତେଜନା ବଢ଼ିବା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି ଓଡିଶା ପୋଲିସ ପ୍ରଶାସନ।ପରିସ୍ଥିତି ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ କୋଟିଆରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ୪ ଜଣ ଡିଏସ୍ପି, ୧୦ ଜଣ ଇନ୍‌ସପେକ୍ଟର ଓ ୨୦ ଜଣ ସବ୍‌ଇନ୍‌ସପେକ୍ଟରଙ୍କୁ ମଧ୍ୟ ନିୟୋଜିତ କରାଯାଇଛି।

ଆନ୍ଧ୍ର ସରକାର କୋଟିଆରେ ଭୋଟ୍ ଗ୍ରହଣ କରିବା ପାଇଁ ଯୋଜନା କରୁଛି। ଆସନ୍ତା ୫ ତାରିଖରେ ମତଦାନ ହେବ। ଆନ୍ଧ୍ର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡିଶା ପକ୍ଷରୁ କୋଟିଆ ସୀମାନ୍ତ ନେରିଡିବାଲସା, ଫଗୁସିନେରୀ ଓ ଫାଟୁ ସିନେରୀରେ ଚେକ୍ ପୋଷ୍ଟ କରାଯାଇଛି। ଏହି ଚେକ୍ ପୋଷ୍ଟ ମାଧ୍ୟମରେ ଆନ୍ଧ୍ରର ଗତିବିଧି ନିୟନ୍ତ୍ରଣ କରାଯାଇଥିଲା। ଗତକାଲି ନେରିଡିବାଲସାରେ ଆନ୍ଧ୍ରର ଏକ ରାସନ ଚାଉଳ ଗାଡିକୁ ଉକ୍ତ ଚେକ୍ ପୋଷ୍ଟ ନିକଟରେ ଅଟକା ଯାଇଥିଲା। ସେହି ସ୍ଥାନରେ ଆନ୍ଧ୍ର ସମର୍ଥକ ଓ ଓଡିଶା ପୁଲିସ ମଧ୍ୟରେ ମୁହାଁ ମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଆଜି ପୁଣି ସୀମାନ୍ତ ନେରିଡିବାଲସାରେ ୨ ରାଜ୍ୟ ର ପୁଲିସ ମୁହାଁମୁହିଁ ହୋଇଥିଲେ। ଆନ୍ଧ୍ରର ନିର୍ବାଚନ

କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଓଡିଶା ପୁଲିସ ବ୍ୟାରିକେଡ୍ କରିଥିବା ବେଳେ ଏହାକୁ ଆନ୍ଧ୍ର ପୁଲିସ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ଉତ୍ତେଜନା ଜାରି ରହିଥିବା ଦେଖିବାକୁ ମିଳିଛି। କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ରହିଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ପ୍ଲାଟୁନ ପୁଲିସ ଫର୍ସକୁ ପଠାଯାଇଥିବା ଜଣାପଡିଛି।

ଏହି ପରିପ୍ରେକ୍ଷୀରେ ନେରେଡିବାଲସାଠାରେ ଆନ୍ଧ୍ର ଏଜେଣ୍ଟ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି।ଏହା ପୂର୍ବରୁ ଆଜି



ନେରିଡ଼ିୱାଲସାରେ ଦୁଇ ରାଜ୍ୟର ପୋଲିସ ମୁହାଁମୁହିଁ ହୋଇଥିଲେ। ଆନ୍ଧ୍ରର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡ଼ିଶା ପୋଲିସ ବ୍ୟାରିକେଡ୍ କରିଥିବା ବେଳେ ଏହାକୁ ଆନ୍ଧ୍ର ପୋଲିସ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଥିବା ବେଳେ ପହଞ୍ଚିଥିଲେ କୋରାପୁଟ ଉପଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ।

କୋଟିଆକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କୋଟିଆବାସୀ ଆନ୍ଧ୍ରର ଏହି ନିର୍ବାଚନକୁ ବିରୋଧ କରୁଛନ୍ତି। କୋରାପୁଟରେ ସବୁ ରାଜନୈତିକ ଦଳ ଗୋଟିଏ ମଞ୍ଚରେ ଏକାଠି ହୋଇ ଏହାର ପ୍ରତିବାଦ କରୁଛନ୍ତି। ନିର୍ବାଚନ ଦିନ ସ୍ଥାନୀୟ ଲୋକ, ରାଜନୈତିକ ଦଳ ଓ ସାମାଜିକ ସଂଗଠନର ସଦସ୍ୟମାନେ କୋଟିଆରେ ଉପସ୍ଥିତ ରହି ନିର୍ବାଚନୀ କାର୍ଯ୍ୟକଳାପକୁ ବିରୋଧ କରିବେ। ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସ୍ଥିତି ଉପରେ ନଜର ରଖିବେ। ଆନ୍ଧ୍ରପ୍ରଦେଶରୁ ଆସିଥିବା ଚାଉଳ ବୋଝେଇ ଗାଡ଼ିକୁ ସ୍ଥାନୀୟ ଲୋକ ଫେରାଇ ଦେଇଥିବା ବେଳେ ଆନ୍ଧ୍ରର ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ନିଜ ରାଜ୍ୟକୁ ଫେରାଇ ଦିଆଯାଇଛି। ସୀମାନ୍ତରେ ଚେକ୍‌ପୋଷ୍ଟ କରାଯାଇ ପୋଲିସ ମୁତୟନ କରାଯାଇଛି। ବାତ୍ୟା ସମୟରେ ଓଡ଼ିଶା ସରକାରଙ୍କ ପ୍ରଶାସନ କୋଟିଆବାସୀଙ୍କ ସହ ରହିଥିବାରୁ ଏହାକୁ ସ୍ଥାନୀୟ ଲୋକ ଅନୁଭବ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଗତ ନିର୍ବାଚନ ସମୟରେ କୋଟିଆ ଭିତରେ ଆନ୍ଧ୍ର ପକ୍ଷରୁ ମତଦାନ କେନ୍ଦ୍ର କରାଯାଇଥିଲା। କିନ୍ତୁ ଚଳିତ ବର୍ଷ କୋଟିଆ ବାହାରେ, ଅର୍ଥାତ୍ ଆନ୍ଧ୍ରପ୍ରଦେଶ ସୀମା ଭିତରେ ମତଦାନ କେନ୍ଦ୍ର କରାଯାଇଛି। ଏଥିପାଇଁ ଓଡ଼ିଶା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କହିଛନ୍ତି ମନ୍ତ୍ରୀ।

ସ୍ଥଗିତ ହେଲା ଗିଡ଼ିପାବାଲି ଭୂସ୍ଖଳନ ଅଭିଯାନ

ଘୁଉଦୟଗିରି,୩।୧୧(ନି.ପ୍ର.): କନ୍ଧମାଳଜିଲ୍ଲା ସୀମାନ୍ତ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ଦୁର୍ଗମ ଗିଡ଼ିପାବାଲି ଗାଁ ଭୂସ୍ଖଳନରେ ନିଶ୍ଚିହ୍ନ ହୋଇଯାଇଛି। ବିପର୍ଯ୍ୟୟରେ ନିଖୋଜ ହୋଇଯାଇଥିବା ୧୩ଜଣଙ୍କୁ ଖୋଜିବା ପାଇଁ ତିନି ଦିନ ଧରି ୬ରୁ ଉର୍ଦ୍ଧ୍ୱ ଟିମ୍ ଅବିଶ୍ରାନ୍ତ ଉଦ୍ୟମ ଚଳାଇଥିଲେ। ଏହା ମଧ୍ୟରେ ୨ଜଣଙ୍କୁ ମାଟି ଓ ପଥର ଗଦା ମଧ୍ୟରୁ ଉଦ୍ଧାର କରାଯାଇଥିବା ବେଳେ ବଳକା ୧୧ଜଣଙ୍କ ପତ୍ତା ମିଳିନାହିଁ। ଆଜି ୪ର୍ଥଦିନରେ ମଧ୍ୟ ଅଭିଯାନକୁ କୌଣସି ସଫଳତା ମିଳିନାହିଁ। ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି ଖୋଜ ଅଭିଯାନକୁ ସାମୟିକ ସ୍ଥଗିତ ରଖାଯାଇଛି ବୋଲି ଗଞ୍ଜାମ ଜିଲ୍ଲାପାଳ କହିଛନ୍ତି।

ଗତକାଲି (ସୋମବାର) ଠାବ ହୋଇଥିବା ମୃତଦେହକୁ ଆଜି ଉଦ୍ଧାର କରାଯାଇ ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମବାସୀଙ୍କ ଉପସ୍ଥିତିରେ ଘଟଣାସ୍ଥଳ ନିକଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ଚତୁର୍ଥ ଦିନରେ ମଧ୍ୟ ନୂତନ ଭାବେ କୌଣସି ମୃତଦେହ ମିଳିନାହିଁ। ଆଜି କଟିଙ୍ଗିଆ ସରପଞ୍ଚ ବିଭୂତି ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଉଦ୍ଧାର କାର୍ଯ୍ୟ ଆଗେଇ ନେବା ସମ୍ଭବ ନୁହେଁ ବୋଲି ସେମାନଙ୍କୁ କୁହାଯିବାରୁ ଅଞ୍ଚଳବାସୀ ନିରାଶ ହୋଇ ଫେରିଆସିଥିଲେ। ସନ୍ଧ୍ୟାରେ, ଏକ ବୈଠକ ହୋଇଥିଲା। ଏଥିରେ ଏନେଇ ଆଜି ଆଶ୍ରୟ ସ୍ଥଳରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ, ଉପଜିଲ୍ଲାପାଳ ପ୍ରଣୀତା ଦାସ, ପ୍ରୋବେସନର ଯଶକରନ୍ ସିଂ, ପିଡି ଶମ୍ଭୁନାଥ ନନ୍ଦୀ, ଆରକ୍ଷୀ ଅଧୀକ୍ଷକ ରଣେନ୍ଦ୍ର ପ୍ରସାଦଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ୍, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଭଞ୍ଜନଗର ଓ ଘୁ. ଉଦୟଗିରି ତହସିଲଦାରଙ୍କ ସମେତ ଏନ୍‌ଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ରେଳବାଇ ବିଭାଗ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ପରେ ସମସ୍ତ ଅଧିକାରୀ ଆଶ୍ରୟସ୍ଥଳୀକୁ ଯାଇ ଗିଡ଼ିପାବାଲି ଗ୍ରାମର ମୃତକଙ୍କ ପରିବାରବର୍ଗ ଓ ଅନ୍ୟ ପୀଡ଼ିତ ପରିବାରଗୁଡ଼ିକୁ ସାକ୍ଷାତ କରିଥିଲେ। ସେମାନଙ୍କ ସହିତ ରୁଦ୍ଧଦ୍ୱାର କୋଠରୀରେ ଦୀର୍ଘ ସମୟ ଧରି ଆଲୋଚନା କରିବା ସହିତ ପରିସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ।

କେନ୍ଦ୍ରୀୟ ଟିମ୍‌ର ଅର୍ଣ୍ଣବ କ୍ଷୟକ୍ଷତି ଆକଳନ

ଗଞ୍ଜାମ,୩।୧୧(ନି.ପ୍ର.): ବାତ୍ୟା ଅର୍ଣ୍ଣବ ଯୋଗୁଁ ଗଞ୍ଜାମ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବାକୁ ଜିଲ୍ଲା ଗସ୍ତରେ ଆସିବେ ଆନ୍ତଃମନ୍ତ୍ରୀସ୍ତରୀୟ କେନ୍ଦ୍ରୀୟ ଟିମ୍। ନଭେମ୍ବର ୪ ତାରିଖରେ ଏହି ଟିମ୍ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତିର ସ୍ଥିତି ପରଖିବେ। ବିଶେଷକରି ଚାଷଜମି, ଜଳସେଚନ ପ୍ରକଳ୍ପ, ରାସ୍ତାଘାଟ, ବିଦ୍ୟୁତ୍ ଭିତ୍ତିଭୂମି ଏବଂ ବ୍ୟବସାୟିକ ପ୍ରତିଷ୍ଠାନର କ୍ଷତିକୁ ନେଇ ଅନୁଧ୍ୟାନ କରାଯିବ।

ସୂଚନା ଅନୁସାରେ, କେନ୍ଦ୍ରୀୟ ଟିମ୍ ସକାଳ ୮ଟାରେ ଗୋପାଳପୁର ସର୍କିଟ୍ ହାଉସରୁ ନିଜର କ୍ଷେତ୍ର ପରିଦର୍ଶନ ଆରମ୍ଭ କରିବେ। ତାରାତାରିଣୀ ଛକ ଦେଇ ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ପ୍ରଭାବିତ ସ୍ଥାନରେ ପହଞ୍ଚିବେ।

ସକାଳ ୯ଟା ୧୦ ମିନିଟ୍‌ରେ ଟିମ୍ ଆଛୁଲି ଗାଁରେ ପହଞ୍ଚିବେ। ସେଠାରେ ବାତ୍ୟା ପ୍ରଭାବରେ ନଦୀବନ୍ଧର କ୍ଷୟକ୍ଷତି ସହ ଚାଷଜମିରେ ବାଲି ଜମିବା ଯୋଗୁଁ ହୋଇଥିବା କ୍ଷତିର ଅନୁଧ୍ୟାନ କରିବେ। ଏଥିସହ ଲିଫ୍ଟ ଇରିଗେସନ୍ ପ୍ରକଳ୍ପର ସ୍ଥିତି ମଧ୍ୟ ଯାଞ୍ଚ କରାଯିବ। ଏହାପରେ ସକାଳ ୯ଟା ୨୫ରେ ହାଣ୍ଡିଘର ଗାଁରେ ପହଞ୍ଚିବେ କେନ୍ଦ୍ରୀୟ ଟିମ୍। ଏଠାରେ ଆରଡି ରାସ୍ତା ନଷ୍ଟ ହେବା, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ଏବଂ ଉଦ୍ୟାନ କୃଷି ଫସଲର କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିବେ।ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁସାରେ, ସକାଳ ୧୦ଟା ୫ ମିନିଟ୍‌ରେ ଟିମ୍ ହୀରାଧରବାଟି ଜଳସେଚନ ପ୍ରକଳ୍ପରେ ପହଞ୍ଚିବେ। ପୁରୁଷୋତ୍ତମପୁର ଟାଉନ୍ ଓ ପ୍ରତାପପୁର ଛକ ଦେଇ ସେଠାରେ ପହଞ୍ଚି ଆନିକଟ ସମେତ ଜଳସେଚନ ବ୍ୟବସ୍ଥାର ବିଭିନ୍ନ ଭିତ୍ତିଭୂମିର କ୍ଷୟକ୍ଷତି ଯାଞ୍ଚ କରିବେ।ଏହାପରେ ସକାଳ ୧୦ଟା ୪୦ରେ ହିଞ୍ଜିଳିକାଟୁ ବ୍ଲକର ଘୋଡ଼ାହାଡ଼ ବ୍ରିଜ୍ ନିକଟରେ ପହଞ୍ଚିବେ। ସେଠାରେ ଜୟମଙ୍ଗଳା ଜଳସେଚନ ପ୍ରକଳ୍ପର ଏସ୍କପ୍ ଚ୍ୟାନେଲ୍ ଭାଙ୍ଗିଯିବା ଯୋଗୁଁ ହୋଇଥିବା କ୍ଷତିର ଆକଳନ କରିବେ।ଗସ୍ତର ଶେଷ ପର୍ଯ୍ୟାୟରେ ସକାଳ ୧୧ଟା ୧୦ ମିନିଟ୍‌ରେ କେନ୍ଦ୍ରୀୟ ଟିମ୍ ବୁରୁପଡ଼ା ଦେଇ ଆସ୍କା ମ୍ୟୁନିସିପାଲିଟି ଅଞ୍ଚଳର ଲକ୍ଷ୍ମୀ ବଜାରରେ ପହଞ୍ଚିବେ। ଏଠାରେ ଆସ୍କା ଉପଖଣ୍ଡ ଚିକିତ୍ସାଳୟ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କ୍ଷୟକ୍ଷତି ଆକଳନ କରାଯିବ।କେନ୍ଦ୍ରୀୟ ଟିମ୍‌ର ଏହି କ୍ଷେତ୍ର ପରିଦର୍ଶନ ଗଞ୍ଜାମ ଜିଲ୍ଲାରେ ବାତ୍ୟା ଅର୍ଣ୍ଣବର ପ୍ରକୃତ ପ୍ରଭାବ ଆକଳନ କରିବାରେ ଗୁରୁତ୍ୱ ବହନ କରୁଛି।

କାର୍ତ୍ତିକ ବ୍ରତ ପାଇଁ ୩.୩୦ କୋଟି ଟଙ୍କା ଅନୁମୋଦନ

ଭୁବନେଶ୍ୱର,୩।୧୧(ନି.ପ୍ର.) : ଚଳିତ ବର୍ଷ ପୁରୀରେ ଆୟୋଜିତ ହେଉଥିବା କାର୍ତ୍ତିକ ମାସ ହବିଷ୍ୟାଳୀ ବ୍ରତ ପାଇଁ ୩.୩୦ କୋଟି ଟଙ୍କା ଅର୍ଥରାଶି ଅନୁମୋଦିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଅର୍ଥରାଶି ଅନୁମୋଦିତ ହୋଇଛି।

କାର୍ତ୍ତିକ ମାସ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବର୍ଷ ଅନେକ ହବିଷ୍ୟାଳୀ ମା' ମାନେ ଏକତ୍ରିତ ହୋଇଛନ୍ତି। ହବିଷ୍ୟାଳୀ ମା'ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ୩.୩୦ କୋଟି ଟଙ୍କା ବ୍ୟୟ ରାଶି ଅନୁମୋଦିତ ହୋଇଛି। ହବିଷ୍ୟାଳୀ ମା'ମାନଙ୍କ ପାଇଁ ଦୀର୍ଘ ଏକ ମାସ ଧରି ପୁରୀର ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ-କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିସହ ପବିତ୍ର କାର୍ତ୍ତିକ ମାସରେ ହବିଷ୍ୟାଳି ମା'ମାନେ ଯେପରି ନିଜର ବ୍ରତ ପାଳନ ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି।

କାର୍ତ୍ତିକ ମାସରେ ପୁରୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ହବିଷ୍ୟାଳି ମା' ମାନେ ଯେପରି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ, ସେଥିପାଇଁ ଗାଡ଼ି ବ୍ୟବସ୍ଥା କରିବା ସହ ସ୍ୱେଚ୍ଛାସେବୀ ମୁତୟନ କରିବା, ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ଏବଂ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି।

ବାଲିଯାତ୍ରା ହେବ ପ୍ଲାଷ୍ଟିକ ମୁକ୍ତ , ଓରମାସ୍ ତରଫରୁ କରାଯିବ ୫୦୦ ଷ୍ଟଲ୍

ଭୁବନେଶ୍ୱର,୩।୧୧(ନି.ପ୍ର.) : ଚଳିତ ବର୍ଷ ବାଲିଯାତ୍ରାକୁ ପ୍ଲାଷ୍ଟିକ ମୁକ୍ତ କରାଯିବ। ଏଥିସହ ଓଡ଼ିଶା ରୁରାଲ ଡେଭେଲପମେଣ୍ଟ ଆଣ୍ଡ ମାର୍କେଟିଙ୍ଗ ସୋସାଇଟି (ଓରମାସ୍) ତରଫରୁ ୫୦୦ଟି ଷ୍ଟଲ୍ କରାଯିବ। ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ବାଲିଯାତ୍ରା ପଡ଼ିଆର ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶିତ କରାଯିବ। ସେହିପରି ରାଜ୍ୟ ପୁସ୍ତକ ମହୋତ୍ସବରେ କପିଳେନ୍ଦ୍ର ଦେବଙ୍କ ଜୀବନୀ, ବନ୍ଦେ ମାତରମ୍ ଓ ଜ୍ଞାନଭାରତମ୍ ଥିମ୍କୁ ନେଇ ନିର୍ମାଣ ହେବ ପାଭିଲିୟନ।

କଟକର ଐତିହାସିକ ବାଲିଯାତ୍ରାର ଏବଂ ରାଜ୍ୟ ପୁସ୍ତକ ମହୋତ୍ସବ ଆୟୋଜନକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଧକ୍ଷତା କରିଥିଲେ।ସମୀକ୍ଷା ବୈଠକରେ କଟକର ଐତିହାସିକ ବାଲିଯାତ୍ରାର ଆୟୋଜନକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା।


ଆସନ୍ତା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ କଟକରେ ବାଲିଯାତ୍ରା ଆୟୋଜିତ ହେବ। ଚଳିତ ବର୍ଷ ବାଲିଯାତ୍ରାର ଆୟୋଜନ ପାଇଁ ସରକାରଙ୍କ ତରଫରୁ ୧୦ କୋଟି ଟଙ୍କା ଅର୍ଥରାଶି ପ୍ରଦାନ ପାଇଁ ପ୍ରସ୍ତାବ ରହିଛି । ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦୁଇଟି ମଞ୍ଚ ରହିବ। ବାଲି ଦେଶରୁ ଏକ ପ୍ରତିନିଧି ମଣ୍ଡଳୀ ଚଳିତ ବର୍ଷ



ବାଲିଯାତ୍ରାକୁ ଆସିବାର ମଧ୍ୟ ଯୋଜନା ରହିଛି। ଏଥିସହ କଟକ-ଇନ୍-କଟକରେ ବାଲି ଓ ପ୍ରାଚୀନ କଳିଙ୍ଗ ରାଜ୍ୟ ମଧ୍ୟରେ ରହିଥିବା ସାଂସ୍କୃତିକ ସାମଞ୍ଜସ୍ୟକୁ ପ୍ରଦର୍ଶିତ କରାଯିବ। ବାଲି ଓ କଳିଙ୍ଗ ମଧ୍ୟରେ ରହିଥିବା ଭାଷା, ଖାଦ୍ୟ, ବସ୍ତ୍ର, ତାଳପତ୍ର ଓ ଲୋଣ୍ଟାର ମଧ୍ୟରେ ରହିଥିବା ସାମଞ୍ଜସ୍ୟକୁ କଟକ-ଇନ୍-କଟକ ପାଭିଲିୟନରେ ପ୍ରଦର୍ଶିତ କରାଯିବା ସହ ଏକ ଡିଜିଟାଲ ଇନ୍ଫରମେସନ୍ ୱାଲ୍ ମଧ୍ୟ ରହିବ ବୋଲି ଜଣାପଡିଛି ।

ସେହିପରି ଭାବେ ଚଳିତ ବର୍ଷ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟ ପୁସ୍ତକ ମହୋତ୍ସବର ପ୍ରସ୍ତୁତି ସମ୍ବନ୍ଧରେ ମଧ୍ୟ ସଂସ୍କୃତି ମନ୍ତ୍ରୀ ସୂରଜ ସମୀକ୍ଷା କରିଥିଲେ। ଚଳିତ ବର୍ଷ ୪ ଡିସେମ୍ବରରୁ ୧୪ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟ ପୁସ୍ତକ ମହୋତ୍ସବ ଆୟୋଜିତ ହେବ। ପୁସ୍ତକ ମହୋତ୍ସବରେ କପିଳେନ୍ଦ୍ର ଦେବଙ୍କ ଜୀବନୀ ଉପରେ ଆଧାରିତ ପାଭିଲିୟନ ସହ ବନ୍ଦେ ମାତରମ୍, ଜ୍ଞାନଭାରତମ୍ ଆଦି ଥିମ୍କୁ ଆଧାର କରି ପାଭିଲିୟନ ନିର୍ମାଣ କରିବା ପାଇଁ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ପରାମର୍ଶ ଦେଇଥିଲେ। ଏଥିସହ ଶିଶୁ ସାହିତ୍ୟ, ସାହିତ୍ୟିକଙ୍କ ସହ ସାକ୍ଷାତ(ମିଟ୍ ଦି ଅଥର) କର୍ଣ୍ଣରର ସ୍ଥାପନ ସହ କ୍ୱିଜ୍ ପ୍ରତିଯୋଗିତାର ଆୟୋଜନ, ଓପନ ମାଇକ୍ ଆଦିର ଆୟୋଜନକୁ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ସଂସ୍କୃତି ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପର ମଧ୍ୟ ସମୀକ୍ଷା କରାଯାଇଥିଲା। କଳାମଣ୍ଡଳ କାର୍ଯ୍ୟକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ମନ୍ତ୍ରୀ ଇଡ଼କୋର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ସ୍ଥାପନ କାର୍ଯ୍ୟ, କଳାବିକାଶ କେନ୍ଦ୍ରର ପ୍ରେକ୍ଷାଳୟ ଓ ଶ୍ରେଣୀଗୃହ ନବୀକରଣ କାର୍ଯ୍ୟ, ବକୁଳବନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତିକୁ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ରାଜଧାନୀରେ ଆଧୁନିକ ସଂଗ୍ରହାଳୟ, ପୁରୀରେ ଶ୍ରୀ ଜଗନ୍ନାଥ ବ୍ୟାଖ୍ୟାନ କେନ୍ଦ୍ର ଓ ସଂଗ୍ରହାଳୟ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା, ଭଞ୍ଜକଳା ମଣ୍ଡପର ନବୀକରଣ କାର୍ଯ୍ୟରେ ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ଏଥିସହ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ କ୍ୟାମ୍ପସ ପ୍ରତିଷ୍ଠା, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଏବଂ ବିଭିନ୍ନ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ସମୀକ୍ଷା କରିଥିଲେ।ସଂସ୍କୃତି ବିଭାଗ ଅଧିନସ୍ଥ ସମସ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସୂରଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଡାହୁକ



ଭୋଟ ବେଳକୁ ସମ୍ପର୍କ ଯୋଡନ୍ତି
ସତେକି ମାଉସୀ ପୁଅ
ଭୋଟ ସାରିଲେ ତୁମକୁ ଚିହ୍ନିନି
ପରିଚୟ ଟିକେ ଦିଅ
କାମଟା କିଆଣ କୁହ
ପେଟେଇ ହାମ୍ପୁଡ଼ି ମୋଟା ବଟି ଦେଇ
ଭେଟି ଆମଠାରୁ ନିଅ
-ବିଧୁ



ପୁଣି ବଡଚଣା ଅଞ୍ଚଳ ରେ ଫୁଟିଲା ଗୁଳି, ଅଧିକ ତଦନ୍ତ ଜାରୀ

ବଡ଼ଚଣା,୩।୧୧ :(ମନ୍ଥନ) ବୈରୀ ଥାନା ଅଞ୍ଚଳରେ ଗୁଳି ମାଡ଼, ଘଟଣା ସ୍ଥଳରେ ପହଞ୍ଚିଲା ସାଇଣ୍ଟିଫିକ୍ ଟିମ୍ । ବିଳମ୍ବିତ ରାତ୍ରିରେ ହୋଇଥିଲା ଗୁଳିମାଡ, ପୋଲିସ ର ଅଧିକ ତଦନ୍ତ ଜାରୀ।ସୂଚନା ଥାଉ କି, ବୈରୀ ଥାନା ଅଧିନ ଛତିଆ ଇଚ୍ଛା ନଗର ପାଟଣା ଗ୍ରାମର ରୁଦ୍ର ପ୍ରସାଦ ରାଉଳ ଗତ କାଲି ରାତି ପ୍ରାୟ ୧୦ ଟା ବେଳେ ତାଙ୍କ ଅମିୟଝରି ସ୍ଥିତ ମଦ ଦୋକାନରୁ ହିସାବ ବୁଝା ସୁଝା କରି ଇଚ୍ଛା ନଗର ପାଟଣା ସ୍ଥିତ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଅଞ୍ଚଳ ର ଜନୈକ ଯୁବକ ତାଙ୍କ ଗାଡ଼ି କୁ ରାସ୍ତାରେ ଅଟକାଇ ଗୁଳିମାଡ଼ କରିଥିଲେ। ପୂର୍ବରୁ ସ୍ଥାନୀୟ ଜନୈକ ଯୁବକ ଙ୍କ ସହିତ କୌଣସି କାରଣରୁ ବଚସା ହୋଇଥିବା କହିଥିଲେ ରୁଦ୍ର ପ୍ରସାଦ ରାଉଳ । ସବୁ ଦିନ ପରି ରୁଦ୍ର ଘରକୁ ବାହାରି ଥିବା ବେଳେ ଉଭୟଙ୍କ ଭିତରେ ବଚସା ହୋଇ ଥିଲା , ତାଙ୍କ ଇଟିକା ଗାଡ଼ି ଉପରକୁ ଗୁଳି ମାଡ଼ ହୋଇ ଥିବା ବୈରୀ ଥାନାରେ ଲିଖିତ ଅଭିଯୋଗ ଆଣିଛନ୍ତି ଅଭିଯୋଗ କାରୀ। ଅଭିଯୋଗ ଆଧାରରେ ବୈରୀ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁ ଥିବା ବେଳେ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ ଚଳାଇଛି। ତଦନ୍ତ ପରେ ଘଟଣା ର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଜଣାପଡ଼ିଛି।

ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର,୩।୧୧ :(ମନ୍ଥନ)କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅଭିଯୋଗ ଉପସ୍ଥାପନ କରିଥିଲେ। ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ।ଆଜିର ଏହି ଶିବିରରେ ମୋଟ ୧୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୪୨ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ରେଡକ୍ରସ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ୬ଟି ଆବେଦନ ମଧ୍ୟ ଗ୍ରହଣ କରାଯାଇଥିଲା।



ପଞ୍ଜିକୃତ ଅଭିଯୋଗଗୁଡ଼ିକ ମଧ୍ୟରୁ ୪୮ଟିର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ କୁହାଯାଇଥିଲା।ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସିଡିଏମ୍‌ଓ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଓ ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯିବ। ଏହି କ୍ରମରେ ନିମ୍ନଲିଖିତ ତାରିଖରେ ଶିବିର ଅନୁଷ୍ଠିତ ହେବ।

ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତା ଉଦଯାପିତ

ଖଣ୍ଡପଡ଼ା, ୩।୧୧ :(ମନ୍ଥନ) ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ଅଧୀନ ଲିଙ୍ଗରାଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ, ବ୍ଲକ ସାଂସଦ ଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ଲିଙ୍ଗରାଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାପତି ଚରଣ ସାହୁ, ଏବିଓ ନାରାୟଣ ଦାଶ, କଳିଙ୍ଗ ଚନ୍ଦ୍ର ନାଏକ, ପ୍ରଦୀପ କୁମାର ସାହୁ, ଲିଙ୍ଗରାଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଲୁରୀ ବାରିକ ପ୍ରମୁଖ ମଞ୍ଚାସିନ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ, ତର୍କ, ବକ୍ତୃତା, ସାଧାରଣ ଜ୍ଞାନ, ରଚନା, କ୍ଷୁଦ୍ର ନାଟକ ଓ ଲୋକ ନୃତ୍ୟ ଆଦି ପ୍ରତିଯୋଗୀତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବ୍ଲକର ଏଗାରଟି କ୍ଲଷ୍ଟର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦୀନବନ୍ଧୁ ଦାସ, ସଂପାଦକ ନୀକୁଞ୍ଜ ବିହାରୀ ରଥ, ସଞ୍ଜୟ କୁମାର ବେହେରା, ଚିତ୍ତରଞ୍ଜନ ପଣ୍ଡା, ପୁଷ୍ପାରାଣୀ ସାହୁ, ବିପିନ କୁମାର ରାଉତ, ରମାକାନ୍ତ ପଣ୍ଡା ଏବଂ ପ୍ରାଥମିକ ଶିକ୍ଷକ ସଂଘର ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ

ମୋରଡ଼ା,୩।୧୧ :(ମନ୍ଥନ)ଶିଶୁଙ୍କ ମୁହଁରେ ହସ, ମାଦଳର ତାଳେ ତାଳେ ଝୁମିଲେ ଛାତ୍ରଛାତ୍ରୀ। ଆଉ ଏହି ଉତ୍ସବରେ ସାମିଲ ହୋଇ ନିଜକୁ ରୋକିପାରିଲେନି ରାଜ୍ୟ ସରକାରଙ୍କ ମନ୍ତ୍ରୀ। ଛାତ୍ରଛାତ୍ରୀଙ୍କ ସହ ପାଦରେ ପାଦ ମିଶାଇ ନାଚି ସେମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅନ୍ତର୍ଗତ ନୂଆଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ଏଭଳି ଏକ ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ମହୋତ୍ସବରେ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ



କରିଥିଲେ। ମାଦଳର ତାଳ ଓ ପାରମ୍ପରିକ ସାଂସ୍କୃତିକ ପରିବେଶ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସହ ନାଚି ସେ ସମସ୍ତଙ୍କ ମନ ଜିଣିଥିଲେ। ମନ୍ତ୍ରୀଙ୍କ ଏହି ଅଂଶଗ୍ରହଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉତ୍ସାହ ଭରିଦେଇଥିଲା। ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ଏବଂ ସେମାନଙ୍କୁ ନିଜର କଳା ଓ ସଂସ୍କୃତି ପ୍ରଦର୍ଶନ କରିବାର ସୁଯୋଗ ଦେବା ଏଭଳି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ ପରିବେଷଣରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ପ୍ରମାଣପତ୍ର ପ୍ରଦାନ କରିବା ସହ ପୁରସ୍କୃତ କରିଥିଲେ। ମନ୍ତ୍ରୀଙ୍କ ଏହି ନିଆରା ଅନ୍ଦାଜ ଓ ଛାତ୍ରଛାତ୍ରୀଙ୍କ ସହ ଆନନ୍ଦରେ ନୃତ୍ୟ ପରିବେଷଣ ଶିଶୁ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା।

ବନ୍ୟା ପରେ ଗୃହପାଳିତ ପଶୁଙ୍କୁ ସୁଖିଲା ଖାଦ୍ୟ ବଣ୍ଟନ

କବିସୂର୍ଯ୍ୟନଗର,୩।୧୧ :(ମନ୍ଥନ)ବାତ୍ୟା ଅର୍ଣ୍ଣବର ଅବପାତ ପରେ ଗଞ୍ଜାମ ଜିଲ୍ଲାରେ ଆସିଥିବା ବନ୍ୟା ଉଜାଡ଼ି ଦେଇଛି ଅନେକ କିଛି । ଜଳମଗ୍ନ ହୋଇଛି ଚାଷଜମି, ପ୍ରଭାବିତ ହୋଇଛନ୍ତି ଲୋକଙ୍କ ସହ ଗୃହପାଳିତ ପଶୁପକ୍ଷୀ । ଏଭଳି ସ୍ଥିତିରେ ଗୃହପାଳିତ ପଶୁଙ୍କ ଖାଦ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଆଗେଇ ଆସିଛି କବିସୂର୍ଯ୍ୟନଗର ପଶୁ ସମ୍ପଦ ବିଭାଗ । ଟଙ୍କାଛାଇ ଭେଟେରିନାରୀ ଅଧୀନ ବିଭିନ୍ନ ଗ୍ରାମରେ ଗାଈ, ମଇଁଷି ଆଦି ଗୃହପାଳିତ ପଶୁଙ୍କୁ ଯୋଗାଇ ଦିଆଯାଇଛି ସୁଖିଲା ଖାଦ୍ୟ ।ବନ୍ୟା ପରେ ଚାରଣଭୂମି ଜଳମଗ୍ନ । ନଷ୍ଟ ହୋଇଛି ଗୋଖାଦ୍ୟ । ଫଳରେ ଗୃହପାଳିତ ପଶୁଙ୍କ ପାଇଁ ଦେଖାଦେଇଛି



ଖାଦ୍ୟ ସଙ୍କଟ । ଏଭଳି ସମୟରେ ପଶୁଙ୍କ ସୁରକ୍ଷା ଓ ଖାଦ୍ୟ ଯୋଗାଣକୁ ଗୁରୁତ୍ୱ ଦେଇ କବିସୂର୍ଯ୍ୟନଗର ପଶୁ ସମ୍ପଦ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସହାୟତା । ଟଙ୍କାଛାଇ ଭେଟେରିନାରୀ ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ଗୃହପାଳିତ ଗାଈ ଓ ମଇଁଷିଙ୍କୁ ବଣ୍ଟନ କରାଯାଇଛି ସୁଖିଲା ଖାଦ୍ୟ ।ଏହି କାର୍ଯ୍ୟକ୍ରମରେ ପଶୁ ସମ୍ପଦ ଅଧିକାରୀ ଶୁଭକାନ୍ତ ଆଚାର୍ଯ୍ୟ ସମେତ ପଶୁ ସମ୍ପଦ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ପଶୁଖାଦ୍ୟ ଯୋଗାଇ ଦେଇଥିଲେ । ବନ୍ୟା ପ୍ରଭାବିତ ଅଞ୍ଚଳରେ ପଶୁପକ୍ଷୀଙ୍କ ଯତ୍ନ ଓ ସେମାନଙ୍କ ଖାଦ୍ୟ ସମସ୍ୟା ଦୂର କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।ବନ୍ୟା ବିପତ୍ତି ସମୟରେ ମଣିଷଙ୍କ ସହ ନିରୀହ ଗୃହପାଳିତ ପଶୁଙ୍କ ଯତ୍ନ ନେବାକୁ ପଶୁ ସମ୍ପଦ ବିଭାଗର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଗ୍ରାମବାସୀ ।

ପ୍ରହରାଜପୁର ଠାରେ ମାଗଣା ସ୍ୱାସ୍ଥ୍ୟସେବା ଅନୁଷ୍ଠିତ

ମାହାଙ୍ଗା,୩।୧୧ :(ମନ୍ଥନ) ମାହାଙ୍ଗା ବ୍ଲକର ଗୋତରା ପଂଚାୟତ ଅର୍ନ୍ତଗତ ପ୍ରହରାଜପୁର ସ୍ଥିତ ଗଣେଶ ମଣ୍ଡପ ଠାରେ ପ୍ରତିଶ୍ରୁତି ହେଲଥ୍ କେୟାର ପାରିପଲେଇ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଶ୍ରୁତି ହେଲଥ କେୟାର ଡାଇରେକ୍‌ଟର ମାନସ ପ୍ରଧାନ ତତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିରରେ ୬୦ରୁ ଉର୍ଦ୍ଧ୍ୱ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ହେଲଥ କେୟାର ପାରିପଲେଇରେ ରୋଗୀମାନେ ଅଭିଜ୍ଞ ଡାକ୍ତରମାନଙ୍କ ପରାମର୍ଶ ନେବା ପାଇଁ ସୂଚନା ଦିଆଯାଇଥିଲା। ଏହି ମାଗଣା ସ୍ୱାସ୍ଥ୍ୟପରୀକ୍ଷା କେନ୍ଦ୍ରରେ ଡାକ୍ତର ଦେବୀ ପ୍ରସାଦ ସାହୁ, ସହକର୍ମୀ ଅଜିତ୍ କୁମାର ମହାନ୍ତି, ଜ୍ଞାନରଂଜନ ଓଝା, ମନ୍ମଥ ସେନାପତି, ପ୍ରମାଥିନୀ ରାଉତରାୟ, ମମତା ଭୋଇ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପ୍ରତିଶ୍ରୁତି ହେଲଥ କେୟାର ତରଫରୁ ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟସେବା ଶିବିରକୁ ସାଧାରଣରେ ସ୍ୱାଗତ କରାଯାଇଛି।

୩ଶିଶୁଙ୍କ ଅକାଳ ବିୟୋଗରେ ଏସ୍‌ଉଇକ୍ୟାନ ପକ୍ଷରୁ ଶୋକ

ମାହାଙ୍ଗା,୩।୧୧ :(ମନ୍ଥନ)ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତ ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସ୍‌ଉଇକ୍ୟାନ ତରଫରୁ ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ଝାଡେଶ୍ୱରପୁର ଗ୍ରାମର ମୁସଲମାନ ବସ୍ତିର ୩ଜଣ ଶିଶୁ ଅକାଳ ବିୟୋଗକୁ ନେଇ ଗଭୀର ଶୋକବ୍ୟକ୍ତ କରାଯାଇଛି। ସୂଚନାରୁ ଜଣାପଡିଛି ପୋଖରୀରୁ ପଦ୍ମଫୁଲ ତୋଳିବାକୁ ଯାଇ ପାଣିରେ ବୁଡି ଝାଡେଶ୍ୱରପୁର ଗ୍ରାମର ମୁସଲମାନ ବସ୍ତିର ଇମ୍‌ରାନ ଖାନ୍‌ଙ୍କ ପୁତ୍ର ଜିସାନ୍ ଖାନ୍ ୪ବର୍ଷ ଓ ସଲେମନ ଖାନ ୩ବର୍ଷଙ୍କର ମୃତ୍ୟୁ ଘଟିଥିଲା ବେଳେ ପଡୋଶୀ ଅବଦୁଲ ଅନୱାର ଖାନଙ୍କ ପୁତ୍ର ଅରହମ୍ ଖାନ୍ ୬ବର୍ଷଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଏସ୍‌ଉଇକ୍ୟାନର ଅଧ୍ୟକ୍ଷ ସତ୍ୟଜିତ୍ ବିଶ୍ୱାଳ ଓ ସଂଗଠନର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏହା ଏକ ଦୁଃଖଦ ହୃଦୟସ୍ପର୍ଶୀ ଘଟଣାବୋଲି ସଂଗଠନର ଅଧ୍ୟକ୍ଷ କହିଛନ୍ତି।

ମାହାଙ୍ଗା ବ୍ଲକରେ ଗଣକବି ବୈଷ୍ଣବପାଣିଙ୍କ ତୋରଣକୁ ଅଣଦେଖା

ମାହାଙ୍ଗା, ୩।୧୧ :(ମନ୍ଥନ) ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ଓସ୍ତମୂଳଛକ ଠାରେ ଥିବା ଗଣକବି ବୈଷ୍ଣବପାଣିଙ୍କ ତୋରଣକୁ ପ୍ରଶାସନ ଏକ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏଠାରେ ସୂଚନା ଯୋଗ୍ୟ ଯେ କୁମାର ପୂର୍ଣ୍ଣିମା ଠାରୁ ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ୭ଦିନ ଧରି ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନ ଗଣକବି ବୈଷ୍ଣବପାଣି ଜୟନ୍ତୀ ଆୟୋଜନ କରିଥାନ୍ତି। ହେଲେ ମାହାଙ୍ଗାରେ ଥିବା ଗଣକବି ବୈଷ୍ଣବପାଣିଙ୍କ ତୋରଣ ଏକ ପ୍ରକାର ଅବହେଳିତ ହୋଇପଡିଛି। ଏହି ତୋରଣକୁ ପ୍ରତିବର୍ଷ ରଙ୍ଗ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଏପରିକି ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ତୋରଣ ପ୍ରତି କାହାରି ଦୃଷ୍ଟି ପଡୁନଥିବା ଅଭିଯୋଗ ହେଉଛି। ପ୍ରତିଦିନ ଏହି ରାସ୍ତାଦେଇ ଯାଉଥିବା ଯାତ୍ରୀମାନେ ତୋରଣକୁ ଦେଖିଲା ପରେ ଗଣକବି ବୈଷ୍ଣବପାଣିଙ୍କୁ ମନେ ପକାଇଥାନ୍ତି, ହେଲେ ଏହି ତୋରଣର ଅବସ୍ଥାକୁ ଦେଖିଲେ ମନେହୁଏ ମାହାଙ୍ଗାରେ କେବଳ ଗଣକବି ବୈଷ୍ଣବପାଣିଙ୍କ ଜୟନ୍ତୀ ଉପରେ ନେତା ଠାରୁ ଆରମ୍ଭ କରି ସାହିତ୍ୟିକମାନେ ପ୍ରତିବର୍ଷ ଗୁରୁତ୍ୱ ଦେଇଥାନ୍ତି। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏଣୁ ତୁରନ୍ତ ପ୍ରଶାସନ ଗଣକବିଙ୍କ ପ୍ରତି ସମ୍ମାନ ଜଣାଇ ଉକ୍ତ ତୋରଣକୁ ରଙ୍ଗ କରିବାକୁ ବୁଦ୍ଧିଜୀବୀ ମହଲରେ ସର୍ବସାଧାରଣରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ମୋରମ ବୋଝେଇ ଟ୍ରାକ୍ଟର ସହିତ ଜେସିପି ଜବତ

ବଡ଼ଚଣା, ୩।୧୧ :(ମନ୍ଥନ)ଦିନକୁ ଦିନ ବଡଚଣା ବ୍ଲକ୍ ର ବିଭିନ୍ନ ଅଞ୍ଚଳ ରେ ଲଘୁ ଖଣିଜ ଦ୍ରବ୍ୟର ବ୍ୟାପକ ହରିଲୁଟ ହେଉ ଥିବା ଅଭିଯୋଗ ହୋଇଛି। ବାଲିଚନ୍ଦ୍ର ପୁର ମାଣ୍ଡୁକା ପାହାଡ଼ରୁ ବେ ଆଇନ ମୋରମ ଖୋଳା ଚାଲୁଥିବା ବେଳେ ପ୍ରଶାସନ ପକ୍ଷରୁ ଚଢ଼ାଉ ହୋଇଥିଲା। ଗତ କାଲି ବୈରୀ ପାହାଡ ରୁ ମୋରମ ଚୋରା ତଡା ହେଉ ଥିବା ବେଳେ ମାଡିବସିଲା ଲଘୁ ଖଣିଜ ସମ୍ପଦ ଅଧିକାରୀ, ଘଟଣା ସ୍ଥଳରୁ ୧ ମୋରମ ବୋଝେଇ ଟ୍ରାକ୍ଟର ଓ ୧ ଜେସିପି ଜବତ।ଯାଜପୁର ଜିଲ୍ଲା ବୈରୀ ଥାନା ଅଧିନ ବୈରୀ ଫରେଷ୍ଟର ରେଞ୍ଜ ନିକଟ ସରକାରୀ ଜମିରୁ ମୋରମ ଖୋଳା ଯାଉଥିବା ଖବର ପାଇ ଜୁନିଅର୍ ଖଣି ଅଧିକାରୀ ବିଶ୍ୱଜ ସ୍ୱାଇଁ ଓ ଦିପ୍ତା ସୁନ୍ଦର ସେଠୀ ଚଢ଼ାଉ କରିଥିଲେ। ତେବେ ବଡ଼ଚଣାର ମଫିଆ ମାନେ ଦିନକୁ ଦିନ ଲଘୁ ଖଣିଜ ସମ୍ପଦ ର ହରିଲୁଟ କରୁ ଥିବା ବେଳେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଲାଗି ସାଧାରଣରେ ଦାବି ହୋଇଛି।

ଗୋପ ବ୍ଲକ୍‌ରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବ

ଗୋପ,୩।୧୧ :(ମନ୍ଥନ)ନିକଟରେ ସଂଘଟିତ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ପୁରୀ ଜିଲ୍ଲା ଗୋପ ବ୍ଲକ୍‌ରେ କୃଷି ଓ ପନିପରିବା ଚାଷର ବ୍ୟାପକ କ୍ଷତି ଘଟିଛି। ବିଶେଷ କରି କୁଶଭଦ୍ରା ନଦୀ ଅବବାହିକା ଏବଂ ନଦୀକୂଳିଆ ଅଞ୍ଚଳରେ ପରିବା ଫସଲ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି।ପ୍ରାପ୍ତ ସୂଚନା ଅନୁଯାୟୀ, ଗୋପ ବ୍ଲକ୍‌ର ନାଗପୁର, ଗଣେଶ୍ୱରପୁର, ବେଢ଼ାପୁର ଏବଂ ଗୋପ ପଞ୍ଚାୟତ ଅନ୍ତର୍ଗତ କୁସୁପୁର ଓ ଆଖପାଖ ଅଞ୍ଚଳର ଚାଷୀମାନେ ବ୍ୟାପକ ଭାବେ ପନିପରିବା ଚାଷ କରିଥିଲେ। ମାତ୍ର ବାତ୍ୟାଜନିତ ଅତିବର୍ଷା ଓ ଜଳବନ୍ଦୀ ସମସ୍ୟା ଯୋଗୁଁ କ୍ଷେତରେ ପାଣି ଜମିରହି ଗଛଗୁଡ଼ିକ ପଚିଯାଇଛି। ହାତର ପୁଞ୍ଜି ଓ ଧାରକର୍ଜ କରି କରିଥିବା ଚାଷ ନଷ୍ଟ ହୋଇଯିବାରୁ ଚାଷୀମାନେ ଗଭୀର ଆର୍ଥିକ ସଙ୍କଟ ଓ ମାନସିକ ଚାପର ସମ୍ମୁଖୀନ ହୋଇଛନ୍ତି।ଏହି ସାଙ୍ଘାତିକ ସ୍ଥିତିକୁ ଦୃଷ୍ଟିରେ ରଖି କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି କ୍ଷତିର ଆକଳନ କରାଯିବାକୁ ଦାବି ହୋଇଛି। ରାଜ୍ୟ ସରକାରଙ୍କ ଏସଡିଆରଏଫ୍ ନିୟମାବଳୀ ଏବଂ ଫସଲ ବୀମା ଯୋଜନା ଅଧୀନରେ ପ୍ରଭାବିତ ଚାଷୀମାନଙ୍କୁ ଯଥାଶୀଘ୍ର ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଚାଷୀ ଓ ଚାଷୀ ନେତା ପ୍ରଶାସନ ପାଖେ ଦାବି କରିଛନ୍ତି ।

ବରିଷ୍ଠ ଆଇନଜୀବୀ ଭଗବାନ ମହାପାତ୍ରଙ୍କ ପରଲୋକ

କବିସୂର୍ଯ୍ୟନଗର,୩।୧୧ :(ମନ୍ଥନ)ବରିଷ୍ଠ ଆଇନଜୀବି ତଥା କବିସୂର୍ଯ୍ୟନଗର ଓ କୋଦଳା ଓକିଲ ସଂଘର ପୂର୍ବତନ ସଭାପତି ଭଗବାନ ମହାପାତ୍ରଙ୍କ ଆଜି ପୂର୍ବାହ୍ନ ରେ ହବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ବର୍ଷ ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କ ସହଧର୍ମିଣୀ ତଥା ପୂର୍ବତନ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ର, କନ୍ୟା ମୋନାଲିସା,ସସ୍ମିତା ଓ ପୁତ୍ର ଅମୀୟ ବୋହୁ ପୂଜାରାଣୀ ଉପସ୍ଥିତ ଥିଲେ।ସେ କୋଦଳା କୋର୍ଟରେ ସରକାରୀ ଓକିଲ ଭାବେ ବହୁଦିନ ଧରି ରହିଥିଲେ । କବିସୂର୍ଯ୍ୟନଗର , କୋଦଳା , ଖଲିକୋଟ, ଆସିକା,ପୋଲସରା, ବ୍ରହ୍ମପୁର, ଛତ୍ରପୁର ସମେତ ଅନ୍ୟାନ୍ୟ କୋର୍ଟରେ ବିଭିନ୍ନ ମାମଲା ପରିଚାଳନା ରେ ତାଙ୍କର ଦକ୍ଷତା ରହିଥିଲା । ତାଙ୍କର ଅକାଳ ବିୟୋଗରେ ଏହି ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ମୃତ୍ୟୁ ଖବର ଶୁଣିବା ପରେ କବିସୂର୍ଯ୍ୟନଗର ଓକିଲ ସଂଘର ସମସ୍ତ ସଦସ୍ୟ ଗଭୀର ଶୋକ ପ୍ରକାଶ କରବା ସଙ୍ଗେ ସଙ୍ଗେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରାଥନା କରିଛନ୍ତି ।

ପୃଥ୍ୱୀରାଜ ହାଇସ୍କୁଲ ୧୯୯୭ ବ୍ୟାଚ୍‌ର ବନ୍ଧୁମିଳନ


ବଲାଙ୍ଗିର,୩।୧୧ :(ମନ୍ଥନ)ପୁରୁଣା ସ୍ମୃତିକୁ ସାଉଁଟିବା, ବନ୍ଧୁତ୍ୱର ଅତୁଟ ବନ୍ଧନକୁ ସୁଦୃଢ଼ କରିବା ଏବଂ ସମାଜ ପ୍ରତି ନିଜର ଦାୟିତ୍ୱବୋଧକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ବଲାଙ୍ଗିର ର ପୃଥ୍ୱୀରାଜ ହାଇସ୍କୁଲ ୧୯୯୭ ବ୍ୟାଚ୍ ଛାତ୍ରମାନଙ୍କ ଏକ ଭବ୍ୟ ବନ୍ଧୁମିଳନ ଆୟୋଜିତ ହୋଇଯାଇଛି । ଏହି ମିଳନରେ ଶତାଧିକ ଛାତ୍ର ଯୋଗଦେଇ ଉତ୍ସାହ ଓ ଆନନ୍ଦର ସହ ମିଳନ ଉତ୍ସବକୁ ଧୁମଧାମରେ ପାଳନ କରିଥିଲେ । ଏହି ମିଳନ କେବଳ ହସଖୁସି ଓ ସ୍ମୃତିଚାରରେ ସୀମିତ ନ ରହି ଏଥିରେ ଏକ ମହତ ସାମାଜିକ ଉଦ୍ଦେଶ୍ୟକୁ ମଧ୍ୟ ଗୁରୁତ୍ୱ ଦେଇଥିଲା । ବ୍ୟାଚ୍ ଆଗାମୀ ଦିନରେ ବିଭିନ୍ନ ଉନ୍ନତିମୂଳକ ଓ ଜନହିତକର କାର୍ଯ୍ୟ ହାତକୁ ନେବା ସହିତ ସମାଜର ଅସହାୟ ଲୋକଙ୍କ ପାଖରେ ଠିଆ ହେବାକୁ ନେଇ ଛାତ୍ରମାନେ ଆଲୋଚନା କରିଥିଲେ । ବିଶେଷ କରି ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ସମୟରେ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ କରିବା ସହ ଅସହାୟଙ୍କୁ ସମ୍ଭବ ମୁତାବକ ସାହାଯ୍ୟର ହାତ ବଢ଼ାଇବା ପାଇଁ ସାମୁହିକ ଭାବରେ ମତ ପ୍ରକାଶ କରିଥିଲେ । ଏହା ସହ ଅବିଷ୍ୟତରେ ଏକ ସଂଗଠିତ ମଂଚ ମାଧ୍ୟମରେ ସମାଜସେବା ଓ ଜନ କଲ୍ୟାଣମୂଳକ କାର୍ଯ୍ୟକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶେଷରେ ବନ୍ଧୁମାନେ ଆଗକୁ ନିଜକୁ ସାମାଜିକ ଆଞ୍ଚଳିକ ବିକାଶ ଦିବରେ ଯଥାଶକ୍ତି ନିବେଶ କରିବେ ବୋଲି ଶପଥ ନେଇଥିଲେ । ଆସନ୍ତା ବର୍ଷ ପୁଣି ଏହି ଦିନ ବନ୍ଧୁନିଳନରେ ସମସ୍ତେ ଏକଜୁଟ ହେବା ପ୍ରତିଶୃତି ପରେ ସଭା ସାଙ୍ଗ ହୋଇଥିଲା ।

ବାତ୍ୟା 'ମୁରାସୁ' ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ବୁଗୁଡ଼ା, ୩।୧୧ :(ମନ୍ଥନ) ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର ମୁକାବିଲା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବୁଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗରରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ତୁଳି ଆମ୍ବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସ୍ଥାନୀୟ ବିଡିଓ ଦୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ଏବିଡିଓ ଧର୍ମରାଜ ପରିଡ଼ା, ଆଇଆଇଏସ ସୀତାଂଶୁ ଶେଖର ମାନ୍ଧାତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ବୈଠକରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି, ବିପଦପୂର୍ଣ୍ଣ ଅଞ୍ଚଳ ଉପରେ ନଜର ,ଜନସାଧାରଣଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା।

ଜଳେଶ୍ୱର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' -୨୦୨୬

ଜଳେଶ୍ୱର,୩।୧୧ :(ମନ୍ଥନ)ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ,ସୃଜନଶୀଳତାର ପରିପ୍ରକାଶ ତଥା ଅନ୍ତର୍ନିହିତ କଳା ଓ ଦକ୍ଷତାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜଳେଶ୍ୱର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମହାସମାରୋହରେ ନାମ୍ପୋ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଖାଳିନା ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି।ଏହି ମହୋତ୍ସବରେ ମୋଟ ୧୭ ଟି କ୍ଲଷ୍ଟରରୁ ୪୫୬ ଜଣ ଛାତ୍ର ଛାତ୍ରୀ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଜିଲ୍ଲା ପରିଷଦଉପାଧକ୍ଷା ଅନୁସୟା ପ୍ରଧାନ ଯୋଗ ଦେଇ ଉତ୍ସବ କୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରିଥିଲେ।ମୁଖ୍ୟବକ୍ତା ରୂପେ ଜଳେଶ୍ୱର ନଗରପାଳ ପ୍ରତୀପ କୁମାର ପ୍ରଧାନ,ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ମହାପାତ୍ର,ଖାଳିନା ସରପଞ୍ଚ ମିନତୀ ପାତ୍ର,ସମିତି ସଭ୍ୟା ସସ୍ମିତା ଦତ୍ତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ



କରିଥିଲେ।ପ୍ରାରମ୍ଭରେ ସରୋଜ କୁମାର ପାଣିଗ୍ରାହୀ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ।ଉଦ୍ଘାଟନୀ ଉତ୍ସବରେ ସୁକୁମାର ମିଶ୍ର ବେଦ ପାଠ କରିଥିବା ବେଳେ ଶେଷରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନ୍ଦର ହାଂସଦା ଧନ୍ୟବାଦ ଅର୍ପଣ କରିଥିଲେ।ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟବକ୍ତା ରୂପେ ସାଂସଦ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ,ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ବୁଦ୍ଧଦେବ ଦେ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ ଅତିଥି ରୂପେ ଜଳେଶ୍ୱର ଓଷ୍ଟା ମଣ୍ଡଳ ସଭାପତି ସୁକୁମାର ମିଶ୍ର,ସମ୍ପାଦକ ହରେକୃଷ୍ଣ ଜେନା,ରାଇବଣିଆ ସମ୍ପାଦକ ହରମୋହନ ମହାନ୍ତ,ସୁବ୍ରତ ସେନାପତି, ବରିଷ୍ଠ ଶିକ୍ଷକ ବୁଦ୍ଧଦେବ ଜେନା,ହରେନ୍ଦ୍ର ମହାନ୍ତ,ରାଜେନ୍ଦ୍ର ନାୟକ,ଶ୍ୟାମ ସୁନ୍ଦର ଦେ,ସଞ୍ଜୀବ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ଓ ସୁଶାନ୍ତ ଦାସ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ଥିବା ବେଳେ ଶିକ୍ଷୟତ୍ରୀ ସବିତା ପାଠୀ ବେଦ ପାଠ କରିଥିଲେ।ଶେଷରେ ନାମ୍ପୋ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନେ ଆସନ୍ତା ନଭେମ୍ବର ୪ ତାରିଖରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ଘୋଷଣା କରାଯାଇଥିଲା। ବହୁ ସି.ଆର. ସି.ସି, ଶିକ୍ଷକ ,ଶିକ୍ଷୟତ୍ରୀ,ଅଭିଭାବକ,ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ମାନେ ଏହି ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଆଞ୍ଚଳିକ ମନ୍ଥନ

ବୁଧବାର,୪ ନଭେମ୍ବର ୨୦୨୬, ଭୁବନେଶ୍ୱର Wednesday,4 November 2026, Bhubaneswar



ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗ୍ର ପର୍ଦ୍ଦାଫାଶ୍, ୧୨ ଗିରଫ



ଖୋର୍ଦ୍ଧା,୩।୧୧ :(ମନ୍ଥନ) ଖୋର୍ଦ୍ଧା ଜିଲ୍ଲା ସମେତ ପଡ଼ୋଶୀ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାତାର ଚୋରି ଘଟଣା ଘଟାଇ ଆତଙ୍କ ସୃଷ୍ଟି କରିଥିବା ଏକ ଆନ୍ତଃଜିଲ୍ଲା ଚୋରି ଗ୍ୟାଙ୍ଗ୍ର ପର୍ଦ୍ଦାଫାସ୍ କରିଛି ଖୋର୍ଦ୍ଧା ଜିଲ୍ଲା ପୁଲିସ। ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତଙ୍କ ସମେତ ଜଣେ ଚୋରି ସାମଗ୍ରୀ ରଖିଥିବା ବେପାରୀଙ୍କୁ ମିଶାଇ ମୋଟ ୧୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ପ୍ରାୟ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଏହି ଗ୍ୟାଙ୍ଗ୍ ?ର ଗିରଫଦାରୀ ଫଳରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ୧୫ଟି ଚୋରି ମାମଲାର ସଫଳ ପର୍ଦ୍ଦାଫାସ୍ ହୋଇଛି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୭ ଓ ୨୮ ତାରିଖ ରାତିରେ ବାଣପୁରସ୍ଥିତ ନିରଞ୍ଜନ ଜୁଏଲର୍ସର ପଛପାଖ କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନରେ ପଶିଥିଲେ। ସେଠାରୁ ୫ ଲକ୍ଷ ଟଙ୍କା ନଗଦ ଅର୍ଥ, ପ୍ରାୟ ୪୦୦ ଗ୍ରାମ ସୁନା ଓ ପ୍ରାୟ ୧୩ କିଲୋଗ୍ରାମ ରୁପା ଅଳଙ୍କାର ଚୋରି କରି ନେଇଥିଲେ। ସେହିପରି ସେପ୍ଟେମ୍ବର ୧୩ ଓ ୧୪ ତାରିଖ ରାତିରେ ଟାଙ୍ଗୀ ଥାନା ଅଞ୍ଚଳରେ ଅବନୀ ବରାଳଙ୍କ ଘରର ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିଲା। ଏହା ବ୍ୟତୀତ ଟାଙ୍ଗୀ, ନାଚୁଣୀ, ବାଣପୁର ଓ ବାଲୁଗାଁ ସମେତ ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଅଞ୍ଚଳରେ ମଧ୍ୟ ଏହି ଗ୍ୟାଙ୍ଗ୍ ବିଭିନ୍ନ ଚୋରି ଘଟଣା ଘଟାଇଥିବା ଜଣାପଡ଼ିଛି।ଘଟଣାଗୁଡ଼ିକୁ ଗୁରୁତ୍ୱର ସହ ନେଇ ଖୋର୍ଦ୍ଧା ଏସ୍‌ପି ପରମାର ସ୍ମିତ ପର୍ଶଉମଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୁଲିସ ଟିମ୍ ? ଗଠନ କରାଯାଇଥିଲା। ନାଚୁଣୀ ଥାନା ଆଇଆଇସି ବିଭୂତି ଭୂଷଣ ମହାପାତ୍ର, ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ, ବାଣପୁର ଥାନା ଆଇଆଇସି ଜୟପ୍ରକାଶ ପରିଡ଼ା ଓ ବାଲୁଗାଁ ଥାନା ଆଇଆଇସି ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ଟିମ୍ ?ଗୁଡ଼ିକ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।ଦୀର୍ଘ ତଦନ୍ତ, ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ଅଭିଯୁକ୍ତଙ୍କ କାର୍ଯ୍ୟଶୈଳୀ କୁ ଅନୁଧ୍ୟାନ କରି ପୁଲିସ କୁ ଏହି ସଫଳତା ମିଳିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ୫୦୦ ଗ୍ରାମ ସୁନା ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଉଦ୍ଧାର କରାଯାଇଛି। ଟାଙ୍ଗୀ ଥାନାର ୭ଟି, ନାଚୁଣୀ ଥାନାର ୩ଟି, ବାଣପୁର ଥାନାର ୨ଟି, ବାଲୁଗାଁ ଥାନାର ଗୋଟିଏ ଏବଂ ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଥାନାର ୨ଟି ମାମଲାକୁ ମିଶାଇ ମୋଟ ୧୫ଟି ଚୋରି ମାମଲା ହୋଇଥିଲା ।ପୁଲିସର ଏହି ସଫଳତା ଫଳରେ ଦୀର୍ଘଦିନ ଧରି ଚୋରି ଘଟଣାକୁ ନେଇ ଆତଙ୍କିତ ଥିବା ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ଏହି ଚୋରି ଗ୍ୟାଙ୍ଗ୍ର ଅନ୍ୟାନ୍ୟ ଲିଙ୍କ୍ ଓ ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ପୁଲିସର ତଦନ୍ତ ଜାରି ରହିଛି ବୋଲି ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍ପି ପରମାର ସ୍ମିତ ପର୍ଶ ?ଉମଦାସ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ୩ଜଣ, ଖୋର୍ଦ୍ଧା ଜିଲ୍ଲାର ୮ଜଣ, ପୁରୀ ଜିଲ୍ଲାର ଜଣେ ଏହି ଡକାୟତି ଘଟଣାରେ ଗିରଫ ହୋଇଛନ୍ତି ବୋଲି ଏସପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଟାଙ୍ଗି ଥାନା ଅନ୍ତର୍ଗତ କୁହୁଡି ଚୁଆଟାଙ୍ଗି ର ରାଜୁ ପ୍ରଧାନ, ତୋଫାନ ସିକାରୀ (୨୨) ଓ ବାଣୀ ପ୍ରଧାନ ଓରଫ ବାଣୀ (୧୮), ବାଲୁଗାଁ ଥାନା ଦିନବନ୍ଧୁପୁର ର କାହ୍ନା ସିକାରୀ (୧୮), ବାଣପୁର ଥାନା ଜିଗିଡ଼ିପଡ଼ା ର ଗୋପାଳ ସିକାରୀ (୪୫), ନାଚୁଣି ଥାନା କରଡ଼ାପଲ୍ଲୀ ର ଅଜୟ ପ୍ରଧାନ (୨୧), ତୋଟାଗାଁ ର ସଞ୍ଜୟ ପ୍ରଧାନ (୨୩), ଗଞ୍ଜାମ ଜିଲ୍ଲା ତାରସିଂ ର ଜଳନ୍ଧର ପାତ୍ର (୪୦), ଶିବ ପାତ୍ର (୨୧), ସାଗର ପାତ୍ର (୨୨) । ସେହିପରି ଚୋରି ସାମଗ୍ରୀ ରଖିଥିବା ନାଚୁଣି ଥାନା ବଡପଦର ର ପ୍ରକାଶ ସାହୁ (୪୧) ବୋଲି ଏସ୍ପି ସୂଚନା ଦେଇଛନ୍ତି। ସେମାନଙ୍କ ନାଁ ରେ ପୂର୍ବରୁ ମକଦ୍ଦମା ରୁଜୁ ହୋଇଛି କି ନାହିଁ ପୋଲିସ ତଦନ୍ତ ଚଳାଇଛି ବୋଲି ଏସପି ସୂଚନା ଦେଇଛନ୍ତି।

ଅନୁଗୋଳ ଜିଲ୍ଲା ବ୍ରାହ୍ମଣ ମହାସଂଘ ପକ୍ଷରୁ ୟୁଜିସିକୁ ବିରୋଧ

ଅନୁଗୋଳ,୩।୧୧ :(ମନ୍ଥନ)କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା 'ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ସମାନତାର ପ୍ରୋତ୍ସାହନ)' ନିୟମାବଳୀ ୨୦୨୬କୁ ରଦ୍ଦ ଅଥବା ସଂଶୋଧନ କରିଯିବା ନିମନ୍ତେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ମାଧ୍ୟମରେ ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିଲା ।ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ସମସ୍ତଙ୍କୁ ସମାନ ସୁଯୋଗ ଓ ଅନ୍ତର୍ଭୁକ୍ତିମୂଳକ ପରିବେଶ ଯୋଗାଇବାର ଉଦ୍ଦେଶ୍ୟ ପ୍ରଶଂସନୀୟ ହୋଇଥିଲେ ମଧ୍ୟ, ୨୦୨୬ ନିୟମାବଳୀର କେତେକ ବ୍ୟବସ୍ଥା ଏକପାଖିଆ, ଭେଦଭାବପୂର୍ଣ୍ଣ ଏବଂ ଭାରତୀୟ ସମ୍ବିଧାନଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି । ଯେଉଁଥିରେ ଧାରା ୧୪ର ଉଲ୍ଲଂଘନ (ସମାନତାର ଅଧିକାର) ।୨୦୨୬ ନିୟମାବଳୀରେ ଜାତିଭିତ୍ତିକ ଭେଦଭାବର ସଂଜ୍ଞାକୁ କେବଳ ଅନୁସୂଚିତ ଜାତି (SC), ଅନୁସୂଚିତ ଜନଜାତି (ST) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (OBC) ମଧ୍ୟରେ ସୀମିତ ରଖାଯାଇଛି। ଏହା ଏକ ଅସମାନ ଆଇନଗତ ବ୍ୟବସ୍ଥା ସୃଷ୍ଟି କରୁଛି, ଯାହା ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଆଇନଗତ ସମାନ ସୁରକ୍ଷାରୁ ବଞ୍ଚିତ କରୁଛି। କ୍ୟାମ୍ପସରେ ସମସ୍ତ ବର୍ଗର ଛାତ୍ରଛାତ୍ରୀ ହଇରାଣ ଓ ନିର୍ଯ୍ୟାତନାର ଶିକାର ହେଉଥିବା ସତ୍ତ୍ୱେ ଏପରି ବ୍ୟବସ୍ଥା ରହିଛି।ଏହି ନିୟମାବଳୀରେ ଅଭିଯୁକ୍ତଙ୍କୁ ପୂର୍ବରୁ ଦୋଷୀ ବୋଲି ଧରିନେବା ଭଳି ବ୍ୟବସ୍ଥା ରହିଛି। ଏହାଦ୍ୱାରା ପ୍ରମାଣ ଦାଖଲ କରିବାର ସମସ୍ତ ଦାୟିତ୍ୱ ଅଭିଯୁକ୍ତଙ୍କ ଉପରେ ନ୍ୟସ୍ତ ହେଉଛି। ୨୦୧୨ ମସିହାର ନିୟମାବଳୀରେ ମିଥ୍ୟା କିମ୍ବା ଉଦ୍ଦେଶ୍ୟମୂଳକ ଅଭିଯୋଗ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ଥିଲା, ଯାହାକୁ ବର୍ତ୍ତମାନ ହଟାଇ ଦିଆଯାଇଛି। ଫଳରେ ପ୍ରତିଶୋଧମୂଳକ କିମ୍ବା ମନ୍ଦ ଉଦ୍ଦେଶ୍ୟରେ ମାମଲା ଦାୟର ହେବାର ଆଶଙ୍କା ବଢ଼ିଯାଇଛି।ମାନ୍ୟବର ସୁପ୍ରିମକୋର୍ଟ ମତ ଦେଇଛନ୍ତି ଯେ, 'ଅଲଗା କରି ରଖିବା' (Isolation) ଏବଂ 'ମେଣ୍ଟରସିପ୍ ଗ୍ରୁପ୍' (Mentorship Groups) ଭଳି ଶବ୍ଦଗୁଡ଼ିକର



ସ୍ପଷ୍ଟ ପରିଭାଷା ନାହିଁ। ଏହା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମନମୁଖୀ ଭାବରେ ନିୟମର କାର୍ଯ୍ୟକାରିତା ହେବାର ଆଶଙ୍କା ସୃଷ୍ଟି କରୁଛି।୨୦୧୨ ମସିହାର ନିୟମାବଳୀ ତୁଳନାରେ, ୨୦୨୬ ନିୟମାବଳୀରେ ରାଗିଂକୁ ସ୍ପଷ୍ଟ ଭାବରେ ଭେଦଭାବର ଏକ ରୂପ ଭାବେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ରାଗିଂ ଏବେ ମଧ୍ୟ ନିର୍ଯ୍ୟାତନାର ଏକ ପ୍ରମୁଖ ରୂପ ହୋଇ ରହିଛି ବୋଲି ଅନୁଗୋଳ ଜିଲ୍ଲା ବ୍ରାହ୍ମଣ ମହାସଂଘ କ୍ଷୋଭ ପ୍ରକାଶ କରିଛି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ମହାସଂଘ ସଭାପତି ଆରତ ଭଞ୍ଜନ ଦାଶଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ।

ଅର୍ଣ୍ଣବ ବନ୍ୟାପୀଡିତ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫିଜ୍ ଛାଡ଼ କରାଯାଉ

ଗଞ୍ଜାମ,୩।୧୧ :(ମନ୍ଥନ)ଅର୍ଣ୍ଣବ ବାତ୍ୟା ଯୋଗୁଁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ହଜାର ହଜାର ଲୋକ ପାଣି ଘେରରେ ରହି ନିଜର ସର୍ବସ୍ୱ ହରାଇଛନ୍ତି। ଏପର୍ଯ୍ୟନ୍ତ ସେମାନେ ନିଜ ଘରକୁ ଫେରିପାରୁନାହାନ୍ତି।

ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଛି। ଯାହା ଫଳରେ ଫର୍ମ ପୂରଣ ପାଇଁ ଅର୍ଥ ବାଧକ ସାଜିବ। ଏହାକୁ ଦୃଷ୍ଟିରେ ରଖି 'ଭରସା' ଅନୁଷ୍ଠାନର ସମ୍ପାଦକ ତଥା ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଈଦୁର୍ଗା ମାଧବ ପାଣିଗ୍ରାହୀ, ମାଧ୍ୟମିକ, ଉଚ୍ଚମାଧ୍ୟମିକ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ବିଦ୍ୟାର୍ଥୀ (ପିଜି +୩, +୨ ଓ ମେଟ୍ରିକ୍) ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫିଜ୍ ଛାଡ଼ କରିବା ପାଇଁ ଦାବି କରିବା ସହ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଯାହା ଫଳରେ ହଜାର, ହଜାର ଛାତ୍ର ଛାତ୍ରୀ ପରୀକ୍ଷା ଦେବା ପାଇଁ ସମର୍ଥ ହୋଇପାରିବେ ବୋଲି ସାଧାରଣରେ ଦାବି ହୋଇଛି । ଅତୀତରେ ବନ୍ୟା ଓ ବାତ୍ୟା ସମୟରେ ପରୀକ୍ଷା ଫି ଛାଡ଼ କରାଯିବାର ନଜିର ଅଛି ।

ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

ଅସ୍ତରଙ୍ଗ , ୩।୧୧ :(ମନ୍ଥନ) ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ମୁଖ୍ୟାଳୟ ର ମା' ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୪୬ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ରବିବାର ରାତ୍ରରେ ଉଦ୍ ଘାଟିତ ହୋଇଯାଇଛି । ମା ଲକ୍ଷ୍ମୀ କ୍ଲବ୍ ର କାର୍ଯ୍ୟକାରୀ ସଭାପତି ଚିତ୍ରସେନ ପ୍ରଧାନ ଙ୍କ ସଭାପତିତ୍ୱ ରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା , ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ପୁରୀ ତଥା ବିଜୁ ଜନତା ଦଳ ର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ସ୍ୱାଧୀନ କୁମାର ନାୟକ , ଅସ୍ତରଙ୍ଗ ବ୍ଲକ ବିଜୁ ଜନତା ଦଳ ସଭାପତି ଶ୍ରୀଯୁକ୍ତ ପଞ୍ଚାନନ ସ୍ୱାଇଁ ଓ ସମାଜସେବୀ ସୂର୍ଯ୍ୟକାନ୍ତ ମଲ୍ଲିକ୍ ପ୍ରମୁଖ ଯୋଗଦେଇଥିଲେ। ଏହି ନାଟକ ପ୍ରତିଯୋଗିତା ମାଧ୍ୟମରେ ଅଂଚଳ ରେ ନାଟ୍ୟ କଳା ଓ ସଂସ୍କୃତି କୁ ବଞ୍ଚାଇ ଏହି ଅଂଚଳ ର ଯୁବ ସାଥି ମାନଂକୁ ଉତ୍ସାହିତ କରିବା ସହ କଳାକାର ଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ ପାଇଁଥିପାଇଁ ଅନୁଷ୍ଠାନ ର ଉତ୍ତରୋତ୍ତର କାମନା କରିଥିଲେ। ମା ଲକ୍ଷ୍ମୀ କ୍ଲବ ର ସଦସ୍ୟ ମାନଙ୍କୁ ନେଇ ପ୍ରଥମ ରାତ୍ରରେ ଏକ ସମାଜରେ ଶିକ୍ଷଣୀୟ ନାଟକ ' ପୁଅ ଜନ୍ମକରିପାପ କରିଛି ପରିବେଷଣ କରାଯାଇଥିଲା । ଏହି ଅବସରରେ ବ୍ଲକ୍ ଯୁବ ବିଜୁ ଜନତା ଦଳ ସଭାପତି ପ୍ରଶାନ୍ତ କୁମାର ନାୟକ , ପ୍ରଦୀପ୍ତ ବସ୍ତିଆ ଏବଂ କ୍ଲବର କାର୍ଯ୍ୟକର୍ତ୍ତା ଦେବାଶିଷ ବାରିକ୍ , ମନୋଜ କୁମାର ବିଶ୍ୱାଳ , ଦିଲ୍ଲୀପ କୁମାର ଦାସ ଙ୍କ ସମେତ କ୍ଲବ୍ ର ସମସ୍ତ ସଦସ୍ୟ ଏବଂ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଶେଷରେ କ୍ଲବ୍ର କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ପ୍ରଧାନ ଅତିଥିମାନଙ୍କୁ ଉପହାର ମାଧ୍ୟମରେ ମା ଲକ୍ଷ୍ମୀ ଙ୍କ ର ଫଟୋ ପ୍ରଦାନ କରିଥିଲେ ।

ଅନଫିଟ ସାର୍ଟିଫିକେଟ ପ୍ରଦାନ ପାଇଁ କିରାଣୀ ଲାଞ୍ଚ ମାଗିବା ଅଭିଯୋଗ

ନବରଙ୍ଗପୁର,୩।୧୧ :(ମନ୍ଥନ) ସ୍ୱାମୀଙ୍କ ମୃତ୍ୟୁ ପରେ ପୁଅକୁ ଚାକିରି ମିଳିବା ଆଶାରେ ସରକାରୀ ଦପ୍ତରକୁ ଦୌଡୁଥିଲେ ବିଧବା ମହିଳା। ହେଲେ ସହାୟତା ବଦଳରେ ମିଳିଲା ହଇରାଣ ଓ ଲାଞ୍ଚ ଦାବିର ଅଭିଯୋଗ। ଚାରି ମାସ ହେଲା ଗୋଟିଏ ଅନଫିଟ ସାର୍ଟିଫିକେଟ ପାଇଁ ଚାଲିଥିଲା ଦୌଡା ଦୌଡି। ଶେଷରେ ୨୫ ହଜାର ଟଙ୍କା ଲାଞ୍ଚ ଦାବିକୁ ନେଇ ତୁମୁଳ କାଣ୍ଡ। ଏଭଳି ଅଭିଯୋଗ ଆସିଛି ନବରଙ୍ଗପୁର CDMO କାର୍ଯ୍ୟାଳୟରୁ।ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ପୂଜାରୀଗୁଡ଼ା ଗ୍ରାମର ଯୋଶଦା ଗଣ୍ଡ। ତାଙ୍କ ସ୍ୱାମୀ ମଙ୍ଗତୁ ଗଣ୍ଡ ଚୁଆଁମାଟିଗୁଡ଼ା ବିଦ୍ୟାଳୟରେ ଶିକ୍ଷକ ଥିବାବେଳେ ବର୍ଷେ ତଳେ ମୃତ୍ୟୁବରଣ କରିଥିଲେ। ପୁନର୍ବାସ ଯୋଜନାରେ ଚାକିରି ଦେବା ପାଇଁ ସ୍ତ୍ରୀ ଭାବେ ଯୋଶଦାଙ୍କ ପ୍ରଥମ ଅଧିକାର ଥିବାବେଳେ ଶାରୀରିକ ଅକ୍ଷମତା କାରଣରୁ ସେ ପୁଅକୁ ଚାକିରି ସୁଯୋଗ ଦେବା ପାଇଁ ନିଜର ଅନଫିଟ ସାର୍ଟିଫିକେଟ Cdmo ଙ୍କ କାର୍ଯ୍ୟାଳୟରେ ୪ମାସ ତଳୁ ଆବେଦନ କରିଥିଲେ । ହେଲେ ଅଭିଯୋଗ ଅନୁସାରେ, ଉକ୍ତ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଦିଲ୍ଲୀପ କୁମାର ସାହୁ ମେଡିକାଲ କମିଟିର ଡାକ୍ତରଙ୍କ ଦସ୍ତଖତ ଆଳରେ ତାଙ୍କୁ ବାରମ୍ବାର ଦୌଡ଼ାଇଥିଲେ। ଏପରିକି ପ୍ରତ୍ୟେକ ଡାକ୍ତରଙ୍କ ପାଇଁ ୫ ହଜାର ଟଙ୍କା ହିସାବରେ ମୋଟ ୨୫ ହଜାର ଟଙ୍କା ଦାବି କରିଥିବା ଯୋଶଦା ଅଭିଯୋଗ କରିଛନ୍ତି। ଅସମର୍ଥତା ଜଣାଇ ହଜାରେ ଟଙ୍କା ଦେବା ପାଇଁ ରାଜି ହୋଇଥିଲେ ମଧ୍ୟ ସାର୍ଟିଫିକେଟ ମିଳିନଥିଲା । ଏହାକୁ ନେଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପୂଜାରୀ କାର୍ଯ୍ୟାଳୟରେ ପହଞ୍ଚି କିରାଣୀଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ସମେତ ବିଜେଡି ନେତାମାନେ ଉକ୍ତଙ୍କୁ ଭେଟି ଘଟଣାର ତଦନ୍ତ ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଦାବି କରିଥିଲେ। ଶେଷରେ ଯୋଶଦା ନବରଙ୍ଗପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ଏତଲା ଗ୍ରହଣ କରି ତଦନ୍ତ ଚଳାଇଛି ।

ଅଭିଯୋଗ ଶୁଣାଣି ଶିବିରରେ ବିଂଝାରପୁରବାସୀ ଆଣିଛନ୍ତି ଗୁରୁତର ଅଭିଯୋଗ

ଯାଜପୁର,୩।୧୧ :(ମନ୍ଥନ) ଯାଜପୁର ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ଶିବିରରେ ବିଂଝାରପୁର ଅଂଚଳର ସାମାଜିକ କର୍ମୀ ପଦ୍ମାକର ଗୁରୁଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିବାସୀ ଆଣିଛନ୍ତି ଗୁରୁତର ଅଭିଯୋଗ। ଅଭିଯୋଗ ମୁତାବକ ଯାଜପୁର ଜିଲ୍ଲା ବିଂଝାରପୁର ଅଂଚଳରେ ବେଆଇନ ବାଲି ଖନନ ଓ ବାଲି ଚୋରା ଚାଲାଣ କରାଯାଇ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପୋଲିସ ପ୍ରଶାସନ ଓ ଖଣି ବିଭାଗର ମଧୁଚନ୍ଦ୍ରିକାରେ ଏହି ବେଆଇନ କାରବାରକୁ ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହ ଅଳକୁଣ୍ଡ ଓ ବିଂଝାରପୁର ଥାନା ଅଂଚଳରେ ପୋଲିସର ନିଷ୍କ୍ରିୟତା ଯୋଗୁଁ ଆଇନୀ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା କୁହାଯାଇଛି। ବିଂଝାରପୁର ଅଂଚଳର ଏହିଭଳି ଅନେକ ଗୁଡିଏ ସମସ୍ୟା ନେଇ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିବା ଜିଲ୍ଲାପାଳ ଓ ଏସପିଙ୍କୁ ଅବଗତ କରାଯାଇଥିଲା। ଏସବୁର ତଦନ୍ତ କରାଯାଇ ସମ୍ପୂର୍ଣ୍ଣ ରୂପେ ବେଆଇନ କାରବାର ରୋକିବା ସହିତ ବିଧି ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି। ସେପଟେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଭରସା ଯୋଗ୍ୟ ପ୍ରତିଶୃତି ଦିଆଯାଇଥିବା କୁହାଯାଇଛି।

ଜାତୀୟସ୍ତରୀୟ କୁସ୍ତିରେ ଓଏଭି କରାପଲ୍ଲୀର ଅଭିଲାଷ

ଗୋପାଳପୁର,୩।୧୧ :(ମନ୍ଥନ)ଏସ୍ ଜି ଏଫ୍ ଆଇ ତରଫରୁ ୩୧ ଅକ୍ଟୋବର ରୁ ୫ ନଭେମ୍ବର ଯାଏଁ ନୂଆ ଦିଲ୍ଲୀ ଠାରେ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଗଞ୍ଜାମ ସ୍ଥିତ ରଙ୍ଗେଇଲୁଣ୍ଡା ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କରାପଲ୍ଲୀର ଛାତ୍ର ଅଭିଲାଷ ପ୍ରଧାନ ଅଂଶଗ୍ରହଣ କରିବା ନିମନ୍ତେ ଦିଲ୍ଲୀ ଗସ୍ତ କରିଛନ୍ତି । ପୁରୀରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ସେ ଉଚ୍ଚ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ପାଇବା ସହିତ ଜାତୀୟସ୍ତରକୁ ମନୋନୀତ ହୋଇଥିଲେ । ତେବେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେ ଉଚ୍ଚ ପ୍ରଦର୍ଶନ କରିବେ ବୋଲି ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ମିଶ୍ର ଆଶା ପ୍ରକାଶ କରିଛନ୍ତି ।

ଅରିସଲ ରଘୁନାଥଦେବଙ୍କ ମନ୍ଦିରରୁ ଚୋରୀ ଅଭିଯୋଗ ; ୨ଅଟକ

ଡେଲାଙ୍ଗ,୩।୧୧ :(ମନ୍ଥନ)ଡେଲାଙ୍ଗ ଥାନା ଅନ୍ତର୍ଗତ ଅରିସଲ ଗ୍ରାମର ଥିବା ରଘୁନାଥଦେବଙ୍କ ମନ୍ଦିରରୁ ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତିକରି ଡେଲାଙ୍ଗ ଥାନାରେ ୩୫୨/୨୬ରେ ଏକ ମାମଲା ରୁଜୁ କରାଯାଇଛି । ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହ ଦୁଇ ଜଣ କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଥିବା ବିଶେଷ ସୂତ୍ରରୁ ସୁଚନା ମିଳିଛି । ତେବେ ମିଳିଥିବା ସୁଚନା ମୁତାବକ କେତେକ ଦୁର୍ବୃର୍ତ ସୋମବାର ବିଳମ୍ବିତ ରାତିରେ ମନ୍ଦିରର ଗେଟ ତାଲା ଭାଙ୍ଗି ଭିତରେ ପଶି ବାସନ କୁସନ ,ଭୋଗ ଥାଳି ଆଦି ବିଭିନ୍ନ ସାମଗ୍ରୀ ଓ ଆସବାବପତ୍ରକୁ ଚୋରୀ କରି ନେଇଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରିଥିଲେ । ଡେଲାଙ୍ଗ ପୋଲିସ ପହଂଚି ତଦନ୍ତ ଚଳାଇଥିବା ସହ ଖୁବଶିଘ୍ର ଅଭିଯୁକ୍ତ ମାନଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ପୁର୍ଣ୍ଣଚନ୍ଦ୍ର ସେଠୀ ସୁଚନା ଦେଇଛନ୍ତି ।

ଯାଜପୁରରେ ମଧୁସଙ୍ଗୀତମର 'ଚରଣ ସ୍ପର୍ଶ ଉତ୍ସବ ୨୦୨୬' ମହାସମାରୋହରେ ପାଳିତ

ଯାଜପୁର,୩।୧୧ :(ମନ୍ଥନ) ଯାଜପୁରର ଏକ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ 'ମଧୁସଙ୍ଗୀତମ୍' ପକ୍ଷରୁ ଗୁରୁ-ଶିଷ୍ୟ ପରମ୍ପରା ଏବଂ ପୂଜ୍ୟ ପୂଜାର ବାର୍ତ୍ତା ବହନ କରିବା ପାଇଁ ଯାଜପୁର ଟାଉନ ସ୍ଥିତ ସୁଭଦ୍ରା ଶକ୍ତି କେନ୍ଦ୍ରରେ 'ଚରଣ ସ୍ପର୍ଶ ଉତ୍ସବ ୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସଙ୍ଗୀତ ସାଧକ ମାନେ ଯଥା ଗୁରୁ ପଣ୍ଡିତ ଡକ୍ଟର ହରମୋହନ ଖୁଂଟିଆ, ଗୁରୁ ପଣ୍ଡିତ ରାମହରି ଦାସ ଏବଂ ଗୁରୁ ପଣ୍ଡିତ ସଚିଦାନନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ମହିମାମଣ୍ଡିତ କରିଥିଲେ। ତତ୍‌ସହିତ ପ୍ରଫେସର ରାଧାରମଣ ଦାସ, ଗୁରୁ କୈଳାଶ ଚନ୍ଦ୍ର ଗୋଛାୟତ, ଗୁରୁ ଗୌରାଙ୍ଗ ଚରଣ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ମହାରଣା ଓ ଭରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ଶୋଭାବର୍ଦ୍ଧନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହାପରେ ମଧୁସଙ୍ଗୀତମ୍ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସହ ଗୀତଗୋବିନ୍ଦ ଓ ଭଜନ ଇତ୍ୟାଦି ମନୋମୁଗ୍ଧକର ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତବଲାରେ ତବଲା ଗୁରୁ ଗୌରାଙ୍ଗ ଚରଣ ପାଣିଗ୍ରାହୀ, ମର୍ଦ୍ଦଳରେ



ମାଧବ ଶ୍ରୀନନ୍ଦନ ସାହୁ ଏବଂ ହାରମୋନିୟମରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଗୁରୁ ପଣ୍ଡିତ ହରମୋହନ ଖୁଂଟିଆଙ୍କୁ ' ମଧୁସଙ୍ଗୀତମ୍ ମହାମଣି ସମ୍ମାନ',ଗୁରୁ ପଣ୍ଡିତ ରାମହରି ଦାସଙ୍କୁ ' ମଧୁସଙ୍ଗୀତମ୍ ସଙ୍ଗୀତ ଶିରୋମଣି ସମ୍ମାନ' ,ଗୁରୁ ପଣ୍ଡିତ ସଚିଦାନନ୍ଦ ଦାସଙ୍କୁ ' ମଧୁସଙ୍ଗୀତମ୍ ତାଳମଣି ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଏହାପରେ ଗୁରୁ ଅକ୍ଷୟ କୁମାର ପଣ୍ଡା, ଗୁରୁ ପୃଥ୍ୱିରାଜ ପଣ୍ଡା ଏବଂ ଗୁରୁ ସୁକଦେବ ନାୟକଙ୍କୁ ' ମଧୁସଙ୍ଗୀତମ୍ ପ୍ରତିଭା ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ର ଛାତ୍ରୀ ସୁଶ୍ରୀ ଏମ ବିଜୟଲକ୍ଷ୍ମୀ ମାନପତ୍ର ଗୁଡିକୁ ପାଠ କରିଥିଲେ। ତତ୍ ସହିତ, ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ୨୦୨୫ କେନ୍ଦ୍ରବୃତ୍ତି ଲାଭ କରିଥିବା ଅନୁଷ୍ଠାନର ପ୍ରତିଭାବାନ ଛାତ୍ର ସମ୍ବିତ ସାହୁଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅତିଥିମାନଙ୍କ ଦ୍ୱାରା ମଧୁସଙ୍ଗୀତମର ବାର୍ଷିକ ସାଂସ୍କୃତିକ ପତ୍ରିକା 'ଭାବାଞ୍ଜଳି' ଉନ୍ମୋଚିତ ହୋଇଥିଲା। ସମ୍ବର୍ଦ୍ଧନା ପର୍ବରେ ଅତିଥିମାନେ ସେମାନଙ୍କର ସ୍ୱଚ୍ଛ ବକ୍ତବ୍ୟ ରଖି ସଙ୍ଗୀତ ଅନୁଷ୍ଠାନର ଉତରୋତର ଉନ୍ନତି କାମନା କରିଥିଲେ। ସମ୍ବର୍ଦ୍ଧନା ପର୍ବ ପରେ ଗୁରୁ ପଣ୍ଡିତ ରାମହରି ଦାସ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଏହାର ବିଭିନ୍ନ ପର୍ଯ୍ୟାୟଭୁକ୍ତ ସଙ୍ଗୀତ ପରିବେଷଣ କରିଥିଲେ । ତାଙ୍କ ସହ ମର୍ଦ୍ଦଳରେ ପଣ୍ଡିତ ସଚିଦାନନ୍ଦ ଦାସ ଏବଂ ହାରମୋନିୟମରେ ଡକ୍ଟର ହିମାଂଶୁ ଶେଖର ସ୍ୱାଇଁ ସହଯୋଗ କରିଥିଲେ। ପରେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ଦ୍ୱାରା ପଣ୍ଡିତ ହରମୋହନ ଖୁଂଟିଆଙ୍କ (ସଂଯୋଜିତ) ଓଡ଼ିଶୀ ପରିବେଷଣ କରାଯାଇଥିଲା। ତାଙ୍କ ସହ ତବଲାରେ ନିଜେ ପଣ୍ଡିତ ହରମୋହନ ଖୁଂଟିଆ ଏବଂ ହାରମୋନିୟମରେ ଆକାଶ ବିଶ୍ୱାଳ ସହଯୋଗ କରିଥିଲେ। ଏହାପରେ ପଣ୍ଡିତ ହରମୋହନ ଖୁଂଟିଆଙ୍କ ଦ୍ୱାରା ଏକକ ତବଲା ବାଦନ ପରିବେଷିତ ହୋଇଥିଲା। ଏହି ସମୟରେ ତାଙ୍କର ସୁପୁତ୍ର ବିଶିଷ୍ଟ ସୀତାରବାଦକ ଚକ୍ରଧର ଖୁଂଟିଆ ମହୋଦୟ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ଶେଷରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ସୁନ୍ଦର ଉତ୍ସବଟିର ସାଉଣ୍ଡ ପରିଚାଳନା ଆକାଶରଞ୍ଜନ ବିଶ୍ୱାଳ କରିଥିବା ବେଳେ ଭିଡିଓ ଓ ଫଟୋଗ୍ରାଫି ଅଶୋକ କୁମାର ସାହୁ କରିଥିଲେ। ସର୍ବୋପରି ସମଗ୍ର କାର୍ଯ୍ୟକ୍ରମଟିକୁ ଅତି ସୁନ୍ଦର ଭାବରେ ସଂଚାଳନ କରିଥିଲେ ପ୍ରିୟରଞ୍ଜନ କର ତାଙ୍କୁ ସହଯୋଗ କରିଥିଲେ ପଂଚାନନ ମହାରଣା। ଏହି ବର୍ଣ୍ଣାଢ୍ୟ ପରିବେଶରେ ଯାଜପୁରର ସାମ୍ବାଦିକ ବନ୍ଧୁଗଣ, ସଙ୍ଗୀତପ୍ରେମୀ, ବହୁ ବିଶିଷ୍ଟ ବ୍ୟକ୍ତିମାନେ, ଅନୁଷ୍ଠାନର ସମସ୍ତ ଛାତ୍ର ଛାତ୍ରୀ ଏବଂ ସମସ୍ତ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଉପଭୋଗ କରିଥିଲେ।

ପୋଖରୀରେ ବୁଡ଼ି ଶିଶୁପୁତ୍ରର ମୃତ୍ୟୁ

ବୁଗୁଡା,୩।୧୧ :(ମନ୍ଥନ) ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଲଖାଳି ଗ୍ରାମରେ ପୋଖରୀରେ ବୁଡି ଦେଢବର୍ଷର ଶିଶୁପୁତ୍ରଟିଏ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତ ଶିଶୁଟି ହେଲା ସାଗର ରଣାଙ୍କ ପୁଅ ଦିବ୍ୟାଂଶୁ ରଣା। ଘଟଣାରୁ ପ୍ରକାଶ ଯେ, ଘର ଲୋକଙ୍କ ନଜରରୁ ଖସିଆସି ଶିଶୁଟି ବାରିପଟ ପୋଖରୀକୁ ଚାଲିଯାଇଥିଲା। ଶିଶୁଟିକୁ ଘରେ ନପାଇ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ତାକୁ ପୋଖରୀରେ ଭାସମାନ ଅବସ୍ଥାରେ ପାଇଥିଲେ। ଶିଶୁଟିକୁ ପୋଖରୀରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୩୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏଏସଆଇ ଉପେନ୍ଦ୍ର କ୍ରାସ୍କା ରହିଥିବା ଜଣାଯାଇଛି।

ହରିରାଜପୁର ଅଂଚଳରୁ ବେଆଇନ ବାଣ ଜବତ

ଡେଲାଙ୍ଗ,୩।୧୧ :(ମନ୍ଥନ) ଡେଲାଙ୍ଗ ଓ ହରିରାଜପୁର ଫାଣ୍ଡି ପୋଲିସର ମିଳିତ ଉଦ୍ୟମରେ ବିପୁଳ ପରିମାଣ ବେଆଇନ ବାଣ ଜବତ ହୋଇଛି । କିନ୍ତୁ ପୋଲିସକୁ ଦେଖି ଅଭିଯୁକ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ତେବେ ମିଳିଥିବା ସୁଚନା ମୁତାବକ ବିଶେଷ ସୁତ୍ରରୁ ଖବର ପାଇ ପୋଲିସ ଅଚାନକ ହରିରାଜପୁର ଫାଣ୍ଡି ଅଧିନସ୍ଥ ତରଡା ଗ୍ରାମରେ ବେଆନ ବାଣ ବିକ୍ରି କରୁଥିବା ଜଣକ ଘରେ ଚଢାଉ କରିଛି । ଅଭିଯୁକ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସେଠାରୁ ବିଭିନ୍ନ ପ୍ରକାରର ବାଣକୁ ପୋଲିସ ଜବତ କରିଥିଲା । ଏନେଇ ଡେଲାଙ୍ଗ ଥାନାରେ ୩୫୧/୨୬ରେ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତକୁ ଧରିବାରେ ପୋଲିସ ବଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଥାନା ଅଧିକାରୀ କହିଛନ୍ତି । ଅନ୍ୟପଟେ ଦୀପାବଳୀ କୁ ଲକ୍ଷ୍ୟ ରଖି ପୁରୀ ଏସ୍ପି ପ୍ରତିକ ସିଂହ ଙ୍କ ନିର୍ଦ୍ଦେଶକ୍ରମେ ବେଆଇନି ବାଣ ବିକ୍ରି ଓ ତିଆରୀ ଉପରେ ଡେଲାଙ୍ଗ ପୋଲିସ କଡା ନଜର ରଖିବା ସହ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ନେଇ ଥାନା ଅଧିକାରୀ ପୁର୍ଣ୍ଣଚନ୍ଦ୍ର ସେଠୀଙ୍କ ଠାରୁ ସୁଚନା ।

ବିଭିନ୍ନ ଦାବି ଓ ସମସ୍ୟା ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି ଯାଜପୁରର ବିଶ୍ୱହିନ୍ଦୁ ପରିଷଦ

ଯାଜପୁର,୩।୧୧ :(ମନ୍ଥନ) ବିଭିନ୍ନ ଦାବି ଓ ସମସ୍ୟା ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି ଯାଜପୁରର ବିଶ୍ୱହିନ୍ଦୁ ପରିଷଦ। ଅଭିଯୋଗ ମୁତାବକ ଯାଜପୁର ପୌରାଂଚଳରେ ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡିଛି। ଯାତାୟାତରେ ନାନା ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏପରିକି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବି ରାସ୍ତାଘାଟ ଖାଲଖମାରେ ପୂରିଛି। ରାସ୍ତା ମରାମତି ନାମରେ ବ୍ୟାପକ ଦୁର୍ନୀତି ହେଉଛି। ସେହିପରି ଜିଲ୍ଲା ହେଡ୍‌କ୍ୱାଟରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ଦେଖାଦେଉଛି। ମାତ୍ର ବାରମ୍ବାର ଅଭିଯୋଗ ହେଉଥିଲେ ବି ଏ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ନିଦାବିଷ୍ଟ ସାଜିଛନ୍ତି। ସେହିପରି ସହରାଂଚଳ ହେଉ କି ଗ୍ରାମାଂଚଳ ପ୍ରାୟ ସବୁଠି ଗୋରୁଗାଈଙ୍କ ସୁରକ୍ଷା ଓ ରାକ୍ଷଣବେକ୍ଷଣର ସୁବନ୍ଦୋବସ୍ତ କରାଯାଉନାହିଁ। ଏପରିକି ଗ୍ରାମାଂଚଳରେ ଥିବା ଗୋଶାଳା ଗୁଡ଼ିକୁ ଗୋଖାଦ୍ୟ ଆଦି କୌଣସି ସରକାରୀ ଅନୁଦାନ ମିଳୁନାହିଁ। ଗୋଚର ଜମି ଜବର ଦାଖଲ ହେଉଛି। ଅଧିକାରୀଙ୍କୁ ପଚାରିଲେ ଏହାର ସଠିକ ଉତର ମିଳୁନି। ଅବିଳମ୍ବେ ଏସବୁ ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ଏହାକୁ ନେଇ ବିଶ୍ୱହିନ୍ଦୁ ପରିଷଦ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ବୁଧବାର ୦୪ ନଭେମ୍ବର, ୨୦୨୬, ଭୁବନେଶ୍ୱର

Wednesday November 04, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ମହାନ ଚିକିତ୍ସକଙ୍କ ବିଦାୟ

ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ମୃତ୍ୟୁ କେବଳ ଓଡ଼ିଶାର ନୁହେଁ, ସମଗ୍ର ଦେଶର ଚିକିତ୍ସା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । କିଛି ବିଦାୟ କେବଳ ଜଣେ ମଣିଷଙ୍କ ଜୀବନର ଅନ୍ତ ନୁହେଁ, ସେଗୁଡ଼ିକ ଏକ ଯୁଗର ଅବସାନ । କିଛି ମଣିଷଙ୍କ ଅନୁପସ୍ଥିତି କେବଳ ଗୋଟିଏ ପରିବାରକୁ ନୁହେଁ, ଅସଂଖ୍ୟ ପରିବାରର ଆଶା, ବିଶ୍ୱାସ ଓ ଭରସାକୁ ନିରବ କରିଦିଏ । ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ପରଲୋକ ସେହିଭଳି ଏକ ଦୁଃଖଦ ମୁହୂର୍ତ୍ତ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଗର୍ବିତ ସନ୍ତାନଙ୍କୁ ହରାଇଛି, ଦେଶ ଜଣେ ଅସାଧାରଣ ଚିକିତ୍ସକଙ୍କୁ ହରାଇଛି ଏବଂ ଚିକିତ୍ସା ଜଗତ ଜଣେ ଦୂରଦର୍ଶୀ ଶିକ୍ଷକ, ଗବେଷକ ଓ ମାନବସେବୀଙ୍କୁ ହରାଇଛି । ୭୪ ବର୍ଷ ବୟସରେ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିବା ଖବର ଅସଂଖ୍ୟ ଲୋକଙ୍କ ହୃଦୟକୁ ଶୋକାକୁଳ କରିଛି । ଜୀବନରେ ଏମିତି କିଛି ମଣିଷ ଥାଆନ୍ତି, ଯେଉଁମାନଙ୍କ ପରିଚୟ ସେମାନଙ୍କ ପଦପଦବୀ କିମ୍ବା ସମ୍ମାନରେ ସୀମିତ ରହେ ନାହିଁ; ସେମାନଙ୍କ ପରିଚୟ ରହିଯାଏ ସେମାନଙ୍କ ଦ୍ୱାରା ବଞ୍ଚିଯାଇଥିବା ଜୀବନରେ, ସେମାନଙ୍କଠାରୁ ଶିକ୍ଷା ପାଇଥିବା ପିଢ଼ିରେ ଏବଂ ସେମାନଙ୍କ କାର୍ଯ୍ୟରୁ ପ୍ରେରଣା ପାଇଥିବା ସମାଜରେ । ଡା. ମହାପାତ୍ର ସେହି ବିରଳ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଜଣେ । ମସ୍ତିଷ୍କ ଓ ସ୍ନାୟୁ ସମ୍ବନ୍ଧୀୟ ଜଟିଳ ରୋଗର ଚିକିତ୍ସା କ୍ଷେତ୍ରରେ ତାଙ୍କର ଦକ୍ଷତା, ଅଭିଜ୍ଞତା ଓ ଅବଦାନ ତାଙ୍କୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । କିନ୍ତୁ ତାଙ୍କ ମହାନତାର ପ୍ରକୃତ ମାପକାଠି ଥିଲା ତାଙ୍କର ମାନବିକତା ଓ ଚିକିତ୍ସାକୁ ସେବା ଭାବରେ ଦେଖିବାର ଦୃଷ୍ଟିଭଙ୍ଗୀ । ଜଣେ ଚିକିତ୍ସକଙ୍କ ହାତରେ କେବଳ ଶଲ୍ୟଚିକିତ୍ସାର ଉପକରଣ ନଥାଏ, ଥାଏ ଅନ୍ୟ ଜଣଙ୍କ ଜୀବନକୁ ନୂଆ ସୁଯୋଗ ଦେବାର ଦାୟିତ୍ୱ । ଏହି ଦାୟିତ୍ୱକୁ ସେ ନିଜର ଜୀବନବ୍ରତ ଭାବରେ ଗ୍ରହଣ କରିଥିଲେ । ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବରେ ତାଙ୍କର ଭୂମିକା ଓଡ଼ିଶାର ଚିକିତ୍ସା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ । ଓଡ଼ିଶାର ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡୁଥିବା ସମୟରେ ଏହି ଅନୁଷ୍ଠାନକୁ ଏକ ଉଚ୍ଚମାନର ଚିକିତ୍ସା କେନ୍ଦ୍ର ଭାବରେ ଗଢ଼ିତୋଳିବାରେ ତାଙ୍କ ନେତୃତ୍ୱର ଅବଦାନ ସ୍ମରଣୀୟ ହୋଇ ରହିବ । ଏକ ଅନୁଷ୍ଠାନ ନିର୍ମାଣ କରିବା ଅପେକ୍ଷା ତାହାକୁ ଗୁଣାତ୍ମକ ସେବା, ଗବେଷଣା, ଶୃଙ୍ଖଳା ଓ ମାନବିକ ମୂଲ୍ୟବୋଧର ଆଦର୍ଶ କେନ୍ଦ୍ର କରିବା ଅଧିକ କଠିନ । ଡା. ମହାପାତ୍ର ଏହି ଆହ୍ୱାନକୁ ଗ୍ରହଣ କରିଥିଲେ । ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସ୍ନାୟୁଶଲ୍ୟ ବିଭାଗର ମୁଖ୍ୟ ଭାବରେ ମଧ୍ୟ ସେ ନିଜର ପାରଦର୍ଶିତାର ପରିଚୟ ଦେଇଥିଲେ । ତାଙ୍କ ଜୀବନର ସବୁଠାରୁ ଚର୍ଚ୍ଚିତ ଅଧ୍ୟାୟ ମଧ୍ୟରୁ ୨୦୧୭ ମସିହାରେ ଯୋଡ଼ାମୁଣ୍ଡ ଶିଶୁ ଜଗା ଓ ବଳିଆଙ୍କୁ ପୃଥକ୍ କରିବାର ଐତିହାସିକ ଶଲ୍ୟଚିକିତ୍ସା ଅନ୍ୟତମ । ଏହା କେବଳ ଏକ ଜଟିଳ ଚିକିତ୍ସା ପଦ୍ଧତି ନଥିଲା, ଏହା ଥିଲା ବିଜ୍ଞାନ, ଅଦମ୍ୟ ସାହସ, ଧୈର୍ଯ୍ୟ ଓ ମାନବୀୟ ସମ୍ବେଦନାର ଏକ ଅସାଧାରଣ ଉଦାହରଣ । ଦୀର୍ଘ ପ୍ରସ୍ତୁତି, ଅନେକ ବିଶେଷଜ୍ଞଙ୍କ ସମନ୍ୱୟ ଓ ଅସୀମ ଏକାଗ୍ରତା ମଧ୍ୟରେ ସମ୍ପନ୍ନ ହୋଇଥିବା ଏହି ଶଲ୍ୟଚିକିତ୍ସା ଭାରତୀୟ ଚିକିତ୍ସା ବିଜ୍ଞାନର କ୍ଷମତାକୁ ବିଶ୍ୱସମ୍ମୁଖରେ ପ୍ରତିଷ୍ଠିତ କରିଥିଲା । ଜଗା ଓ ବଳିଆଙ୍କ ଜୀବନରେ ନୂଆ ଆଶା ସଞ୍ଚାର କରିଥିବା ଏହି ଅଭିଯାନ ସହିତ ତାଙ୍କ ନାମ ଚିରକାଳ ପାଇଁ ଯୋଡ଼ି ହୋଇ ରହିବ । ଜଣେ ମାଆବାପାଙ୍କ ପାଇଁ ନିଜ ସନ୍ତାନର ଜୀବନଠାରୁ ବଡ଼ ସମ୍ପଦ ଆଉ କିଛି ନାହିଁ । ସେହି ସନ୍ତାନଙ୍କ ଜୀବନରେ ଆଶାର ଆଲୋକ ଜାଳିବା ଜଣେ ଚିକିତ୍ସକଙ୍କ ପାଇଁ ସର୍ବଶ୍ରେଷ୍ଠ ମାନବୀୟ ସଫଳତା । ଏହି ଘଟଣା ଆମକୁ ମନେ ପକାଇଦିଏ ଯେ ବିଜ୍ଞାନର ପ୍ରକୃତ ମହତ୍ତ୍ୱ ମଣିଷର ଦୁଃଖ ଦୂର କରିବାରେ ରହିଛି । ଡା. ମହାପାତ୍ରଙ୍କ ଜୀବନ ଏହି ସତ୍ୟର ଜୀବନ୍ତ ପ୍ରମାଣ । ସଞ୍ଜୟ ଗାନ୍ଧୀ ସ୍ନାତକୋତ୍ତର ଚିକିତ୍ସା ବିଜ୍ଞାନ ସଂସ୍ଥାନ, ଲକ୍ଷ୍ନୌର ନିର୍ଦ୍ଦେଶକ ଏବଂ ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରିଥିଲେ । ଏହା ପ୍ରମାଣ କରେ ଯେ ତାଙ୍କର ଦକ୍ଷତା କେବଳ ଶଲ୍ୟଚିକିତ୍ସା କକ୍ଷରେ ସୀମିତ ନଥିଲା; ଚିକିତ୍ସା ଶିକ୍ଷା, ଗବେଷଣା ଓ ଅନୁଷ୍ଠାନିକ ବିକାଶରେ ମଧ୍ୟ ତାଙ୍କର ଅବଦାନ ବ୍ୟାପକ ଥିଲା । ୨୦୨୫ ମସିହାରେ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ସମ୍ମାନ ତାଙ୍କର ଦୀର୍ଘ ସାଧନା ଓ ଅସାଧାରଣ ସେବାର ଜାତୀୟ ସ୍ୱୀକୃତି ଥିଲା । କିନ୍ତୁ ଏକ ପ୍ରଶ୍ନ ଆଜି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଉଠିବା ସ୍ୱାଭାବିକ—ଆମେ ଏପରି ମହାନ ବ୍ୟକ୍ତିତ୍ୱଙ୍କୁ କେବଳ ତାଙ୍କ ବିୟୋଗ ସମୟରେ ମନେ ପକାଇବା ନା ତାଙ୍କ ଜୀବନ ଓ କାର୍ଯ୍ୟକୁ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଆଧାର କରିବା ? ଆଜି ଯେତେବେଳେ ଚିକିତ୍ସା କ୍ଷେତ୍ରରେ ବ୍ୟବସାୟିକ ମନୋଭାବ, ଅତ୍ୟଧିକ ଚିକିତ୍ସା ଖର୍ଚ୍ଚ ଓ ଗରିବ ରୋଗୀଙ୍କ ଅସହାୟତା ନେଇ ସମାଜରେ ଚିନ୍ତା ବଢୁଛି, ସେତେବେଳେ ଡା. ମହାପାତ୍ରଙ୍କ ଭଳି ଚିକିତ୍ସକଙ୍କ ଜୀବନ ଆମକୁ ଚିକିତ୍ସା ବୃତ୍ତିର ମୂଳ ଆଦର୍ଶ ମନେ ପକାଇଦିଏ । ଚିକିତ୍ସା କେବଳ ରୋଜଗାରର ମାଧ୍ୟମ ନୁହେଁ, ଏହା ହେଉଛି ଜୀବନ ରକ୍ଷାର ପବିତ୍ର ଦାୟିତ୍ୱ । ଜଣେ ରୋଗୀ ଡାକ୍ତରଙ୍କ ପାଖକୁ ଯାଆନ୍ତି ନିଜର ଯନ୍ତ୍ରଣା, ଭୟ ଓ ଶେଷ ଆଶାକୁ ନେଇ । ସେହି ଆଶାକୁ ସମ୍ମାନ ଦେବା ହିଁ ଚିକିତ୍ସକଙ୍କ ସର୍ବପ୍ରଥମ କର୍ତ୍ତବ୍ୟ । ଏହି ଆଦର୍ଶକୁ ଆଗାମୀ ପିଢ଼ିର ଚିକିତ୍ସକମାନେ ଆତ୍ମସାତ୍ କରିବା ଆଜିର ସମୟର ଆବଶ୍ୟକତା । ଓଡ଼ିଶା ସରକାର, ରାଜ୍ୟର ଚିକିତ୍ସା ଅନୁଷ୍ଠାନ ଓ ଶିକ୍ଷାବିତ୍ ?ମାନଙ୍କ ଉପରେ ମଧ୍ୟ ଏକ ଗୁରୁଦାୟିତ୍ୱ ରହିଛି । ତାଙ୍କ ସ୍ମୃତିରେ ଉନ୍ନତ ସ୍ନାୟୁଚିକିତ୍ସା ଗବେଷଣା, ଯୁବ ଡାକ୍ତରଙ୍କ ପ୍ରଶିକ୍ଷଣ, ଗରିବ ରୋଗୀଙ୍କ ସହାୟତା ଓ ଜଟିଳ ଶଲ୍ୟଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର କିମ୍ବା ବୃତ୍ତି ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନିଆଯିବା ଉଚିତ । ତାଙ୍କ ନାମରେ ଏକ ସ୍ମାରକୀ ବ୍ୟାଖ୍ୟାନ ଓ ଯୁବ ଚିକିତ୍ସକଙ୍କ ପାଇଁ ସମ୍ମାନ ପ୍ରତିଷ୍ଠା କରାଗଲେ ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । କାରଣ ମହାନ ବ୍ୟକ୍ତିଙ୍କୁ ମନେ ରଖିବାର ଶ୍ରେଷ୍ଠ ଉପାୟ ହେଉଛି ତାଙ୍କର ଆଦର୍ଶକୁ ଜୀବନ୍ତ ରଖିବା । ଆଜି ତାଙ୍କ ଅନୁପସ୍ଥିତିରେ ଅସଂଖ୍ୟ ରୋଗୀ, ସହକର୍ମୀ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁଙ୍କ ଆଖିରେ ଲୁହ ଥାଇପାରେ, କିନ୍ତୁ ତାଙ୍କ କାର୍ଯ୍ୟର ଇତିହାସ କେବେ ନିରବ ହେବ ନାହିଁ । ମଣିଷର ଆୟୁଷ ସୀମିତ, କିନ୍ତୁ ତାହାର ସତ୍ ?କର୍ମର ଆୟୁଷ ଅସୀମ । ଯେଉଁ ହାତ ଅନେକ ଜୀବନକୁ ମୃତ୍ୟୁମୁଖରୁ ଫେରାଇ ଆଣିବା ପାଇଁ ସଂଘର୍ଷ କରିଛି, ସେହି ହାତ ଆଜି ବିଶ୍ରାମ ନେଇଛି; କିନ୍ତୁ ତାଙ୍କ ଜ୍ଞାନ, ତାଙ୍କ ଆଦର୍ଶ ଓ ତାଙ୍କ ସେବାର ସ୍ମୃତି ଅସଂଖ୍ୟ ହୃଦୟରେ ଜୀବନ୍ତ ରହିବ । ଜଗା ଓ ବଳିଆଙ୍କ ଜୀବନରେ ଆଶାର ଆଲୋକ ଜାଳିଥିବା ଏହି ମହାନ ଚିକିତ୍ସକଙ୍କ ଜୀବନ ଆମକୁ ଶିଖାଇ ଦେଇଛି ଯେ ପ୍ରକୃତ ସଫଳତା ପଦବୀରେ ନୁହେଁ, ପରୋପକାରରେ; ପ୍ରକୃତ ମହାନତା ପ୍ରଶଂସାରେ ନୁହେଁ, ମଣିଷର ଜୀବନରେ ସୃଷ୍ଟି କରିଥିବା ଆଶାରେ । ଓଡ଼ିଶାର ଏହି ଗର୍ବିତ ସନ୍ତାନଙ୍କୁ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ତାଙ୍କ ଆତ୍ମାର ସଦ୍ ?ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ, ଚିକିତ୍ସା ଜଗତ ଓ ଅସଂଖ୍ୟ ଶୁଭେଚ୍ଛୁଙ୍କୁ ଆମର ଗଭୀର ସମବେଦନା ଜଣାଉଛୁ । ଡା. ଅଶୋକ କୁମାର ମହାପାତ୍ର ଆଉ ଆମ ମଧ୍ୟରେ ନାହାନ୍ତି, କିନ୍ତୁ ତାଙ୍କ ନାମ ଓ କର୍ମ ଓଡ଼ିଶାର ଗୌରବମୟ ଇତିହାସରେ ସଦାସର୍ବଦା ଅମର ହୋଇ ରହିବ ।

ଶ୍ରୀମନ୍ଦିରରେ ହରିହର ବେଶ ଓ ପଞ୍ଚକ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମହାକାର୍ତ୍ତିକର ପଞ୍ଚକ ବ୍ରତ ଆରମ୍ଭ ହୋଇଯାଇଛି । କାର୍ତ୍ତିକ ମାସ ଆମ ଓଡ଼ିଆ ଆଧ୍ୟାତ୍ମିକ ଭାବନାରେ ଧର୍ମ ମାସ ଭାବରେ ପରିଚିତ । ଆମ ମହାନ ସଂସ୍କୃତିରେ ଚାରୋଟି ମାସକୁ ପବିତ୍ର ତମ ମାସ ଭାବରେ ଶାସ୍ତ୍ର ଉଲ୍ଲେଖ କରିଛି ଏହି ମାସ ଗୁଡ଼ିକ ହେଉଛି ଆଷାଢ଼, ମାଘ, କାର୍ତ୍ତିକ ଓ ବୈଶାଖ । ଏ ସବୁ ଭିତରେ ପୁଣ୍ୟ ମାସ ହେଉଛି କାର୍ତ୍ତିକ । ଆମ ଆବହମାନ ସଂସ୍କୃତି ଏହି ଉଦଘୋଷଣକୁ ଆମ ମାନଙ୍କୁ ମନେ ପକାଇ ଦିଏ – 'ସତ୍ୟ ଯୁଗ ପରି ଯୁଗ ନାହିଁ, ଗଙ୍ଗା ପରି ତୀର୍ଥ ନାହିଁ କି କାର୍ତ୍ତିକ ପରି ମାସ ନାହିଁ ।' କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଞ୍ଚକ ବେଶ ଅନୁଷ୍ଠିତ ହୋଇଥାଏ । ପୁରୀ ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବା ସହିତ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୁଏ । ପରବର୍ତ୍ତୀ ଦିନରେ ବାଙ୍କଚୁଡ଼ା ବେଶ, ଆଡ଼କିଆ ତଥା ତ୍ରିବିକ୍ରମ ବେଶ, ଡାଳିକିଆ ତଥା ଲକ୍ଷ୍ମୀନୃସିଂହବେଶ ଏବଂ ସବାଶେଷରେ ଆସନ୍ତା ଚାରି ତାରିଖ ଶନିବାର ଦିନ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ । ପଞ୍ଚକ ପୂର୍ବ ଦିନ ରତ୍ନସିଂହାସନରେ ବଡ଼ଠାକୁର ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ବଡ଼ ଠାକୁରଙ୍କ ଏହି ଦିବ୍ୟ ଦୁର୍ଲ୍ଲଭ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ । ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶ ଏବଂ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ବଡ଼ ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରସ୍ଫୁଟିତ ହୁଏ ।

ଆମ ଓଡ଼ିଆରେ 'କାର୍ତ୍ତିକ ମାହାତ୍ମ୍ୟ ଲେଖିଛନ୍ତି ମହାଦେବ ଦାସ ଏହା ବ୍ୟାସଦେବଙ୍କ ଦ୍ୱାରା ସଂସ୍କୃତିରେ ଲେଖାଯାଇଥିବା 'ପଦ୍ମପୁରାଣ'କୁ ଆଧାର କରିଛି । ଶାସ୍ତ୍ରରେ ମଧ୍ୟ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ମିଳିଛି । ଏହି ବେଶରେ ଠାକୁର ଅର୍ଦ୍ଧେକ କଳା ଓ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥାନ୍ତି । ବଡ଼ ଠାକୁର ବତିଶ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି । ସୂଚନା ଥାଉକି କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହି ଦିନ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ । କାର୍ତ୍ତିକ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଭଗବାନ ବିଷ୍ଣୁଙ୍କ ପ୍ରତିରୂପ ଶାଳଗ୍ରାମ ସହ ତୁଳସୀଙ୍କ ବିବାହ ଉତ୍ସବ ପରେ ସମସ୍ତ ଶୁଭକାର୍ଯ୍ୟ ପାଇଁ ସମୟ ଅନୁକୂଳ ହୋଇଥାଏ ବୋଲି କୁହାଯାଏ । ଏହାକୁ ଦେବ ଉତଥାନ ଏକାଦଶୀ ମଧ୍ୟ କୁହାଯାଏ । ଆଷାଢ଼ ମାସ ଦେବ ଶୟନ ଏକାଦଶୀରୁ ଶୟନ କରିଥିବା ପ୍ରଭୁ ଏହି ଦିନ ଜାଗ୍ରତ ହୋଇଥାନ୍ତି । ଉକ୍ତ ଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉ ମାନଙ୍କୁ ଲକ୍ଷ୍ମୀ ନାରାୟଣ ବେଶ ବା ଠିଆକିଆ ବେଶ କରାଯାଇଥାଏ । ଶ୍ରୀଜଗନ୍ନାଥ ହାତରେ ଶଙ୍ଖ ଓ ଚକ୍ର ଧରି ବିଷ୍ଣୁଙ୍କ ବେଶ ଧାରଣ କରିଥିବା ବେଳେ ଶ୍ରୀବଳଭଦ୍ର ଶର ଓ ତୀର ଧରିଥାନ୍ତି । ମା ସୁଭଦ୍ରା ହାତଗୋଡ଼ ସହିତ ଜଣେ ରାଣୀ ଭଳି ବସିଥାନ୍ତି । କୁହାଯାଏ ଦ୍ୱାଦଶ ଶତାବ୍ଦୀରେ ଏହି ବେଶ ପ୍ରଚଳନ ଆରମ୍ଭ ହୋଇଥିଲା । ଏହି ଦିନଠାରୁ ପଞ୍ଚକ ବ୍ରତ ଆରମ୍ଭ ହୁଏ । କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ ଅର୍ଥାତ୍ ଦେବଉତ୍ଥାପନ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିନକୁ ପବିତ୍ର ପଞ୍ଚକ ଭାବେ ପାଳନ କରାଯାଇଥାଏ । ଏହା ମହାପଞ୍ଚକ, ବକ ପଞ୍ଚକ ବା ଭୀଷ୍ମ ପଞ୍ଚକ ବା ବିଷ୍ଣୁ ପଞ୍ଚକ ଭାବେ ମଧ୍ୟ ଜଣାଶୁଣା । ବିଶ୍ୱାସ ରହିଛି ଭବ ସମୁଦ୍ର ତଥା ପାପଙ୍କରୁ ତାରଣ ପାଇବା ପାଇଁ ଶ୍ରୀ କ୍ଷେତ୍ରରେ ଭକ୍ତ ଓ ବ୍ରତଧାରୀମାନେ ଅତି ନିଷ୍ଠାର ସହ ଏହି କାର୍ତ୍ତିକ ବ୍ରତ ପାଳନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଅଶେଷ ପୁଣ୍ୟ ଅର୍ଜନ କରିଥାନ୍ତି । ପୁରାଣରେ ଉଲ୍ଲେଖ ଅଛି ସ୍ୱୟଂ ଜଗନ୍ନାଥଙ୍କ ଆଜ୍ଞାକ୍ରମେ ମହାଦେବ ଶିବ ଏ ମହାନ ବ୍ରତ ଅନୁଷ୍ଠାନ କରିଥିଲେ ପରବର୍ତ୍ତୀ ସମୟରେ ମହାଦେବଙ୍କ ଉପଦେଶ କ୍ରମେ ମନୁ ଓ ମହର୍ଷି ଅଗସ୍ତି ଏହି ବ୍ରତ ଆଚରଣ କରିଥିବା ଉଲ୍ଲେଖ ରହିଛି । ସ୍କନ୍ଦ ପୁରାଣ ଓ ଅଗ୍ନି ପୁରାଣରେ ଉଲ୍ଲେଖ ଅଛି ବ୍ରତଧାରୀମାନେ ପଞ୍ଚବିଧ ପବିତ୍ର ବିଧି ଆଚରଣ ପୂର୍ବକ ଏହି ବ୍ରତ ପାଳନ କରିଥାନ୍ତି । ଆଷାଢ଼ ମାସରୁ ଆରମ୍ଭ ହୋଇଥିବା ଚର୍ତୁମାସର ବ୍ରତ ଏହି କାର୍ତ୍ତିକ ମାସରେ ହିଁ ସମ୍ପନ୍ନ ହୁଏ । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନ ଦିନ ଠାରୁ ସାତ ଦିନ ହବିଷ୍ୟ ରଖନ୍ତି । ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି । ସେହିପରି କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତଧାରୀମାନେ ଶ୍ରଦ୍ଧା ଓ ଭକ୍ତିର ସହ କାର୍ତ୍ତିକ ମହାତ୍ମ୍ୟ ପାଠ କରିଥାନ୍ତି । କାର୍ତ୍ତିକ ମହାତ୍ମ୍ୟର ପ୍ରଥମ ଅଧ୍ୟାୟ ଆରମ୍ଭ ହୋଇଛି ଭଗବାନ ବିଷ୍ଣୁଙ୍କ ସ୍ତବରୁ । ଏହି ଅଧ୍ୟାୟରେ ଏହା ପରେ ରହିଛି ସ୍ନାନ ମନ୍ତ୍ର । କାର୍ତ୍ତିକ ମାସରେ ପ୍ରାତଃ ସ୍ନାନକୁ ଅନେକ ମହତ୍ତ୍ୱ ଦିଆଯାଇଛି । ସେ ଦୃଷ୍ଟିରୁ ଏହି ମନ୍ତ୍ର ଗୁରୁତ୍ୱପୂର୍ଣ୍ଣ ତାହା ପରେ ରହିଛି ଅର୍ଘମନ୍ତ୍ର । ପ୍ରାତଃ ସ୍ନାନ ପରେ ଭଗବାନ ବିଷ୍ଣୁଙ୍କୁ ଇଚ୍ଛା ଓ ଶକ୍ତି ଅନୁସାରେ ଅର୍ଘ୍ୟଦାନ ନିମନ୍ତେ ଏହି ମନ୍ତ୍ର ଉଦ୍ଦିଷ୍ଟ । ଏହା କମଳାପତି ଜଳଶାୟୀ, ହୃଷୀକେଶଙ୍କର ମନ୍ତ୍ର କାରଣ ଏହି ମାସରେ ଭଗବାନ ବିଷ୍ଣୁ ଜଳରେ ଅବସ୍ଥାନ କରିଥାନ୍ତି । ସେହି କମଳାପତି ବା ଲକ୍ଷ୍ମୀ ପତି ବିଷ୍ଣୁଙ୍କ ଭକ୍ତିରେ ଅର୍ଘଦାଦ କଲେ ସେ ଓ ଲକ୍ଷ୍ମୀ ଉଭୟେ ତୁଷ୍ଟ ହୁଅନ୍ତି । ଏହି ମନ୍ତ୍ରରେ ହୃଷିକେଶଙ୍କର ନାମ ଉଲ୍ଲେଖ ଅଛି କାରଣ ସମସ୍ତ ଇନ୍ଦ୍ରିୟଙ୍କୁ ସଂଯମ କରି କାର୍ତ୍ତିକ ମାସରେ ଏହି ବ୍ରତ ପାଳନ କରାଯାଇଥାଏ ।

ଏହି ପଞ୍ଚକରେ ବକମାନେ ମଧ୍ୟ ଆମିଷ ଭୋଜନରୁ ନିବୃତ୍ତ ରୁହନ୍ତି ବୋଲି କଥିତ ଅଛି । ତେଣୁ ଏହାକୁ ବକ ପଞ୍ଚକ କୁହାଯାଏ । ଯଦି କୌଣସି ମନୁଷ୍ୟ ସମ୍ପୂର୍ଣ୍ଣ ମାସ ବ୍ୟାପି ଏହି ବ୍ରତ କରିବାକୁ ଅସମର୍ଥ ହୁଏ ତେବେ ସେ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟର୍ଥେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପୂର୍ଯ୍ୟନ୍ତ ବକ ପଞ୍ଚକ ବ୍ରତ ଅବଲମ୍ବନ କରିଥାନ୍ତି । ପବିତ୍ର କାର୍ତ୍ତିକ ମାସ ସାରା ଶ୍ରୀମନ୍ଦିରରେ ରତ୍ନସିଂହାସନରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତିଙ୍କର ନାନାଦି ଆକର୍ଷଣୀୟ ବେଶ ଅନୁଷ୍ଠିତ ହୋଇଥାଏ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ । ଏହି ବେଶ ସମୟରେ ପରମ୍ପରା ଅନୁସାରେ ପ୍ରଭୁଙ୍କୁ ସ୍ୱତନ୍ତ୍ର ବାଳଭୋଗ ଅର୍ପଣ କରାଯାଇଥାଏ । କାର୍ତ୍ତିକ ଅମାବାସ୍ୟା ଠାରୁ ଶୁକ୍ଳ ଦଶମୀ ମଧ୍ୟରେ ପଡୁଥିବା ସୋମବାର ଗୁଡ଼ିକରେ ହରିର ବେଶ । ଏକାଦଶୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚକ ବେଶ । କାର୍ତ୍ତିକ ଶୁକ୍ଳ ଏକାଦଶୀରୁ କ୍ରମାନ୍ୱୟରେ ପ୍ରଭୁଙ୍କର ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ, ଲକ୍ଷ୍ମୀନୃସିଂହ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିବ୍ୟ ରାଜବେଶ । କାର୍ତ୍ତିକ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଗରୁଡ଼ ଉତ୍ଥାପନ ନୀତି ସମ୍ପନ୍ନ ହୋଇଥାଏ । ଏହି କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସ୍ୱତନ୍ତ୍ର ବନ୍ଦାପନା ନୀତି କରାଯାଏ । ବାମଦେବ ସଂହିତା ଅନୁଯାୟୀ ଯେଉଁ ପୁଣ୍ୟାତ୍ମା ଭକ୍ତ ଏହି କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ଦୀପଦାନ ଓ ମହାପ୍ରଭୁଙ୍କ ବନ୍ଦାପନ ଦର୍ଶନ କରନ୍ତି ସେ ଶ୍ରୀକ୍ଷେତ୍ର ବାସର ପୁଣ୍ୟଫଳ ଲାଭ କରିବା ସହ ଅନନ୍ତ କାଳରେ ସମସ୍ତ ପାପରୁ ମୁକ୍ତ ହୋଇ ଦିବ୍ୟ ବିଷ୍ଣୁ ଲୋକ ପ୍ରାପ୍ତ ହୋଇଥାନ୍ତି । ଶର ଶଯ୍ୟାରେ ଶୋଇ ମହାମହିମ ଭୀଷ୍ମ ରାଜ ଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବିଷୟରେ ବର୍ଣ୍ଣନା କରିଥିଲେ । ଯାହାକୁ ପାଣ୍ଡବମାନଙ୍କ ସହିତ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ ଭୀଷ୍ମଙ୍କୁ ବର ଦେଇଥିଲେ । ଭୀଷ୍ମ କାର୍ତ୍ତିକ ଏକାଦଶୀ ଦିନ ଜଳର ଇଚ୍ଛା କରିଥିଲେ । ଅର୍ଜୁନ ବାଣ ଦ୍ୱାରା ଗଙ୍ଗାଜଳ ଉତ୍ପନ୍ନ କରି ତାଙ୍କ ପ୍ରାଣ ସନ୍ତୁଷ୍ଟ କରିଥିଲେ । ଏଣୁ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯେଉଁମାନେ ଭୀଷ୍ମଙ୍କୁ ଜଳ ଓ ଅର୍ଘ ଦାନ କରନ୍ତି ସେମାନେ ବିଷ୍ଣୁଙ୍କୁ ମଧ୍ୟ ତୃପ୍ତ କରିଥାନ୍ତି । ସେଥିପାଇଁ ପଞ୍ଚକକୁ ଭୀଷ୍ମପଞ୍ଚକ ବୋଲି ମଧ୍ୟ କୁହାଯାଇଥାଏ । ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଭୀଷ୍ମ ପଞ୍ଚକ ପାଳିଥାନ୍ତି । ଏହି ପଞ୍ଚକରେ ୩୩କୋଟି ଦେବତା ଏକତ୍ର ହୋଇ ମଣିଷର ନିକଟତର ହୋଇଥାନ୍ତି । ଏହି ସମୟରେ ଏକ ଲକ୍ଷ ତୁଳସୀ ପତ୍ର ଚଢ଼ାଇ ବିଷ୍ଣୁଙ୍କୁ ପୂଜା କଲେ, ସମସ୍ତ ଦେବତା ପ୍ରସନ୍ନ ହୋଇ ବରପ୍ରଦାନ କରିଥାନ୍ତି ।

ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ କାର୍ତ୍ତିକ ମାସର ପଞ୍ଚୁକ ଅର୍ଥାତ୍ ପାଞ୍ଚଦିନକୁ ନିଷ୍ଠା ଓ ଧର୍ମପରାୟଣତାର ପ୍ରତିକାତ୍ମକ ଦିବସ ଭାବେ ବିଚାର କରାଯାଏ । କେବଳ ଗ୍ରାମାଞ୍ଚଳରେ ନୁହେଁ ସହରାଞ୍ଚଳରେ ମଧ୍ୟ ପଞ୍ଚକର ମହତ୍ତ୍ୱ ବିଭିନ୍ନ ଦେବାଳୟ, ଧର୍ମପୀଠ, ମନ୍ଦିରରେ ଦେଖିବାକୁ ମିଳିଥାଏ । ଗାଁରେ କେତେକ ସ୍ଥାନରେ ପଞ୍ଚକରେ ଗ୍ରାମଦେବତୀ ବା ଜଗନ୍ନାଥ ମନ୍ଦିରରେ ହରିହାଟ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବା ସହ ହବିଷ ପ୍ରସାଦ ପ୍ରସ୍ତୁତି କରାଯାଇ ବିତରଣ କରାଯାଇଥାଏ । କେତେକ ଧର୍ମପରାୟଣ ଏହି ପଞ୍ଚୁକ ପାଞ୍ଚ ଦିନରେ ଅନ୍ନଦାନ ଓ ବସ୍ତ୍ରଦାନ କରି ଅଶେଷ ପୁଣ୍ୟ ପାଇଥାନ୍ତି । ଆଜିକାଲି ସହରାଞ୍ଚଳରେ ପଞ୍ଚୁକ ପାଞ୍ଚଦିନ ବିଭିନ୍ନ ମଠମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତ ହୋଇ ଭକ୍ତମାନଙ୍କୁ ବିତରଣ କରାଯାଏ । ଏହି ପଞ୍ଚକ ଦିବସରେ ଅନେକ ଧର୍ମାଶ୍ରିତ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ପ୍ରାପ୍ତ ହେଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରଖିଥାନ୍ତି । ପଞ୍ଚକ ପାଞ୍ଚଦିନ ଓଡ଼ିଆ ବିଧିବିଧାନରେ ସକାଳ ଓ ସଂଧ୍ୟା ଦିନକୁ ଦୁଇଥର ବୃନ୍ଦାବତୀ ଦେବୀଙ୍କ ପାଖରେ ଦୀପ ଓ ପୁଷ୍ପସମର୍ପଣ କରାଯିବାର ବିଧିକୁ କେତେକ ପାଳନ କରିଥାନ୍ତି । ସବୁଠି ପୂଜା ପ୍ରାର୍ଥନା, ଖୋଳକୀର୍ତ୍ତନର ନାମ ବାଣୀ ଏହା ସହ ନଗର ପରିକ୍ରମା, ଚିତ୍ତାକର୍ଷକ ଅଗଣା ଓ ଦେବାଳୟରେ ମୁରୁଜର ସମାହାରକୁ ନେଇ ଏହି ପଞ୍ଚୁକ ଆନନ୍ଦ ଉଲ୍ଲାସ ସହକାରେ ପାଳନ ହୋଇଥାଏ ।

ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

ବ୍ରିକ୍ସର ସଫଳତାରେ ଚିନ୍ତିତ ପଶ୍ଚିମବିଶ୍ୱ

ସୌମେନ୍ଦ୍ର ଜେନା ■

ବ୍ରିକ୍ସ ଯେତେବେଳେ ଆରମ୍ଭ ହୋଇଥିଲା ସେହି ସମୟରେ ଜି-୭ ପରି ବଡ ରାଷ୍ଟ୍ର ଗୋଷ୍ଠି ନାଟୋ ପରି ଗୋଷ୍ଠି ଏହି ଛୋଟ ସମୂହକୁ ଢେର ସମାଲୋଚନା କରିଥିଲେ । ଏହାକୁ ଦୁର୍ବଳ ରାଷ୍ଟ୍ରଗୁଡିକର କ୍ଲବ କହି ଉପହାସ କରିଥିଲେ । କିନ୍ତୁ ଏବେ ବ୍ରିକ୍ସ ବିଶ୍ୱର ସବୁଠୁ ଅଧିକ ସଶକ୍ତ, ସକ୍ରିୟ ଏବଂ ପ୍ରଭାବଶାଳୀ ଗୋଷ୍ଠି ଭାବେ ସମ୍ମୁଖକୁ ଆସିଛି । ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହାର ସଫଳ ବୈଠକ ତାର ପ୍ରମାଣ । କାରଣ ପୂର୍ବ ବୈଠକ କାଜାନଠାରେ ହୋଇଥିଲା ବେଳେ ରାଷ୍ଟ୍ରଗୁଡିକର ମତପାର୍ଥକ୍ୟ ଯୋଗୁ ମିଳିତ ଘୋଷଣାନାମା ପ୍ରକାଶ ପାଇପାରି ନଥିଲା, ଯାହା ନୂଆଦିଲ୍ଲୀଠାରେ ହୋଇଛି । ଏଠାରେ ଆଉ ଏକ ସଫଳତାର ବିଷୟ ହେଲା ଯୁଦ୍ଧର ଘନଘଟା ମଧ୍ୟରେ ଇରାନ-ସଂଯୁକ୍ତ ଆରବ ଅମିରାତ ପରି ଦୁଇ ଶତ୍ରୁରାଷ୍ଟ୍ରର ମୁହାଁମୁହିଁ ଆଲୋଚନା । ଭାରତ-ଚୀନ ପରି ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତି । ପଶ୍ଚିମବିଶ୍ୱର ବହୁରାଷ୍ଟ୍ରଙ୍କ ବିରୋଧ ଓ କଟକଣାକୁ ସାମ୍ନା କରିଆସିଥିବା ରୁଷିଆର ରାଷ୍ଟ୍ରପତିଙ୍କ ଏଠାରେ ଉପସ୍ଥିତି ଏବଂ ପୁଟିନଙ୍କ ଜବରଦସ୍ତ ସ୍ୱାଗତ । ଇରାନର ରାଷ୍ଟ୍ରପତି ପେଜେସ୍କିୟାନଙ୍କ ହାତଧରି ମୋଦି ସ୍ୱାଗତ କରି ନେବା, ଦକ୍ଷିଣବିଶ୍ୱର ନେତାମାନଙ୍କୁ ଆଲୋଚନାରେ ସ୍ଥାନ ଓ ସମ୍ମାନ ଦେବା, ପଶ୍ଚିମବିଶ୍ୱର ଆର୍ଥିକ କଟକଣା ମଧ୍ୟରେ ବାଣିଜ୍ୟ ଏବଂ ଯୋଗାଣକୁ ଜାରି ରଖିବା ପାଇଁ ବିକଳ୍ପ ମାର୍ଗର ସନ୍ଧାନ କରିବା, ସମୁଦ୍ରପଥକୁ ବାଣିଜ୍ୟ ନିମନ୍ତେ ଉନ୍ମୁକ୍ତ ରଖିବା, ମୂଲ୍ୟବାନ ଖଣିଜ ସଂପଦର ଯୋଗାଣ ଉପରେ ଜୋରଦେବା ଆଦି ବିଷୟ ଉଲ୍ଲେଖନୀୟ ଥିଲା ।

ସେପ୍ଟେମ୍ବର ୧୨ ଓ ୧୩ ୨୦୨୬ରେ ନୂଆଦିଲ୍ଲୀର ଭାରତ ମଣ୍ଡପ ଠାରେ ବ୍ରିକ୍ସର ୧୮ଶ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା । "ନମନୀୟତା, ନବସର୍ଜନ, ସହଯୋଗ ଏବଂ ନିରନ୍ତରତା" ସଂପର୍କରେ ହୋଇଥିବା ବିଶେଷ ଆଲୋଚନାରେ ଅନେକଗୁଡ଼ିଏ ରାଷ୍ଟ୍ରର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ୧୨ ସେପ୍ଟେମ୍ବର ୨୦୨୬ଦିନ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ଏଥିରେ ବହୁପାକ୍ଷିକ ସ୍ୱାର୍ଥ, ବିଶ୍ୱଶାନ୍ତି, ବିଶ୍ୱର ସମୃଦ୍ଧି ବିଷୟରେ ଅନେକ ଭଲ ବିଚାର ସମସ୍ତଙ୍କ ସମ୍ମୁଖକୁ ଆସିଥିଲା । ଦୁଇ ଦଶନ୍ଧିର ଉଦ୍ୟମ ପରେ ନୂଆଦିଲ୍ଲୀଠାରେ ସବୁରାଷ୍ଟ୍ର ନିଜ ନିଜର କ୍ଷୁଦ୍ରସ୍ୱାର୍ଥକୁ ଭୁଲି ବିଶ୍ୱର ବୃହତ୍ତର ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବାକୁ ଯେପରି ସଂକଳ୍ପବଦ୍ଧ ହେଲେ ତାହା ସବୁଠୁ ବଡକଥା । ଏକଦା ବ୍ରାଜିଲ, ରୁଷିଆ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକାକୁ କେନ୍ଦ୍ରକରି ଏହି ଗୋଷ୍ଠି ଆରମ୍ଭ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ଏହା ୧୧ସଦସ୍ୟରାଷ୍ଟ୍ର ଏବଂ ୧୦ ସହଯୋଗୀ ରାଷ୍ଟ୍ରଙ୍କୁ ନିଜ ସହ ସାମିଲ କରିଛି । ୧୧ ପୂର୍ଣ୍ଣ ସଦସ୍ୟ ହେଲେ ବ୍ରାଜିଲ, ରୁଷିଆ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ଇଜିପଟ, ଇଥିଓପିଆ, ଇଣ୍ଡୋନେସିଆ, ୟୁଏଇ, ସାଉଦି ଆରବ ଏବଂ ଇରାନ । ସହଯୋଗୀ ରାଷ୍ଟ୍ରଗୁଡିକ ହେଲେ ବେଲାରୁଷ, ବଳିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ,ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ଥାନ ଏବଂ ଭିଏତନାମ ।

ବ୍ରିକ୍ସ -୨୦୨୬ର ବିଷୟ ଅନୁଯାୟୀ ନବସର୍ଜନକୁ ଅଧିକ ଜୋର ଦିଆଯାଇଥିଲା । ସଦସ୍ୟରାଷ୍ଟ୍ରଗୁଡିକ ଡିଜିଟାଲ ଢାଞ୍ଚା ନିର୍ମାଣ, ଟେକ୍ନୋଲୋଜୀ କ୍ଷେତ୍ରରେ ନବାଚର, ଆର୍ଥିକ କ୍ଷେତ୍ରରେ ଟେକ୍ନୋଲୋଜୀର ବ୍ୟବହାର, କୃତ୍ରିମ ବୁଦ୍ଧିମତ୍ତାକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ସେମିତି ସମୃଦ୍ଧି ପାଇଁ ଆର୍ଥିକ ଶକ୍ତିବୃଦ୍ଧି, ବୈଶ୍ୱିକ ଅନିଶ୍ଚିତତାର ସମ୍ମୁଖୀନ ହେବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥାର ନିର୍ମାଣ, ଯୋଗାଣରେ ବ୍ୟାଘାତ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହ୍ୱାନ ଏବଂ ପାଣିପାଗ ପରିବର୍ତ୍ତନଜନିତ ସଂକଟର ସମ୍ମୁଖୀନ ହେବାକୁ ସଦସ୍ୟ ରାଷ୍ଟ୍ର ପ୍ରସ୍ତୁତ ରହିବାକୁ କୁହାଯାଇଥିଲା । ସହଯୋଗ ଦୃଷ୍ଟିରୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ନୀତି ପ୍ରସ୍ତୁତି କ୍ଷେତ୍ରରେ ସହଯୋଗ, ବିକାଶ ପାଇଁ ଅର୍ଥ ଯୋଗାଣ, ବାଣିଜ୍ୟ ସୁବିଧା, ପ୍ରଶାସନିକ କ୍ଷେତ୍ରରେ ଆନୁଷ୍ଠାନିକ ସଂସ୍କାର, ଲୋକ କେନ୍ଦ୍ରିକ ସହଯୋଗ ବୃଦ୍ଧିପାଇଁ କୁହାଯାଇଥିଲା । ନିରନ୍ତର ବିକାଶ ପାଇଁ ଜଳବାୟୁ ପରିବର୍ତ୍ତନ, ସବୁଜ ଅର୍ଥନୀତି,ଶକ୍ତିଗତ ଅସ୍ଥିରତାର ସମ୍ମୁଖୀନ ହେବାପାଇଁ ମିଳିତ ପ୍ରୟାସ ଉପରେ ଜୋର ଦିଆଯାଇଥିଲା । ଚଳିତବର୍ଷ ପ୍ରତୀକ ଚିହ୍ନ ସ୍ୱରୂପ ପ୍ରସ୍ଫୁଟିତ ପଦ୍ମଫୁଲକୁ ନିଆଯାଇଥିଲା, ଯାହା ପାଞ୍ଚଟି ପାଖୁଡା ଦର୍ଶାଉଥିଲା । ଏହି ପାଞ୍ଚଟି ପାଖୁଡା ବ୍ରିକ୍ସର ପ୍ରତିଷ୍ଠାତା ପାଞ୍ଚଟି ସଦସ୍ୟରାଷ୍ଟ୍ରକୁ ବୁଝାଇଥାଏ । ପାଖୁଡାର ରଙ୍ଗ ଭିନ୍ନ ଭିନ୍ନ ହୋଇଥିଲେ ହେଁ ତାହା ସଦସ୍ୟ ରାଷ୍ଟ୍ରଗୁଡିକର ମିଳିତ ଶକ୍ତି ଓ ଏକତାକୁ ଦର୍ଶାଇଥାଏ । ବ୍ରିକ୍ସର ପରିଚୟ ମୂଳରେ ତିନୋଟି ମୁଖ୍ୟ ଆଧାର ରହିଛି ତାହା ହେଲା ରାଜନୈତିକ ଓ ସୁରକ୍ଷାଗତ ସହଯୋଗ, ଅର୍ଥ ଓ ଅର୍ଥନୀତିରେ ସହଯୋଗ, ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଓ ସହଯୋଗ ବୃଦ୍ଧି । ସମନ୍ୱୟ, ମିଳିତ ବିକାଶ, ଆଲୋଚନା ହିଁ ପ୍ରକୃତ ବିକାଶର ସ୍ତମ୍ଭ ବୋଲି ଦର୍ଶାଯାଇଛି । ତେଣୁ ବ୍ରିକ୍ସ ୨୦୨୬ର ପ୍ରତୀକ ଭାରତୀୟ ସଂସ୍କୃତି, ଆଧାରିତ । ବ୍ରିକ୍ସର ଆଲୋଚନା ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ସଦସ୍ୟ ରାଷ୍ଟ୍ରଗୁଡିକ ନିଜ ନିଜର ବାଣିଜ୍ୟିକ କାର୍ଯ୍ୟ କରିପାରିବେ ବୋଲି ସ୍ଥିର ହୋଇଥିଲା । ପୂର୍ବରୁ ଡଲାର ବିନିମୟରେ ଯେଉଁ ବ୍ୟବସାୟ ହେଉଥିଲା ଏବେ ତାହା ନକରି ସେମାନେ ନିଜ ନିଜର ଇଲେକଟ୍ରୋନିକ ଦେଣନେଣ ବ୍ୟବସ୍ଥା ମାଧ୍ୟମରେ ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଉଚିତ ବିନିମୟ ମୁଦ୍ରା ଦେଇ ବାଣିଜ୍ୟ କରିପାରିବେ । ଏହା ହେଲେ ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇବ । ସେଥିପାଇଁ ଏକ ବ୍ୟବସ୍ଥା ନିର୍ମାଣ ଉପରେ ସମସ୍ତେ ଜୋର ଦେଇଥିଲେ । ଏଥିମଧ୍ୟରୁ କେତେକ ଦେଶରେ ଭାରତର ୟୁପିଆଇ ପରି ସ୍ଥାନୀୟ ଦେଣ-ନେଣ ବ୍ୟବସ୍ଥା ରହିଛି । ସେଗୁଡିକୁ ପରସ୍ପର ମଧ୍ୟରେ ଯୋଡି ଦେଲେ ସୁବିଧା ହେବ ବୋଲି ମତପ୍ରକାଶ ପାଇଥିଲା । ବିଶ୍ୱର ୪୯.୫ ପ୍ରତିଶତ ଜନତା ବ୍ରିକ୍ସ ସଦସ୍ୟଙ୍କ ରାଷ୍ଟ୍ରରେ ଥିଲାବେଳେ ବିଶ୍ୱର ୨୬ପ୍ରତିଶତ ବାଣିଜ୍ୟ ଏହିସବୁ ଦେଶମାନଙ୍କ ହାତରେ ରହିଛି । ସଦସ୍ୟ ରାଷ୍ଟ୍ରଗୁଡିକର ମୋଟ ଜିଡିପି ବିଶ୍ୱର ମୋଟ ଜିଡିପିର ୪୦ ପ୍ରତିଶତ ।

ଏଠାରେ ଉଲ୍ଲେଖନୀୟ ହେଲା ଯେ ୨୦୦୬ରେ ଜାତିସଂଘ ସାଧାରଣ ପରିଷଦର ବୈଠକ ଚାଲିଥିବା ବେଳେ ବ୍ରିକ୍ସର ବିଦେଶମନ୍ତ୍ରୀମାନଙ୍କର ପ୍ରଥମ ବୈଠକ ନିଉୟର୍କଠାରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ବିଧିବଦ୍ଧ ଭାବେ ଏହାର ଉଦ୍‌ଘାଟନୀ ସମାରୋହ ୨୦୦୯ରେ ରୁଷିଆର ୟାକଟେରିନବର୍ଗଠାରେ ହୋଇଥିଲା । ୨୦୦୯ରେ ବ୍ରିକ ଭାବେ ବ୍ରାଜିଲ, ରୁଷିଆ, ଭାରତ ଏବଂ ଚୀନ ଏହି ଚାରିଗୋଟି ଦେଶ ପ୍ରତିଷ୍ଠାତା ସଦସ୍ୟରାଷ୍ଟ୍ର ଭାବେ ସଂଗଠନକୁ ଆରମ୍ଭ କରିଥିଲେ । ଦ୍ୱିତୀୟ ବୈଠକ ୨୦୧୦ରେ ନିଉୟର୍କଠାରେ ବିଦେଶମନ୍ତ୍ରୀମାନଙ୍କର ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ସଂଗଠନରେ ସାମିଲ ହେବ ବୋଲି କୁହାଯାଉଥିଲେ ମଧ୍ୟ ୨୦୧୧ରେ ସାନୟାଠାରେ ଅନୁଷ୍ଠିତ ତୃତୀୟ ବ୍ରିକ୍ସ ବୈଠକରେ ଦକ୍ଷିଣ ଆଫ୍ରିକା ଯୋଗ ଦେବା ପରେ ଏହାର ନାମ ବ୍ରିକ୍ସ ହୋଇଥିଲା । ଜାନୁଆରୀ ୨୦୨୪ରୁ ପୂର୍ଣ୍ଣ ସଦସ୍ୟ ଭାବେ ଇଜିପଟ, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ୟୁଏଇକୁ ଗ୍ରହଣ କରାଯାଇଥିଲା । ୨୦୨୫ରେ ବେଲାରୁଷ, ବଳିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ଥାନ ଏବଂ ଭିଏତନାମ ଅଂଶୀଦାର ସଦସ୍ୟ ରାଷ୍ଟ୍ର ଭାବେ ଯୋଗ ଦେଇଥିଲେ ।

। ବ୍ରିକ୍ସର ଘୋଷଣାନାମାରେ ବିଶ୍ୱବାଣିଜ୍ୟ ସଂଗଠନରେ ପ୍ରତିନିଧିତ୍ୱ ବୃଦ୍ଧି, ବାଣିଜ୍ୟରେ ପ୍ରତିବନ୍ଧକ ଦୂରୀକରଣ ଏବଂ କ୍ରମବର୍ଦ୍ଧିଷ୍ଣୁ ବଜାର, ବିକାଶଶୀଳ ଅର୍ଥନୀତିକୁ ଜୋର ଦେବାପାଇଁ କୁହାଯାଇଛି । ଆର୍ଥିକ କଟକଣା ଲଗାଯିବା ଅଭ୍ୟାସକୁ ବିରୋଧ କରାଯିବାକୁ କୁହାଯାଇଛି ।

ଏହି ଘୋଷଣାନାମାରେ ସୁରକ୍ଷା ପାଇଁ ପାରସ୍ପରିକ ସହଯୋଗ ଏବଂ ଅସ୍ତ୍ରଯୋଗାଣ ବୃଦ୍ଧି ନୀତି ଯୋଗୁ ଆଗାମୀ ଦିନରେ ଆମେରିକା ଏବଂ ପଶ୍ଚିମବିଶ୍ୱର ବିକଶିତ ରାଷ୍ଟ୍ରଗୁଡିକର ଅର୍ଥନୀତି ପ୍ରଭାବିତ ହେବ ଏଥିରେ ସନ୍ଦେହ ନାହିଁ । ନାଟୋ ମେଣ୍ଟ ଏବଂ ରୁଷିଆ ମଧ୍ୟରେ ଯୋଗାଣଗତ ଦୂରତା ଯେତେ ବଢିବ ଆଗାମୀ ଦିନମାନଙ୍କର ସେତେ ଅସ୍ଥିରତା ସୃଷ୍ଟି ହେବ । ଦୁଇ ବୃହତଶକ୍ତି ଚୀନ ଓ ଭାରତ ଏବେ ରୁଷିଆ ସହ ରହିବା ଯୋଗୁ ଆମେରିକାର ଅର୍ଥନୀତି ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ । ତେଣୁ ଟ୍ରମ୍ପ ଟାରିଫ ଭୟ ଦେଖାଉଛନ୍ତି । ଏଣେ ଇରାନକୁ ବ୍ରିକ୍ସର ସମର୍ଥନ ମିଳିବା ଯୋଗୁ ସେ ଆମେରିକାର ସହଯୋଗୀ ଆରବ ରାଷ୍ଟ୍ରଗୁଡିକରେ ଅଧିକ କ୍ଷତି ଘଟାଇବ । ଅସ୍ତ୍ରଭଣ୍ଡାର ବଢାଇବା ଏବଂ ପ୍ରକୃତ ଯୁଦ୍ଧଭୂମିରେ ତା'ର ପ୍ରୟୋଗ ଯୋଗୁ ସଫଳତା ଲାଭ କରିବା ଦୁଇଟି ଭିନ୍ନ ବିଷୟ । ଆମେରିକା-ସାଉଦି ଆରବ ସଂପର୍କ ବୃଦ୍ଧି ଆଗାମୀ ଦିନରେ ଆରବ ଜଗତର ଅଧିକ କ୍ଷତି କରିବ । ଏଣେ ସ୍ଥାନୀୟ ମୁଦ୍ରାରେ ବ୍ରିକ୍ସ ରାଷ୍ଟ୍ରଗୁଡିକର ବ୍ୟବସାୟ ପାଶ୍ଚାତ୍ୟ ବିଶ୍ୱର ଡଲାର-ପାଉଣ୍ଡ ଗୁରୁତ୍ୱକୁ ହ୍ରାସ କରାଇବ । ସେହି ଲକ୍ଷ୍ୟରେ ଭାରତ ବହୁ ରାଷ୍ଟ୍ର ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ଅନେକ ବିକଳ୍ପମାର୍ଗ ଖୋଲିବାରେ ଲାଗିଛି । ଅନ୍ୟମାନେ ମଧ୍ୟ ସେହି ମାର୍ଗରେ ରହିଛନ୍ତି ।

କୂଟନୀତିକ ଦୃଷ୍ଟିରୁ ଦେଖିଲେ ଭାରତ ସବୁ ସଦସ୍ୟରାଷ୍ଟ୍ରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ସହମତି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା । ଭାରତ ବ୍ରିକ୍ସ ସଦସ୍ୟରାଷ୍ଟ୍ରଙ୍କ ସହ ୨୦୨୦-୨୧ରେ ୨୦୩ ବିଲିଅନ ଡଲାରର ବ୍ୟବସାୟ କରିଥିଲା ବେଳେ ୨୦୨୫-୨୦୨୬ରେ ତାହା ୪୧୭ବିଲିଅନ ଡଲାରକୁ ଛୁଇଁଛି । ଭାରତ ଏହାକୁ ଆଗାମୀ ଦିନରେ ଢେର ଆଗକୁ ନେବ । ବିକାଶ, ବାଣିଜ୍ୟ, ଟେକ୍ନୋଲୋଜୀ ଉପରେ ଅଧିକ ଗୁରୁତ୍ୱାରୋପ କରି ଭାରତ ଏହି ସମ୍ମିଳନୀକୁ ସଫଳତା ଦିଗରେ ନେବାକୁ ସକ୍ଷମ ହୋଇପାରିଲା ଯେଉଁଥିପାଇଁ ପଶ୍ଚିମବିଶ୍ୱର ଏବେ ଚିନ୍ତା ବଢିଯାଇଛି । ଏକଦା ବ୍ରିକ୍ସକୁ ଗୁରୁତ୍ୱ ନ ଦେବାକୁ କହୁଥିବା ଲୋକେ ଏବେ ବ୍ରିକ୍ସର ସୁଦୃଢତା ଲକ୍ଷ୍ୟ କରି ଚିନ୍ତାରେ ପଡିଛନ୍ତି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ଆଞ୍ଚଳିକ ମନ୍ଥନ
ମଙ୍ଗଳବାର,୩ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday,3 November 2026, Bhubaneswar



ସୋନମ ୱାଙ୍ଗଚୁକ୍‌ଙ୍କ ସ୍କୁଲ ଉପରେ ପ୍ରତିବନ୍ଧକ
ନୋଟିସ୍ ଜାରି କଲା ଲଦାଖ ପ୍ରଶାସନ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଶିକ୍ଷା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ଦ୍ୱାରା ପରିଚାଳିତ ପ୍ରତିଷ୍ଠାନ ହିମାଳୟନ ଇନଷ୍ଟିଚ୍ୟୁଟ୍ ଅଫ୍ ଅଲଟରନେଟିଭ୍ସ (ଏଚଆଇଏଏଲ)ସମ୍ପର୍କରେ ଏକ ନୂତନ ବିବାଦ ଦେଖାଦେଇଛି ।ଲଦାଖ ପ୍ରଶାସନ ସଂସ୍ଥାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୀତାଞ୍ଜଳି ଜେ. ଆଙ୍ଗମୋଙ୍କୁ ଏକ ନୋଟିସ୍ ଜାରି କରି ଫୟାଙ୍ଗର ଡେଜର୍ଟ ଫ୍ଲାୱାର ସ୍କୁଲରେ ଶିକ୍ଷାଗତ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି । ପ୍ରଶାସନ ଅଭିଯୋଗ କରିଛି ଯେ, ଆବଶ୍ୟକୀୟ ସରକାରୀ ଅନୁମୋଦନ ନ ପାଇ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଥିଲା। ଏହା ବ୍ୟତୀତ ପ୍ରତିଷ୍ଠାନକୁ ଦିଆଯାଇଥିବା ଜମି ବର୍ତ୍ତମାନ ଜମ୍ମୁ-କାଶ୍ମୀର ଏବଂ ଲଦାଖ ହାଇକୋର୍ଟରେ ବିଚାରାଧୀନ ଅଛି ।ପ୍ରାପ୍ତ ସୂଚନା ଅନୁଯାୟୀ, ଲେହ ତହସିଲଦାରଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ନୋଟିସ୍‌ରେ କୁହାଯାଇଛି, ସମ୍ପୃକ୍ତ ବିଭାଗରୁ ଆବଶ୍ୟକୀୟ ଅନୁମତି, ଅନୁମୋଦନ ଏବଂ କୌଣସି ଅବଜେକ୍ସନ ପ୍ରମାଣପତ୍ର (ଏନଓସି) ନ ନେଇ ଡେଜର୍ଟ ଫ୍ଲାୱାର ସ୍କୁଲରେ ଶ୍ରେଣୀ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଆରମ୍ଭ କରାଯାଇଛି ।

ପ୍ରଶାସନ ଅନୁଯାୟୀ, ଗୀତାଞ୍ଜଳି ସେପ୍ଟେମ୍ବର ୨୨ ତାରିଖରେ ଲେହର ଡେପୁଟି କମିସନରଙ୍କୁ ଚିଠି ଲେଖି ଡେଜର୍ଟ ଫ୍ଲାୱାର ସ୍କୁଲର ପ୍ରସ୍ତାବିତ ପରିଚାଳନା କମିଟିର ସଦସ୍ୟମାନଙ୍କ ପାଇଁ ଏନଓସି ଏବଂ ଆବଶ୍ୟକୀୟ ଅନୁମୋଦନ ପାଇଁ ଅନୁରୋଧ କରିଥିଲେ। ପ୍ରଶାସନ ଦାବି କରିଛି, ଅନୁମୋଦନ ପାଇବା ପୂର୍ବରୁ ହିଁ ସ୍କୁଲରେ ଶିକ୍ଷାଗତ କାର୍ଯ୍ୟକଳାପ ଆରମ୍ଭ ହୋଇଥିଲା ।ନୋଟିସ୍‌ରେ ଉଲ୍ଲେଖ କରାଯାଇଛି, ମାମଲା ବର୍ତ୍ତମାନ ଜମ୍ମୁ ଏବଂ କାଶ୍ମୀର ଏବଂ ଲଦାଖ ହାଇକୋର୍ଟରେ ବିଚାରାଧୀନ ଅଛି। ତେଣୁ କୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ପ୍ରତିଷ୍ଠାନ କୌଣସି ନୂତନ କାର୍ଯ୍ୟକଳାପ ଆରମ୍ଭ କରିବା ଉଚିତ୍ ନୁହେଁ। ପ୍ରଶାସନ ଗୀତାଞ୍ଜଳିଙ୍କୁ ସ୍ଥିତାବସ୍ଥା ବଜାୟ ରଖିବାକୁ ଏବଂ ବିଚାରାଧୀନ କୋର୍ଟ ମାମଲାକୁ ପ୍ରଭାବିତ କରୁଥିବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ନିର୍ଦ୍ଦେଶ ଦେଇଛି।୨୦୧୮ ମେ' ମାସରେ ଫୟାଙ୍ଗ ଥାଙ୍ଗରେ ଶିକ୍ଷାନୁଷ୍ଠାନକୁ ଜମି ଆବଣ୍ଟନ କରାଯିବା ପରେ ବିବାଦ ଆରମ୍ଭ ହୋଇଥିଲା। ଏହି ଜମିରେ ହିମାଳୟ ଅଞ୍ଚଳରେ ସ୍ଥାୟୀ ବିକାଶ ଉପରେ କେନ୍ଦ୍ରିତ ଏକ ବିକଳ୍ପ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାର ଯୋଜନା ଥିଲା। ଏହି ଆବଣ୍ଟନକୁ ୪୦ ବର୍ଷର ଲିଜ୍ ସହିତ ଅନେକ ସର୍ତ୍ତ ପ୍ରଦାନ କରାଯାଇଥିଲା। କିନ୍ତୁ, ୨୦୨୫ ଅଗଷ୍ଟ ୨୧ରେ ଲଦାଖ ପ୍ରଶାସନ ଜମି ଆବଣ୍ଟନକୁ ପ୍ରତ୍ୟାହାର କରିଦେଇଥିଲେ। ପ୍ରଶାସନ ଅଭିଯୋଗ କରିଥିଲା ଯେ, ପ୍ରତିଷ୍ଠାନ ଲିଜ୍ ଆନୁଷ୍ଠାନିକତା ପୂରଣ କରିନାହିଁ କିମ୍ବା ଯେଉଁ ବିଶ୍ୱବିଦ୍ୟାଳୟ ପାଇଁ ଜମି ଆବଣ୍ଟନ କରାଯାଇଥିଲା ତାହା ପ୍ରତିଷ୍ଠା କରିନାହିଁ ।ଅକ୍ଟୋବର ୨୦୨୬ରେ ପ୍ରଶାସନ ହାଇକୋର୍ଟରେ ୧୩୬ ପୃଷ୍ଠାର ଏକ ସତ୍ୟପାଠ ଦାଖଲ କରିଥିଲା, ଯେଉଁଥିରେ କୁହାଯାଇଥିଲା ଯେ, ଲିଜ୍ ଡିଡ୍ କାର୍ଯ୍ୟକାରୀ ନହେବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଜମି ପ୍ରିମିୟମ ପୈଠ କରିବାରେ ବିଫଳ ହେବା ଯୋଗୁଁ ଜମି ଆବଣ୍ଟନ ମେ' ୨୦୧୯ରେ ସ୍ୱୟଂଚାଳିତ ଭାବରେ ସମାପ୍ତ ହୋଇଯାଇଥିଲା। ପ୍ରଶାସନ ଏହା ମଧ୍ୟ କହିଥିଲା ଯେ, ଲଦାଖ ଉଚ୍ଚଶିକ୍ଷା ବିଭାଗ ଅକ୍ଟୋବର ୨୦୨୬ ରେ ପ୍ରମାଣିତ କରିଥିଲା ଏହା ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ ନୁହେଁ ଏବଂ ଏହାର ପାଠ୍ୟକ୍ରମଗୁଡ଼ିକର ବୈଧାନିକ ସମ୍ପର୍କ ନାହିଁ।

ହିନ୍ଦୁ ଓ ୟହୁଦୀଙ୍କ ବନ୍ଧୁତ୍ୱ ମୁସଲିମ ଓ ପାକିସ୍ତାନ ପାଇଁ ବିପଦ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଭାରତ ଓ ଇସ୍ରାଏଲର ବନ୍ଧୁତ୍ୱ ନେଇ ଭୟରେ ପାକିସ୍ତାନ। ଏନେଇ ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀର ଖୁବ୍ ଚିନ୍ତିତ ଥିବା ଜଣାପଡୁଛନ୍ତି। ମୁସ୍ଲିମ ଓ ପାକିସ୍ତାନ ବିରୁଦ୍ଧରେ ହିନ୍ଦୁ ଓ ୟହୁଦୀ ଏକଜୁଟ ହେଉଛନ୍ତି ବୋଲି ମୁନୀର କହିଛନ୍ତି। ମୁନୀରଙ୍କ ଏଭଳି ଦାବି ବିଷୟରେ ସୂଚନା ଦେଇଛନ୍ତି ଇରାନର ଶୀର୍ଷ ସୁରକ୍ଷା ଅଧିକାରୀ ମୋହସେନ୍ ରେଜାଏ ।ଲାହୋର ମିଡିଆ ୨୪ News HDର ରିପୋର୍ଟ ଅନୁସାରେ, ଅକ୍ଟୋବର ୨୬ ତାରିଖରେ ତେହେରାନରେ ଅନୁଷ୍ଠିତ ହୋଇଥିବା ୪ ଦେଶରେ ସୁରକ୍ଷା ବୈଠକରେ ମୁନୀର ଏହି ମନ୍ତବ୍ୟ ଦେଇଥିଲେ ବୋଲି ରେଜାଇ କହିଛନ୍ତି। ଏକ ଭିଡିଓରେ ରେଜାଏଙ୍କୁ ମୁନିର ଏବଂ ତୁର୍କୀ ଗୁଇନ୍ଦା ମୁଖ୍ୟ ଇବ୍ରାହିମ କାଲିନଙ୍କ ସହ କଥା ହେଉଥିବାର ଦେଖିବାକୁ ମିଳିଛି। ଯେଉଁଥିରେ ସେ ଭାରତ-ଇସ୍ରାଏଲ ସମ୍ପର୍କକୁ ପାକିସ୍ତାନ ଏବଂ ସମଗ୍ର ମୁସଲମାନ ଜଗତ ପାଇଁ ଏକ ବିପଦ ବୋଲି କହୁଛନ୍ତି ।ଇରାନ ସରକାରୀ ମିଡିଆ ଆଇଆରବିଆଇ (IRBI)କୁ ରେଜାଏ ଏକ ସାକ୍ଷାତ୍କାର ଦେଇ ଏ ବିଷୟରେ ଖୁଲାସା କରିଥିଲେ। ଯାହାକୁ ନେଇ ପାକିସ୍ତାନ ମିଡିଆ ୨୪ News HD ରିପୋର୍ଟ ପ୍ରକାଶ କରିଛି ।ଅକ୍ଟୋବର ୨୫ ତାରିଖରେ ଇରାନ, ପାକିସ୍ତାନ, ସାଉଦି ଆରବ ଏବଂ ତୁର୍କୀ ଏକାଠି ବୈଠକ କରିଥିଲେ। ଆମେରିକା ଓ ଇସ୍ରାଏଲର ଯୁଦ୍ଧକୁ ନେଇ ଏଥିରେ ଆଲୋଚନା ହୋଇଥିଲା। ଏହି ସମୟରେ ପାକିସ୍ତାନର ନେତୃତ୍ୱ କରୁଥିବା ମୁନୀର କିନ୍ତୁ ଭାରତ ଇସ୍ରାଏଲ୍ ସମ୍ପର୍କ ନେଇ ଚିନ୍ତା ବ୍ୟକ୍ତ କରିଥିଲେ ।କେବଳ ରେଜାଏ ନୁହଁନ୍ତି ପାକିସ୍ତାନ ସାମ୍ବାଦିକ ନଜମ ସେଠି ମଧ୍ୟ ମୁନୀର ଏପରି କହିଥିବା ସେ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି। ହିନ୍ଦୁ ଓ ୟହୂଦୀଙ୍କ ବଢୁଥିବା ସମ୍ପର୍କ ଏକ ବଡ଼ ବିପଦ। ଏହା ମୁସଲିମ ଓ ପାକିସ୍ତାନ ବିରୁଦ୍ଧରେ ଏକ ଭୂରାଜନୈତିକ ଏକତା ବୋଲି ମୁନୀର କହିଥିବା ନଜମ ସେଠ କହିଛନ୍ତି ।ହାଫିଜ୍ ଏ-କୁରାନ (କୁରାନକୁ ମନେ ରଖିଥିବା ବ୍ୟକ୍ତି) ମୁନୀର ସବୁବେଳେ ହିନ୍ଦୁ ଓ ମୁସ୍ଲିମଙ୍କ ମଧ୍ୟରେ ଥିବା ଧାର୍ମିକ ପାର୍ଥକ୍ୟକୁ ଉଲ୍ଲେଖ କରିଛନ୍ତି। ଏହି ଦୁଇ ସମ୍ପ୍ରଦାୟ ମୌଳିକ ଭାବରେ ପରସ୍ପରଠାରୁ ଭିନ୍ନ ବୋଲି ମୁନୀର କହିଛନ୍ତି। ହିନ୍ଦୁ-ମୁସ୍ଲିମ ମଧ୍ୟରେ ବିଭେଦ ସୃଷ୍ଟି କରିବା ମୁନୀରଙ୍କ ପାଇଁ ନୂଆ କଥା ନୁହେଁ। ୨୦୨୫ ଏପ୍ରିଲ ମାସରେ ବି ମୁନୀର ଏଭଳି ଚରମପନ୍ଥୀ ବୟାନ ଦେଇଥିଲେ ।ସେନା ଯବାନଙ୍କୁ ଆହ୍ୱାନ ଦେଇ ମୁନୀର କହିଥିଲେ ଯେ ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ଧର୍ମ, ରୀତିନୀତି, ପରମ୍ପରା, ଚିନ୍ତାଧାରା ଆଦିର ଅନେକ ପାର୍ଥକ୍ୟ ରହିଛି। ଏଥିସହିତ ସେ ଜିନ୍ନାଙ୍କର ଟୁ –ନେସନ ଥିଓର ବିଷୟରେ ବି କହି ଯବାନଙ୍କୁ ଉସ୍କାଇଥିଲେ। ହେଲେ ଏବେ ରେଜାଏ ମୁନୀରଙ୍କ ବିଷୟରେ ଦେଇଥିବା ଏହି ମନ୍ତବ୍ୟକୁ ଯଦିଓ ଭେରିଫାଏ କରାଯାଇ ନାହିଁ, ତେବେ ଏହା ମୁନୀରଙ୍କର ଚରିତ୍ରକୁ ବି ଦର୍ଶାଉଛି।



ଓମାନ ଉପକୂଳରେ ଜଣେ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି):ପଶ୍ଚିମ ଏସିଆ ଏବଂ କଳା ସାଗର ଅଞ୍ଚଳରେ ଭାରତୀୟ ନାଗରିକଙ୍କ ମୃତାହତକୁ ନେଇ ବଡ଼ ସୂଚନା ଦେଇଛି ବୈଦେଶିକ ମନ୍ତ୍ରଣାଳୟ। ମଙ୍ଗଳବାର ଦିନ ସାମ୍ବାଦିକ ସମ୍ମିଳନୀ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏନେଇ ସୂଚନା ଦେଇଛନ୍ତି ।ସେ କହିଛନ୍ତି, ସୋମବାର ଓମାନ ଉପକୂଳ ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଛି। ଉକ୍ତ ଜାହାଜରେ ମୋଟ ୧୪ ଜଣ ଭାରତୀୟ କ୍ରୁ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୩ ଜଣଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଚାଲିଛି। ମୃତ ଭାରତୀୟଙ୍କ ମରଶରୀରକୁ ମଧ୍ୟ ଦେଶକୁ ଆଣିବାକୁ ଉଦ୍ୟମ ଜାରି ରହିଛି।ଏହି ଘଟଣାରେ ତୁରନ୍ତ ପଦକ୍ଷେପ ନେଇଥିବାରୁ ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛି ଭାରତ। ଏଥିସହ ସମସ୍ତ ପକ୍ଷଙ୍କୁ ଆଲୋଚନା ଓ କୂଟନୈତିକ ଉପାୟରେ ଶାନ୍ତି ଫେରାଇ ଆଣିବାକୁ ଅପିଲ୍ କରିଛି ବୈଦେଶିକ ମନ୍ତ୍ରଣାଳୟ। ଅନ୍ତର୍ଜାତୀୟ ଜଳସୀମା ଏବଂ ସମୁଦ୍ର ପଥରେ ଜାହାଜ ଚଳାଚଳର ସ୍ୱାଧୀନତା ପୁନଃ ସ୍ଥାପନ ସହ ଏହାର ଗ୍ୟାରେଣ୍ଟି ଦେବା ଆବଶ୍ୟକ ବୋଲି ମଧ୍ୟ କହିଛନ୍ତି ରଣଧୀର ଜୟସ୍ୱାଲ। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁସାରେ, ପଶ୍ଚିମ ଏସିଆରେ ଜାରି ସଂଘର୍ଷ ମଧ୍ୟରେ ଏଯାଏଁ ୨୩ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ଏଥିରେ ୧୫ ଜଣ ଭାରତୀୟ ନାବିକ ଅଛନ୍ତି। ସେହିପରି କଳା ସାଗର ଅଞ୍ଚଳରେ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ମଧ୍ୟ ୫ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ଆଉ ୨ ଜଣ ଭାରତୀୟ ଏବେ ବି ନିଖୋଜ ଅଛନ୍ତି।

ପ୍ରଦର୍ଶନ ନାଁରେ ରାସ୍ତା ଦଖଲ ମନା: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୩।୧୧(ଏଜେନ୍ସି):ପ୍ରଦର୍ଶନ ନାଁରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତା କିମ୍ବା ସର୍ବସାଧାରଣ ସ୍ଥାନ ଦଖଲ କରିହେବ ନାହିଁ । କେନ୍ଦ୍ରୀୟ ଦିଲ୍ଲୀରେ ପ୍ରତିବାଦକୁ ନେଇ ଏଭଳି କଡ଼ା ମନ୍ତବ୍ୟ ଦେଇଛନ୍ତି ସୁପ୍ରିମକୋର୍ଟ । ସମସ୍ତଙ୍କର ପ୍ରତିବାଦ କରିବାର ଅଧିକାର ରହିଛି, କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ଧାର୍ଯ୍ୟ ହେବା ଆବଶ୍ୟକ ବୋଲି କହିଛନ୍ତି ସିଜେଆଇ ସୂର୍ଯ୍ୟକାନ୍ତ । ଏହାସହ ସାଧାରଣ ଲୋକ ଓ ଛୋଟ ବ୍ୟବସାୟୀଙ୍କ ଜୀବିକା ଯେପରି ପ୍ରଭାବିତ ନହୁଏ, ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି ।ପ୍ରତିବାଦ ନାଁରେ ଆଉ ଚାଲିବନି ମନମାନି । ସର୍ବସାଧାରଣ ସ୍ଥାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦଖଲ କରିବା ଉପରେ କଡ଼ା ମନ୍ତବ୍ୟ ଦେଇଛନ୍ତି ସୁପ୍ରିମକୋର୍ଟ। କେନ୍ଦ୍ରୀୟ ଦିଲ୍ଲୀରେ ପ୍ରତିବାଦ ପ୍ରସଙ୍ଗର ଶୁଣାଣି ବେଳେ ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, କୌଣସି ଗୋଟିଏ ଗୋଷ୍ଠୀ ସବୁଦିନ ପାଇଁ ଗୋଟିଏ ସ୍ଥାନକୁ ଦଖଲ କରି ରଖିପାରିବେ ନାହିଁ । ଅନ୍ୟମାନଙ୍କର ମଧ୍ୟ ପ୍ରତିବାଦ କରିବାର ଅଧିକାର ରହିଛି । ଚାଷୀ, ଆଇନଜୀବୀ ଓ ଅନ୍ୟ ପ୍ରତିବାଦକାରୀ କେଉଁଠି ନିଜ ଦାବି ଉଠାଇବେ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ ।ପ୍ରତିବାଦ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ଧାର୍ଯ୍ୟ କରାଯିବା ଉଚିତ୍। ସମସ୍ତେ ଏହି ନିୟମ ପାଳନ କରିବା ଆବଶ୍ୟକ ବୋଲି କହିଛନ୍ତି ସିଜେଆଇ । ସେପଟେ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି, ଜୁଲାଇ ୨୦ ତାରିଖରେ ପ୍ରତିବାଦ ପାଇଁ କେବଳ ଗୋଟିଏ ଦିନର ଅନୁମତି ଦିଆଯାଇଥିଲା । ମାତ୍ର ପ୍ରତିବାଦକାରୀମାନେ ସ୍ଥାନ ଖାଲି ନକରି ସେଠାରେ ରହିଥିଲେ । ଏପରିକି ସଂସଦ ଅଭିମୁଖେ ଶୋଭାଯାତ୍ରା କରିଥିବା ନେଇ ସେ ଅଦାଲତଙ୍କୁ ଜଣାଇଛନ୍ତି । ସଂସଦ କେବଳ ଏକ ରାଜନୈତିକ କୋଠା ନୁହେଁ, ତେଣୁ ସେଠାକୁ ଶୋଭାଯାତ୍ରା କରିବା ଉଚିତ୍ ନୁହେଁ ବୋଲି ସେ ଯୁକ୍ତି ରଖିଛନ୍ତି ।ଏହାସହ ଦୋକାନୀ ଓ ରାସ୍ତାକଡ଼ର ଉଠା ବ୍ୟବସାୟୀଙ୍କ ଜୀବିକା ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି ସିଜେଆଇ । ପ୍ରତିବାଦ ପାଇଁ ଏଭଳି ସ୍ଥାନ ଚିହ୍ନଟ ହେବା ଦରକାର, ଯାହାଦ୍ୱାରା ଗରିବ ବ୍ୟବସାୟୀଙ୍କ ରୋଜଗାର ପ୍ରଭାବିତ ହେବ ନାହିଁ । ଏବେ ପ୍ରତିବାଦ ଓ ସାଧାରଣ ଜନଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା ଉପରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱ ରହିଛି ।

ସାମରିକ କ୍ଷେତ୍ରରେ ଆତ୍ମନିର୍ଭରତା ଭାରତ ପାଇଁ ଜରୁରୀ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ବର୍ତ୍ତମାନର ଅସ୍ଥିର ବୈଶ୍ୱିକ ଭୂ-ରାଜନୈତିକ ପରିସ୍ଥିତିରେ ଆତ୍ମନିର୍ଭରତା କୌଣସି ବିକଳ୍ପ ନୁହେଁ, ବରଂ ଏହା ଏକ ରଣନୈତିକ ଆବଶ୍ୟକତା ବୋଲି ନୌସେନା ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି । ନୂଆଦିଲ୍ଲୀଠାରେ ଏକ ଥିଙ୍କ-ଟ୍ୟାଙ୍କ ଦ୍ୱାରା ଆୟୋଜିତ 'ଦିଲ୍ଲୀ ଡିଫେନ୍ସ ଡାଏଲଗ୍'ରେ ଉଦବୋଧନ ଦେଇ ସେ କହିଛନ୍ତି ଯେ, ବାହ୍ୟ ଦେଶ କିମ୍ବା ସଂସ୍ଥା ଉପରେ ନିର୍ଭର ନକରି ନିଜ ବଳରେ ଯୁଦ୍ଧ ଲଢ଼ିବା , ଅପରେସନ୍ ଜାରି ରଖିବା ଏବଂ ନିଜକୁ ପରିସ୍ଥିତି ସହ ଖାପଖୁଆଇ ପାରୁଥିବା ଏକ ଶକ୍ତିଶାଳୀ ନୌସେନା ଗଠନ କରିବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ ।ଆଡମିରାଲ ସ୍ୱାମୀନାଥନ ସ୍ପଷ୍ଟ କରିଛନ୍ତି ଯେ, ଆତ୍ମନିର୍ଭରତାର ଅର୍ଥ ବିଶ୍ୱରୁ ଅଲଗା ହୋଇ ରହିବା ନୁହେଁ। ଏହା ଭାରତକୁ ବନ୍ଧୁରାଷ୍ଟ୍ରଗୁଡ଼ିକ ସହ ଦୁର୍ବଳତା ନୁହେଁ, ବରଂ ଶକ୍ତିଶାଳୀ ସ୍ଥିତିରେ ଥାଇ ସହଯୋଗ କରିବାକୁ ସମର୍ଥ କରିଥାଏ । ରୁଷ-ୟୁକ୍ରେନ୍ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ସଂଘର୍ଷର ଉଦାହରଣ ଦେଇ ସେ ଦର୍ଶାଇଥିଲେ ଯେ, ଯୁଦ୍ଧ ସମୟରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୁଏ। ତେଣୁ ଏକବିଂଶ ଶତାବ୍ଦୀର ନୌସେନା ପାଇଁ ସ୍ୱଦେଶୀ ଜ୍ଞାନକୌଶଳ ଓ ସାମରିକ ସାମର୍ଥ୍ୟ ହିଁ ଅପରେସନାଲ୍ ପ୍ରସ୍ତୁତିକୁ ସୁନିଶ୍ଚିତ କରିପାରିବ।



ଏହାବ୍ୟତୀତ ନୌସେନା ମୁଖ୍ୟ ବୈଶ୍ୱିକ ସୁରକ୍ଷା ପ୍ରତି ଅସଂଗଠିତ ଗୋଷ୍ଠୀ କିମ୍ବା ବେସରକାରୀ ସଂସ୍ଥାଙ୍କ ବୃଦ୍ଧିପାଉଥିବା ପ୍ରଭାବ ନେଇ ଚିନ୍ତା ପ୍ରକାଶ କରିଥିଲେ। ପ୍ରଯୁକ୍ତିବିଦ୍ୟାର ସହଜ ଉପଲବ୍ଧତା ଯୋଗୁଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବେ ଭଲ ଲୋକ ଏବଂ ଖରାପ ଲୋକ ଉଭୟଙ୍କ ହାତରେ ପହଞ୍ଚିପାରୁଛି ବୋଲି ସେ କହିଥିଲେ। ଏହି ଆହ୍ୱାନର ମୁକାବିଲା ପାଇଁ ଗବେଷଣା ଓ ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି କରିବା, ପ୍ରତିରକ୍ଷା ସାମର୍ଥ୍ୟର ଅଭାବକୁ ପୂରଣ କରିବା ଏବଂ ନୂତନ ଜ୍ଞାନକୌଶଳକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେନାର ଅପରେସନାଲ୍ କ୍ଷମତାରେ ପରିଣତ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

ଅବତରଣ ସମୟରେ ୨ ହେଲିକପ୍ଟର ଧକ୍କା,ଜଣେ ମୃତ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି):ନେପାଳରୁ ଏବେ ଏକ ବଡ଼ ଖବର ଆସିଛି। ଦୁଇଟି ହେଲିକପ୍ଟର ଧକ୍କା ହେବା ଫଳରେ ଏକ ଦୁର୍ଘଟଣା ଘଟିଛି। ରିପୋର୍ଟ ଅନୁସାରେ, ଅବତରଣ ସମୟରେ ଦୁଇଟି ହେଲିକପ୍ଟର ଧକ୍କା ହୋଇଥିଲା। କୁହାଯାଉଛି, ନେପାଳର ସୋଲୁଖୁମ୍ବୁରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ଦୁଇଟି ହେଲିକପ୍ଟର ମଧ୍ୟରେ ଧକ୍କା ହୋଇଥିବା ଦେଖାଯାଉଛି। ଭିଡିଓରେ ଘଟଣାସ୍ଥଳ ନିକଟରେ ଅନେକ ଲୋକଙ୍କୁ ଠିଆ ହୋଇଥିବାର ଦେଖାଯାଉଛି ।ରିପୋର୍ଟ ଅନୁସାରେ, ଏହି ଦୁର୍ଘଟଣାରେ ଜଣେ ବିଦେଶୀ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଛି। ଏହା ଜଣେ ପାଇଲଟ୍ ଆହତ ହୋଇଛନ୍ତି। ନେପାଳ ପୁଲିସର ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ସକାଳ ପ୍ରାୟ ୮:୧୧ ସମୟରେ ମାଉଣ୍ଟ ଏଭରେଷ୍ଟ ଅଞ୍ଚଳର ଫେରିଚେରେ'ଫିସଟେଲ୍ ଏୟାର' ଏବଂ 'ଡାଇନେଷ୍ଟି ଏୟାର'ର ହେଲିକପ୍ଟର ଅବତରଣ କରିବା ସମୟରେ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଥିଲା। ଫିସଟେଲ୍ ଏୟାର ହେଲିକପ୍ଟରଟି ପାଇଲଟ୍ ପ୍ରଜ୍ୱଳ କେସି ଉଡ଼ାଉଥିଲେ, ଯେତେବେଳେ ଏୟାର ଡାଇନେଷ୍ଟି ହେଲିକପ୍ଟରରେ ପାଇଲଟ୍ ରବୀନ୍ଦ୍ର ପ୍ରଜାପତି ଥିଲେ ।ଫିସଟେଲ୍ ଏୟାର ହେଲିକପ୍ଟରରେ ଥିବା ଭାରତୀୟ ନାଗରିକ ବସନ୍ତ କୁମାର ବାଲାରାମାରୁଡୁଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା। ଭାରତୀୟ ବଂଶୋଦ୍ଭବ ନ୍ୟୁଜିଲ୍ୟାଣ୍ଡ ନାଗରିକ ଶୈଳେଶ କୃଷ୍ଣ ପଟେଲ ଆହତ ହୋଇଥିଲେ ଏବଂ ତାଙ୍କୁ ପ୍ରଭୁ ହେଲିକପ୍ଟର ଦ୍ୱାରା କାଠମାଣ୍ଡୁର ମେଡିସିଟି ହସ୍ପିଟାଲକୁ ପଠାଯାଇଥିଲା।

ନୀତିଶଙ୍କୁ ଉତ୍ତରପ୍ରଦେଶ ମନା !

ନୂଆଦିଲ୍ଲୀ,୩।୧୧(ଏଜେନ୍ସି):ସୁହେଲଦେବ ଭାରତୀୟ ସମାଜ ପାର୍ଟି (ସୁଭାସପା) ଅଧ୍ୟକ୍ଷ ଓମ୍ ପ୍ରକାଶ ରାଜଭରଙ୍କ ପୁଅ ଅରବିନ୍ଦ ରାଜଭର ବିହାରର ରାଜନୈତିକ ଦଳଗୁଡ଼ିକର ଉତ୍ତରପ୍ରଦେଶରେ ପ୍ରବେଶକୁ ନେଇ ବଡ଼ ବୟାନ ଦେଇଛନ୍ତି। ଏଥିସହିତ ସେ ଚେତାବନୀ ଦେଇ କହିଛନ୍ତି, ବିହାରରେ ଯେତେବେଳେ ତାଙ୍କ ଦଳକୁ ଏନଡିଏରେ ସାମିଲ କରାଗଲା ନାହିଁ, ସେତେବେଳେ ଉତ୍ତରପ୍ରଦେଶରେ ମଧ୍ୟ ବିହାରର ଦଳଗୁଡ଼ିକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ସୁଭାସପା ନେତା ଅରବିନ୍ଦ କହିଛନ୍ତି, ଯଦି କୌଣସି ଦଳ ଏଭଳି କରିବାକୁ ଉଦ୍ୟମ କରେ, ତେବେ ଆଗାମୀ ଦିନରେ ସୁଭାସପା ଏଥିପାଇଁ ଅନ୍ୟ ରଣନୀତି ଆପଣାଇବାକୁ ବିଚାର କରିବ। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ଏବଂ ନୀତୀଶ କୁମାରଙ୍କ ଜନତା ଦଳ ୟୁନାଇଟେଡ୍ (ଜେଡିୟୁ) ଉତ୍ତରପ୍ରଦେଶର ପୂର୍ବାଞ୍ଚଳର କିଛି ବିଧାନସଭା ଆସନରେ ନିର୍ବାଚନ ଲଢ଼ିବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି ।ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କୁ ନେଇ ମଧ୍ୟ ଅରବିନ୍ଦ ରାଜଭର ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଯଦି ସୁଭାସପା ସହ ଯୋଡ଼ି ହେବାକୁ ଚାହାନ୍ତି, ତେବେ ତାଙ୍କ ପାଇଁ ଦଳର ଦ୍ୱାର ଖୋଲା ରହିଛି। ତାଙ୍କ ସହ ଆଲୋଚନା କରାଯିବା ସହ ଏନଡିଏର ଶୀର୍ଷ ନେତୃତ୍ୱଙ୍କ ସହ କଥା ହୋଇ ତାଙ୍କୁ ମେଣ୍ଟରେ ସାମିଲ କରିବାକୁ ଉଦ୍ୟମ କରାଯିବ। ଅରବିନ୍ଦ କହିଛନ୍ତି, ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଜଣେ ଭଲ ନେତା ଏବଂ ଅଭିଜ୍ଞ ରାଜନେତା। ନିଜର ରାଜନୈତିକ ଅଭିଜ୍ଞତାକୁ ଆଧାର କରି ସେ ପୁଣିଥରେ ଏନଡିଏ ସହ ଯୋଡ଼ି ହେବା ଉଚିତ। ଏଠାରେ ତାଙ୍କୁ ସମ୍ମାନ, ମର୍ଯ୍ୟାଦା, ଭାଗୀଦାରୀ ଓ ଉଚିତ ଅଂଶୀଦାରିତା ମିଳିବ। କଂଗ୍ରେସ ଓ ସମାଜବାଦୀ ପାର୍ଟିକୁ ଟାର୍ଗେଟ୍ କରି ଅରବିନ୍ଦ କହିଛନ୍ତି, ସ୍ୱାମୀ ପ୍ରସାଦ ମୌର୍ଯ୍ୟ ବର୍ତ୍ତମାନ ଉତ୍ତରପ୍ରଦେଶ ରାଜନୀତିରେ ଫୁଟବଲ୍ ପାଲଟିଯାଇଛନ୍ତି ।ଉତ୍ତରପ୍ରଦେଶରେ ମୁସଲିମ୍ ପ୍ରାର୍ଥୀଙ୍କୁ ଟିକେଟ୍ ଦେବା ପ୍ରସଙ୍ଗରେ ମଧ୍ୟ ଅରବିନ୍ଦ ରାଜଭର ନିଜ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଆଗାମୀ ନିର୍ବାଚନରେ ସୁଭାସପା ଦୁଇ ଜଣ ମୁସଲିମ୍ ଚେହେରାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବ। ସେମାନେ ହେଉଛନ୍ତି ଦଳର ଅଳ୍ପସଂଖ୍ୟକ ପ୍ରକୋଷ୍ଠର ରାଷ୍ଟ୍ରୀୟ ଅଧ୍ୟକ୍ଷ ଆଫତାବ ଆଲମ୍ ଏବଂ ପ୍ରଦେଶ ଅଧ୍ୟକ୍ଷ ଖୁର୍ସିଦ୍ ଆଲମ୍। ଆଗାମୀ ଦିନରେ ଏହି ଦୁଇ ନେତାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଦଳ ପଦକ୍ଷେପ ନେବ ବୋଲି ସେ କହିଛନ୍ତି।

ନେହା ବୋରାଙ୍କ ବୟାନରେ ରାଜନୈତିକ ଝଡ଼



ନୂଆଦିଲ୍ଲୀ,୩।୧୧(ଏଜେନ୍ସି):ଛାତ୍ରୀ ନେତ୍ରୀ ନେହା ବୋରାଙ୍କ ବିବାଦୀୟ ବୟାନକୁ ନେଇ ତେଜିଲା ରାଜନୀତି । ବ୍ରାହ୍ମଣବାଦୀ ବ୍ୟବସ୍ଥା ଓ ମନ୍ଦିରରେ ମହିଳାଙ୍କ ସୁରକ୍ଷାକୁ ନେଇ ତାଙ୍କ ମନ୍ତବ୍ୟ ପରେ ଆକ୍ରମଣାତ୍ମକ ହୋଇଛି ବିଜେପି । ଏହାକୁ କଂଗ୍ରେସର ହିନ୍ଦୁ ବିରୋଧୀ ମାନସିକତା ବୋଲି ଅଭିହିତ କରିଛି ଦଳ। ଏଥିସହ ରାହୁଲ ଗାନ୍ଧୀଙ୍କ ପୁରୁଣା ବୟାନକୁ ମନେ ପକାଇ ତାଙ୍କୁ ଟାର୍ଗେଟ କରିଛି ବିଜେପି ।ନେହା ବୋରାଙ୍କ ବୟାନକୁ ନେଇ ଜାତୀୟ ରାଜନୀତିରେ ହଟଚମଟ । ବ୍ରାହ୍ମଣବାଦୀ ବ୍ୟବସ୍ଥା ମହିଳା, ଗରିବ ଓ ଶୋଷିତଙ୍କୁ ଦମନ କରୁଥିବା ଅଭିଯୋଗ ଆଣିଛନ୍ତି ଛାତ୍ରୀ ନେତ୍ରୀ। ଏପରିକି ମନ୍ଦିର ଭିତରେ ମଧ୍ୟ ମହିଳାମାନେ ସୁରକ୍ଷିତ ନଥିବା ନେଇ ମନ୍ତବ୍ୟ ଦେଇଛନ୍ତି । ନିଜ ଯୁକ୍ତିରେ ୨୦୧୮ ମସିହାର କଠୁଆ ଗଣଦୁଷ୍କର୍ମ ଘଟଣାର ଉଦାହରଣ ଦେଇଥିଲେ ନେହା । ଏହାକୁ ନେଇ ନେହାଙ୍କୁ ଘେରିଛି ବିଜେପି । ଦଳର ଜାତୀୟ ପ୍ରବକ୍ତା ପ୍ରଦୀପ ଭଣ୍ଡାରୀ ତାଙ୍କ ବୟାନକୁ ସମାଲୋଚନା କରିବା ସହ ଏହାକୁ ରାହୁଲ ଗାନ୍ଧୀଙ୍କ ପୁରୁଣା ମନ୍ତବ୍ୟର ପ୍ରତିଫଳନ ବୋଲି କହିଛନ୍ତି । ଏହା କେବଳ ଏକ ବୟାନ ନୁହେଁ, ବରଂ ସନାତନ ଧର୍ମ ବିରୋଧରେ ଏକ ଚିନ୍ତାଧାରାଗତ ଅଭିଯାନ ବୋଲି ଅଭିଯୋଗ କରିଛନ୍ତି ।୨୦୧୪ରେ ରାହୁଲ ଗାନ୍ଧୀଙ୍କ ମନ୍ଦିର ଓ ମହିଳା ନିର୍ଯାତନା ସମ୍ପର୍କିତ ବୟାନ ସହ ୟୁପିଏ ସରକାର ସମୟରେ ବ୍ୟବହୃତ 'ହିନ୍ଦୁ ଆତଙ୍କବାଦ' ଶବ୍ଦକୁ ମନେ ପକାଇଛି ବିଜେପି। କଂଗ୍ରେସର ଚିନ୍ତାଧାରା ହିନ୍ଦୁ ବିରୋଧୀ, ସମ୍ବିଧାନ ବିରୋଧୀ ଓ ସନାତନ ବିରୋଧୀ ବୋଲି ପ୍ରଦୀପ ଭଣ୍ଡାରୀ ଅଭିଯୋଗ କରିଛନ୍ତି । ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ସମର୍ଥନ ଜଣାଇବା ସମୟରେ ନେହା ଏହି ମନ୍ତବ୍ୟ ଦେଇଥିଲେ । ତାଙ୍କ ବୟାନକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ତୀବ୍ର ବିତର୍କ ଆରମ୍ଭ ହୋଇଛି । ଗୋଟିଏ ପଟେ ବ୍ୟବସ୍ଥାଗତ ଅସମାନତା ଓ ମହିଳା ସୁରକ୍ଷା ପ୍ରସଙ୍ଗ ଉଠୁଥିବା ବେଳେ ଅନ୍ୟପଟେ ଧାର୍ମିକ ସମ୍ପ୍ରଦାୟକୁ ସାମଗ୍ରିକ ଭାବେ ଦୋଷାରୋପ କରିବାକୁ ନେଇ ବିବାଦ ତେଜିଛି । ଏବେ ନେହାଙ୍କ ମନ୍ତବ୍ୟକୁ ନେଇ ବିଜେପିର ଆକ୍ରମଣ ଓ କଂଗ୍ରେସକୁ ଟାର୍ଗେଟ ପରେ ଜାତୀୟ ରାଜନୀତିରେ ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଛି ।

ଆମେରିକାକୁ କିମ୍‌ଙ୍କ ଧମକ !

ନୂଆଦିଲ୍ଲୀ,୩।୧୧(ଏଜେନ୍ସି):ଦୁନିଆର ସବୁଠୁ ବଡ଼ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ବାଇନାନ୍ସରୁ ୬ ବିଲିୟନ ଡଲାରରୁ ଅଧିକ ଅର୍ଥ ଚୋରି ଅଭିଯୋଗ ହୋଇଛି। ଏହି ସାଇବର ଚୋରି ପଛରେ ଉତ୍ତର କୋରିଆର ହ୍ୟାକର୍ସ ଗ୍ରୁପର ହାତ ଥିବା ଆମେରିକାର ଏଫ୍‌ବିଆଇ ଅଭିଯୋଗ କରିବା ପରେ ତୀବ୍ର ହୋଇଛି ବିବାଦ। ଆମେରିକାର ଅଭିଯୋଗ ପରେ ଚିହିଁକି ଉଠିଛି ଉତ୍ତରକୋରିଆ। ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିଛି। ଆଉ କଡ଼ା ଭାଷାରେ ଜବାବ ଦେଇଛନ୍ତି ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ ଉନ୍‌ଙ୍କ ଭଉଣୀ କିମ୍ ୟୋ ଜୋଙ୍ଗ।ଏଫ୍ ବିଆଇର ଅଭିଯୋଗ ଅଯୁକ୍ତିକର ବୋଲି କହିଛନ୍ତି କିମ୍ ୟୋ ଜୋଙ୍ଗ। ସେ କହିଛନ୍ତି, ଆନ୍ତର୍ଜାତୀୟ ସାଇବର ଅପରାଧ ଘଟଣାରେ ଆମେରିକା ବାରମ୍ବାର ଉତ୍ତର କୋରିଆର ନାଁ ଯୋଡ଼ି ବିଶ୍ୱକୁ ଭ୍ରମିତ କରୁଛି। ଏହା ଆମେରିକାର ଉତ୍ତର କୋରିଆ ପ୍ରତି ଥିବା ଶତ୍ରୁତାପୂର୍ଣ୍ଣ ମନୋଭାବକୁ ପୁଣିଥରେ ସ୍ପଷ୍ଟ କରିଛି ବୋଲି ସେ କହିଛନ୍ତି ।ଏହି ବିବାଦର ମୂଳରେ ରହିଛି ବାଇନାନ୍ସରେ ହୋଇଥିବା ବଡ଼ ଧରଣର କ୍ରିପ୍ଟୋ ଚୋରି। ଏଫ୍‌ବିଆଇ ଏହି ସାଇବର ଆକ୍ରମଣ ପାଇଁ ଉତ୍ତର କୋରିଆର ହ୍ୟାକର୍ସ ଗ୍ରୁପ୍ 'ଟ୍ରେଡରଟ୍ରେଟର'କୁ ଦାୟୀ କରିଛି। ଏହି ଗ୍ରୁପ୍ ଗତବର୍ଷ ବାଇବିଟ୍ କ୍ରିପ୍ଟୋ ଏକ୍ସଚେଞ୍ଜରୁ ପ୍ରାୟ ୧.୫ ବିଲିୟନ ଡଲାର ହ୍ୟାକ୍ କରିଥିବା ଅଭିଯୋଗ ରହିଛି।

ଇସ୍ରାଏଲକୁ ଜବାବ ଦେବାକୁ ପ୍ରସ୍ତୁତ ହେଲେ ଇରାନୀ ମହିଳା

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଆମେରିକା ଓ ଇସ୍ରାଏଲ ବିରୋଧରେ ଗୁପ୍ତ ଅସ୍ତ୍ର ଭାବେ ନିଜର ମହିଳା ଗୁରିଲା ବାହିନୀକୁ ମୈଦାନକୁ ଓହ୍ଲାଇବାକୁ ଯୋଜନା କରୁଛି ଇରାନ। ଏଥିପାଇଁ ମହିଳାମାନଙ୍କୁ ସାମରିକ ପ୍ରଶିକ୍ଷଣ ଦେବା ଆରମ୍ଭ କରିଛି ଇରାନ। ଯେଉଁ ଇସଲାମିକ ଶାସନ ଉପରେ ମହିଳାଙ୍କ ଉପରେ କଟକଣା ଲଗାଇବାର ଅଭିଯୋଗ ରହିଛି, ଏବେ ସେହି ମହିଳାମାନଙ୍କୁ ଶତ୍ରୁ ବିରୋଧରେ ମୁତୟନ କରିବାକୁ ଯୋଜନା କରୁଛି ।ଏଥିପାଇଁ ସାଧାରଣ ମହିଳାଙ୍କୁ ମଧ୍ୟ ଅସ୍ତ୍ରଶସ୍ତ୍ର ଚଳାଇବାର ପ୍ରଶିକ୍ଷଣ ଦିଆଯାଉଛି। ଗୋଟିଏ ପଟେ ହର୍ମୁଜ୍ ପ୍ରଣାଳୀ ନିକଟରେ ଇରାନ ଓ ଆମେରିକା ନିଜର ସାମରିକ ଶକ୍ତି ବଢ଼ାଉଥିବା ବେଳେ ପରସ୍ପରକୁ ଯୁଦ୍ଧ ଧମକ ଦେଉଛନ୍ତି। ଅନ୍ୟପଟେ ତେହେରାନର ଇମାମ ହୁସେନ୍ ସ୍କୋୟାରରେ ବୁରଖା ଓ ହିଜାବ ପିନ୍ଧିଥିବା ମହିଳାଙ୍କ ହାତରେ ଦେଖିବାକୁ ମିଳୁଛି ସ୍ୱୟଂଚାଳିତ ରାଇଫଲ୍। ଏହି ମହିଳାମାନେ ଅସ୍ତ୍ର ଚାଳନାର ଅଭ୍ୟାସ କରୁଥିବା ବେଳେ ପ୍ରଶିକ୍ଷକ କମାଣ୍ଡୋଙ୍କଠାରୁ ତାଲିମ ନେଉଛନ୍ତି ।ତେହେରାନର ଏହି ସାମରିକ ପ୍ରଶିକ୍ଷଣ କେନ୍ଦ୍ରରେ ଇରାନୀ ମହିଳାଙ୍କୁ ଅସ୍ତ୍ରଶସ୍ତ୍ର ଚାଳନାର ତାଲିମ ଦିଆଯାଉଛି। ଯଦି ଆମେରିକା କିମ୍ବା ଇସ୍ରାଏଲ ତେହେରାନ ଉପରେ ଆକ୍ରମଣ ପାଇଁ ସ୍ଥଳସେନା ପଠାନ୍ତି, ତେବେ ସେମାନଙ୍କର କିପରି ମୁକାବିଲା କରାଯିବ, ସେନେଇ ମହିଳାଙ୍କୁ ପ୍ରସ୍ତୁତ କରାଯାଉଛି ।ଇରାନୀ ମହିଳା ରାହେଲେହ ଗଦିରୀ କହିଛନ୍ତି, କୌଣସି ବ୍ୟକ୍ତିଙ୍କୁ ଆଣି ଡର ଲାଗେନି ବୋଲି କହିବା ମିଛ ହେବ। କିନ୍ତୁ ଯଦି ଆମେ ପ୍ରସ୍ତୁତ ରହିବା ଏବଂ ଜରୁରୀକାଳୀନ ଯୁଦ୍ଧ ପରିସ୍ଥିତିରେ ଶତ୍ରୁର ସାମ୍ନା କିପରି କରିବା, ନିଜ ପରିବାର ଓ ଅଞ୍ଚଳକୁ କିପରି ସୁରକ୍ଷା ଦେବା, ତାହା ଜାଣିଥିବା ତେବେ ଆମ ମନରେ ଭୟ ଓ ଆତଙ୍କ ରହିବ ନାହିଁ ।କେବଳ ସ୍ୱୟଂଚାଳିତ ରାଇଫଲ୍ ନୁହେଁ, ଇରାନୀ ମହିଳାଙ୍କୁ ରକେଟ୍ ଲଞ୍ଚର ଚଳାଇବା ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଥିବା ଦାବି କରାଯାଇଛି। ଏପରିକି ଛୋଟ ପିସ୍ତଲ ବ୍ୟବହାର ସମ୍ପର୍କରେ ମଧ୍ୟ ସେମାନଙ୍କୁ ତାଲିମ ଦିଆଯାଉଛି ।



ଏପ୍ରିଲ୍‌ରୁ ଅକ୍ଟୋବର ମଧ୍ୟରେ ୧,୨୧,୧୪୮ଟି ଟ୍ରାକ୍ଟର ବିକ୍ରି ସହ ସୋନାଲିକାର ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର, ୩।୧୧ ;(ନି.ପ୍ର) : ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସ ଏପ୍ରିଲରୁ ଅକ୍ଟୋବର ୨୦୨୬ ମଧ୍ୟରେ ସର୍ବାଧିକ ୧୨୧୧୪୮ଟି ଟ୍ରାକ୍ଟ ବିକ୍ରି କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ଐତିହାସିକ ପ୍ରଦର୍ଶନ ଘରୋଇ ବଜାରରେ କମ୍ପାନୀର ଅପ୍ରତ୍ୟାଶିତ ବେଗ କାରଣରୁ ସମ୍ଭବ ହୋଇଛି ଯେଉଁଠାରେ ସୋନାଲିକା ଖୁବ୍ କମ୍ ସମୟ ମଧ୍ୟରେ ଏକ ଲକ୍ଷ ଟ୍ରାକ୍ଟର ବିକ୍ରି କରିପାରିଛି। ୩୦ତମ ବାର୍ଷିକୀ ପାଳନ କରୁଥିବା ସୋନାଲିକା ଟ୍ରାକ୍ଟର୍ସର ଏହି ପ୍ରଦର୍ଶନ କମ୍ପାନୀର ଅଭିବୃଦ୍ଧି ପାଇଁ ଆଗ୍ରହ ଏବଂ କୃଷିର ଭବିଷ୍ୟତ ପାଇଁ ଏକ ବିସ୍ତୃତ ଦୃଷ୍ଟିକୋଣକୁ ପ୍ରତିଫଳନ କରୁଛି। ସୋନାଲିକାର ରଣନୈତିକ ଦୃଷ୍ଟିକୋଣ, ବିଶ୍ୱସ୍ତରୀୟ ଉତ୍ପାଦନ କ୍ଷମତା, ବଜାର ପ୍ରତିକ୍ରିୟାଶୀଳତା ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାର ଏକ




ଚମତ୍କାର ମିଶ୍ରଣ ଏହି ସଫଳତାର କେନ୍ଦ୍ରବିନ୍ଦୁ ଅଟେ।

ପାବର ହୋସିଆରପୁରଠାରେ ଥିବା କମ୍ପାନୀର ବିଶ୍ୱର ସର୍ବବୃହତ ଇଂଟିଗ୍ରେଟେଡ ଟ୍ରାକ୍ଟର ମାନୁଫ୍ୟାକ୍‌ଚରିଂ ପ୍ଲାଂଟ ଦ୍ୱାରା ସମର୍ଥିତ ଏହି ନୂତନ ସଫଳତା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଭାରତୀୟ ଟ୍ରାକ୍ଟର ନିର୍ମାତା ଭାବେ ସୋନାଲିକାର ସ୍ଥିତିକୁ ସୁଦୃଢ଼ କରିଛି। ଏହି ନୂତନ ପ୍ରଦର୍ଶନ ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, 'ଆମର ୧୨୧,୧୪୮ଟି ଟ୍ରାକ୍ଟରର ସର୍ବୋଚ୍ଚ ୱାଇଟିଏମ ବିକ୍ରି ରେକର୍ଡ ଆମର ୩୦ ବର୍ଷର ଯାତ୍ରାରେ ସବୁଠାରୁ ଉଲ୍ଲେଖନୀୟ ଅଧ୍ୟାୟ ମଧ୍ୟରୁ ଗୋଟିଏକୁ ସୂଚିତ କରୁଛି। ଭାରତର ଗ୍ରାମୀଣ ଅର୍ଥନୀତିକୁ ଯାହା ଅଧିକ ଉତ୍ସାହଜନକ କରିଛି ତାହା ହେଉଛି ଚାଷୀମାନଙ୍କର ଉଚ୍ଚ ଆକାଂକ୍ଷା, ଦୃଢ଼ ମନୋବଳ ଓ ଭବିଷ୍ୟତ ପ୍ରସ୍ତୁତିରେ ନିବେଶ କରିବାର ବର୍ଦ୍ଧିତ ଆଗ୍ରହ ଏବଂ ନୂଆ ଗୋଲ୍ଡ ସିରିଜ୍ ସମେତ ଆମର ଅତ୍ୟାଧୁନିକ ଟ୍ରାକ୍ଟରଗୁଡିକ ମଧ୍ୟ ଏଥିରେ ସହାୟକ ହେଉଛନ୍ତି।

ସ୍କୋଡା ଅଟୋ ଇଣ୍ଡିଆ ୩୫୦ରୁ ଅଧିକ କଷ୍ଟମର ଟଚ୍‌ପଏଣ୍ଟ ଅତିକ୍ରମ କଲା, ୧୯୩ଟି ସହରକୁ ପହଞ୍ଚ ବିସ୍ତାର କଲା

ମୁମ୍ବାଇ, ୩।୧୧ (ନି.ପ୍ର) : ସ୍କୋଡା ଅଟୋ ଇଣ୍ଡିଆ ନିଜ ନେଟୱର୍କକୁ ୧୯୩ଟି ସହରରେ ୩୫୦ରୁ ଅଧିକ କଷ୍ଟମର ଟଚ୍‌ପଏଣ୍ଟକୁ ବିସ୍ତାର କରିଛି। ଏହା ଦ୍ୱାରା ଦେଶସାରା ବ୍ରାଣ୍ଡର ଉତ୍ପାଦ ଓ ମାଲିକାନା ଅଭିଜ୍ଞତା ପାଇବା ଆହୁରି ସହଜ ହୋଇଛି। ବ୍ରାଣ୍ଡ ୩୦ ଅକ୍ଟୋବର ୨୦୨୬ ତାରିଖରେ ଇମ୍ଫାଲରେ ନିଜର ୩୫୦ତମ କଷ୍ଟମର ଟଚ୍‌ପଏଣ୍ଟ ଉଦ୍ଘାଟନ କରି ୩୫୦ ଟଚ୍‌ପଏଣ୍ଟର ମାଇଲଖୁଣ୍ଟ ହାସଲ କରିଛି, ଏବଂ ଏହା ସହିତ ମଣିପୁରରେ ପ୍ରବେଶ କରିଛି। ପ୍ରତିଷ୍ଠିତ ବଜାର ଓ ନୂଆ ଉଭା ହେଉଥିବା ଅଞ୍ଚଳ, ଦୁଇଟିରେ ହିଁ ଗ୍ରାହକଙ୍କ ପାଖକୁ ବିକ୍ରି ଓ ଆଫ୍ଟରସେଲ୍ସ ସେବା ଆଣିବା ପ୍ରତି ସ୍କ ?ଡା ଅଟୋ ଇଣ୍ଡିଆର ପ୍ରତିବଦ୍ଧତାକୁ ଏହି ବିସ୍ତାର ଦର୍ଶାଏ। ଏହି ମାଇଲଖୁଣ୍ଟ ବିଷୟରେ ମନ୍ତବ୍ୟ ଦେଇ ସ୍କ ?ଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଆଶିଷ ଗୁପ୍ତା କହିଲେ, "୧୯୩ଟି ସହରରେ ୩୫୦ରୁ ଅଧିକ କଷ୍ଟମର ଟଚ୍‌ପଏଣ୍ଟ ଅତିକ୍ରମ କରିବା ସମଗ୍ର ଭାରତର ଗ୍ରାହକଙ୍କ ପାଖକୁ ସ୍କୋଡାକୁ ଆଣିବା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଏ।



ଆମର ଡିଲର ପାର୍ଟନରମାନେ, ବର୍ତ୍ତମାନର ଓ ନୂଆ ଉଭୟ, ଏହି ଯାତ୍ରାର କେନ୍ଦ୍ରବିନ୍ଦୁ, ଏବଂ ଭାରତରେ ଏକ ଅଧିକ ଶକ୍ତିଶାଳୀ ସ୍କ ?ଡା ବ୍ରାଣ୍ଡ ଗଢ଼ିବାର ଆମ ଲକ୍ଷ୍ୟରେ ସାମିଲ ହେବା ପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ଦିଏ। ନୂଆ ବଜାରରେ ପ୍ରବେଶ କରିବା ସମୟରେ ଆମର ପ୍ରାଥମିକତା ସ୍ପଷ୍ଟ – ବିକ୍ରି ଓ ଆଫ୍ଟରସେଲ୍ସ ଉଭୟରେ ଏକପ୍ରକାର, ସମୃଦ୍ଧ ଗ୍ରାହକ ଅଭିଜ୍ଞତା ପ୍ରଦାନ କରିବା। ଆମର ବଢ଼ୁଥିବା ପ୍ରଡକ୍ଟ ପୋର୍ଟଫୋଲିଓ ଏବଂ ଗ୍ରାହକଙ୍କୁ ପ୍ରାଥମିକତା ଦେଉଥିବା ପଦକ୍ଷେପ ସହିତ, ଏହି ବଢ଼ୁଥିବା ନେଟୱର୍କ ଗ୍ରାହକଙ୍କ ବିଶ୍ୱାସକୁ ମଜବୁତ କରିବାରେ ଏବଂ ସମଗ୍ର ଦେଶରେ ଆମର ଗୁରୁତ୍ୱକୁ ଆହୁରି ଗଭୀର କରିବାରେ ସାହାଯ୍ୟ କରିବ।" ସ୍କ ?ଡା ଅଟୋ ଇଣ୍ଡିଆର ନେଟୱାର୍କ ୨୦୨୧ରେ ୧୯୧ଟି କଷ୍ଟମର ଟଚ୍‌ପଏଣ୍ଟରୁ ବଢ଼ି ୨୦୨୫ରେ ୩୨୫ଟି ଏବଂ ଅକ୍ଟୋବର ୨୦୨୬ ସୁଦ୍ଧା ୩୫୦ରୁ ଅଧିକ ହୋଇଛି। ଏହାର ଭୌଗୋଳିକ ପରିସର ୨୦୨୪ରେ ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୫୬ଟି ସହରରୁ ବଢ଼ି ଆଜି ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୯୩ଟି ସହର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ୭୯ ଜଣ ଡିଲର ପାର୍ଟନରଙ୍କ ସହଯୋଗରେ, ଏହି ନେଟୱାର୍କରେ ୨୭୦ଟି ସେଲ୍ସ ଟଚ୍‌ପଏଣ୍ଟ ଓ ୨୦୩ଟି ଆଫ୍ଟରସେଲ୍ସ ଟଚ୍‌ପଏଣ୍ଟ ଅଛି, ଯେଉଁଥିରେ ଅନେକ ୨୪/୩୬ ସୁବିଧା ମଧ୍ୟ ସାମିଲ। ଜାନୁଆରୀ ୨୦୨୫ରୁ ଅକ୍ଟୋବର ୨୦୨୬ ମଧ୍ୟରେ ବ୍ରାଣ୍ଡ ୩୮ଟି ନୂଆ ସହରରେ ୫୮ଟି ଶୋରୁମ ଏବଂ ୩୪ଟି ନୂଆ ସହରରେ ୪୫ଟି ୱାର୍କଶପ୍ ଯୋଡ଼ିଛି, ଯାହା ଫଳରେ ବିକ୍ରି ଓ ଆଫ୍ଟରସେଲ୍ସ ଉଭୟ ସେବା ଆହୁରି ଅଧିକ ସ୍ଥାନରେ ମିଳୁଛି। ସ୍କ ?ଡା ଅଟୋ ଇଣ୍ଡିଆର ବିସ୍ତାର ରଣନୀତି ପ୍ରତିଷ୍ଠିତ ମହାନଗର ବଜାର ବାହାରେ ଥିବା ଗ୍ରାହକଙ୍କ ପାଖରେ ପହଞ୍ଚିବା ଉପରେ ଧ୍ୟାନ ଦିଏ। ୨୦୨୬ରେ ବ୍ରାଣ୍ଡ ୧୧ଟି ନୂଆ ସହରରେ ପ୍ରବେଶ କରିଛି: ବାଲେଶ୍ୱର, ବାରାମତୀ, ଭଟିଣ୍ଡା, ବିକାନେର, ଗୁନା, ଇମ୍ଫାଲ, ଜୋରହାଟ, କୈଥଲ, ଖମ୍ମମ, ଶ୍ରୀ ଗଙ୍ଗାନଗର ଏବଂ ବସାଇ। ଇମ୍ଫାଲରେ ଆରମ୍ଭ ମଣିପୁରରେ ୫ଇଠଡଓଟଖ ଗ୍ରୁପ୍ର କୌଣସି ବ୍ରାଣ୍ଡର ପ୍ରଥମ ଉପସ୍ଥିତି ଚିହ୍ନିତ କରିଛି। ଏହା ସହିତ, ଉତ୍ତର-ପୂର୍ବ ଅଞ୍ଚଳରେ ଗ୍ରୁପ୍ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ସ୍କୋଡାର ଭୌଗୋଳିକ ପରିସର ସବୁଠାରୁ ବ୍ୟାପକ। ଜାନୁଆରୀରୁ ଅକ୍ଟୋବର ୨୦୨୬ ମଧ୍ୟରେ ବ୍ରାଣ୍ଡର ମୋଟ ବିକ୍ରିର ୨୫%ରୁ ଅଧିକରେ ନୂଆ ଆଉଟଲେଟ୍ର ଯୋଗଦାନ ରହିଛି, ଯାହା ଏହି ବିସ୍ତାରର ବ୍ୟବସାୟିକ ପ୍ରଭାବକୁ ଦର୍ଶାଏ। ନେଟୱାର୍କ ବିସ୍ତାର ସହିତ, ସ୍କ ?ଡା ଅଟୋ ଇଣ୍ଡିଆ ବିକ୍ରି ଓ ଆଫ୍ଟରସେଲ୍ସ ଉଭୟରେ ଏକପ୍ରକାର ଗ୍ରାହକ ଅଭିଜ୍ଞତା ଦେବା ଉପରେ ଧ୍ୟାନ ଦେଉଛି। ୧୬ଟି ସହର, ୧୮ଟି ଅଟୋମୋବାଇଲ୍ ବ୍ରାଣ୍ଡ ଏବଂ ୮୮,୦୦୦ ଗ୍ରାହକ ରିଭ୍ୟୁକୁ ସାମିଲ କରିଥିବା ଉବକ୍ୱଚଷଉ ସର୍ଭ ?ରେ ବେଙ୍ଗାଲୁରୁରେ ଥିବା ଏହାର ଡିଲର ପାର୍ଟନର ଡିଲରସିପ୍ ଗ୍ରାହକ ଅଭିଜ୍ଞତାରେ ନମ୍ବର ୧ ସ୍ଥାନ ହାସଲ କରିଛି। ଏହି ପ୍ରତିବଦ୍ଧତାକୁ ସ୍କ ?ଡା ସୁପର କେୟାର ସମର୍ଥନ କରେ, ଯାହା ଚାରି ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟି, ରୋଡସାଇଡ୍ ଅସିଷ୍ଟାନ୍ସ ଏବଂ ମାଗଣା ସର୍ଭିସ ଲେବର ଦିଏ; ଆଉ ବାଛିଥିବା ସ୍ଥାନରେ ଉପଲବ୍ଧ ସ୍କ ?ଡା ଏକ୍ସପ୍ରେସ୍ କେୟାର ଅଧିକ ସୁବିଧା ଓ ଦ୍ରୁତ ସର୍ଭିସ ସମାପ୍ତି ପାଇଁ ସାହାଯ୍ୟ କରେ। ନେଟୱାର୍କ ବଢ଼ିବା ସହିତ ମାଲିକାନାକୁ ଅଧିକ ସୁଲଭ ଓ ସହଜ କରିବା ଉପରେ ବ୍ରାଣ୍ଡର ଧ୍ୟାନକୁ ଏହି ସମସ୍ତ ପଦକ୍ଷେପ ମିଳିତ ଭାବେ ସମର୍ଥନ କରେ।

ଭିଏଏମ୍‌ଏଲ୍ କୋଇଲା ଖଣି ସୁରଭି ୨୦୨୬କୁ ସମର୍ଥନ କରିବା ସହିତ ଯୁବ ପ୍ରତିଭାଙ୍କ ପାଇଁ ଏକ ବ୍ୟାପକ ମଞ୍ଚ ସୃଷ୍ଟି କରିଛି

ଭୁବନେଶ୍ୱର, ୩।୧୧ (ନି.ପ୍ର) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଭି.ଏ.ଏମ୍.ଏଲ୍ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୬ କାର୍ଯ୍ୟକ୍ରମ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶା ସରକାରଙ୍କ ଶିକ୍ଷା ଏବଂ ସାଂସ୍କୃତିକ ପ୍ରତିଭା ମହୋତ୍ସବ, ଏହାର କୁରାଲୋଇ, ଜାମଖାନି ଏବଂ ଘୋଘରପାଲି କୋଇଲା ଖଣି କାର୍ଯ୍ୟକ୍ଷେତ୍ରର ଆଖପାଖ ସମ୍ପ୍ରଦାୟରେ ସମର୍ଥନ କରିଥିଲା। ଏହି ପଦକ୍ଷେପ ହେମଗିରି ଏବଂ ଲଖନପୁର ବ୍ଲକର ୩୦ ରୁ ଅଧିକ ବିଦ୍ୟାଳୟର ୧୦୦୦ ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଗୋଷ୍ଠି ସଦସ୍ୟମାନଙ୍କୁ ଏକତ୍ରିତ କରିଥିଲା, ଯାହା ଯୁବ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀଗୃହ ବାହାରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ଏକ ମଞ୍ଚ ପ୍ରଦାନ କରିଥିଲା। ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବଞ୍ଜାରୀ ଆଶ୍ରମ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ଏକାଡେମିକ୍, ସାହିତ୍ୟ ଏବଂ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ କୁଇଜ୍, ବିତର୍କ, ପ୍ରବନ୍ଧ ଏବଂ ସୃଜନଶୀଳ ଲେଖା, ଗଣିତ ଗିଡ଼କୁଦ, ଚିତ୍ରକଳା, ସଙ୍ଗୀତ ଏବଂ ନୃତ୍ୟ ଆଦି ସାମିଲ ଥିଲା। ଅଂଶଗ୍ରହଣ ଏବଂ ସୁସ୍ଥ ପ୍ରତିଯୋଗିତା ମାଧ୍ୟମରେ, ସୁରଭି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିଭା ଅନ୍ୱେଷଣ କରିବା, ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ପ୍ରତିଯୋଗିତାର ଉଚ୍ଚ ସ୍ତରକୁ ଯିବା ପାଇଁ ଉତ୍ସାହିତ କରିଥିଲା।

ଏହି ପଦକ୍ଷେପ ସମ୍ପର୍କରେ ଭି.ଏ.ଏମ୍.ଏଲ୍ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, 'ଯୁବକମାନେ ସେତେବେଳେ ସମୃଦ୍ଧ ହୁଅନ୍ତି ଯେତେବେଳେ ସେମାନଙ୍କୁ ଶିଖିବାର, ଅଂଶଗ୍ରହଣ କରିବାର ଏବଂ ନିଜକୁ ପ୍ରକାଶ କରିବାର ସଠିକ୍ ସୁଯୋଗ ଦିଆଯାଏ। ସୁରଭି ବିଦ୍ୟାର୍ଥୀମାନଙ୍କ ପାଇଁ ଶ୍ରେଣୀଗୃହ ବାହାରେ ପାଦ ରଖିବା, ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ଏବଂ ନୂତନ ଅନୁଭୂତି ମାଧ୍ୟମରେ



ଆତ୍ମବିଶ୍ୱାସ ହାସଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସୃଷ୍ଟି କରିଥାଏ। ଭିଏଏମଏଲ କୋଇଲା ଖଣିରେ, ଆମେ ଏପରି ସୁଯୋଗକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହା ଆମର ଆଖପାଖ ସମ୍ପ୍ରଦାୟର ପିଲାମାନଙ୍କୁ ସେମାନଙ୍କର ପ୍ରତିଭାକୁ ବ୍ୟାପକ କରିବା ସହିତ ଅଧିକ ଆକାଂକ୍ଷା ସୃଷ୍ଟି କରିବାକୁ ସକ୍ଷମ କରେ। ଏହି ମଞ୍ଚର ମୂଲ୍ୟ ଉପରେ ଆଲୋକପାତ କରି, ଲଖନପୁରର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ କହିଛନ୍ତି, 'ସୁରଭି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ବାହାରେ ସେମାନଙ୍କ ଦକ୍ଷତା ଅନ୍ୱେଷଣ କରିବା ଏବଂ ଅଂଶଗ୍ରହଣ ମାଧ୍ୟମରେ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରେ। ଏଭଳି ମଞ୍ଚ ଆତ୍ମବିଶ୍ୱାସ, ସୃଜନଶୀଳତା ଏବଂ ସୁବ୍ୟବସ୍ଥିତ ବିକାଶକୁ ପ୍ରୋତ୍ସାହନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଭି.ଏ.ଏମ୍.ଏଲ୍ କୋଇଲା ଖଣି ସହାୟତା ଗ୍ରାମୀଣ ସମୁଦାୟଙ୍କ ମଧ୍ୟରେ ଏହି ସୁଯୋଗଗୁଡ଼ିକୁ ବ୍ୟାପକ କରିବାରେ ସହାୟକ ହୋଇଛି। ଏହି ପଦକ୍ଷେପ ଭି.ଏ.ଏମ୍.ଏଲ୍ କୋଇଲା ଖଣିର କାର୍ଯ୍ୟର ଆଖପାଖରେ ଥିବା ସମ୍ପ୍ରଦାୟର ପିଲାମାନଙ୍କ ପାଇଁ ଶିକ୍ଷାଗତ ସୁଯୋଗ ବିସ୍ତାର କରିବା ଲାଗି ଏହାର ନିରନ୍ତର ପ୍ରତିବଦ୍ଧତା ଉପରେ ଆଧାରିତ। କୁରାଲୋଇ, ଜାମଖାନି ଏବଂ ଘୋଘରପଲ୍ଲୀ କାର୍ଯ୍ୟସ୍ଥଳୀରେ ପ୍ରକଳ୍ପ ବିଦ୍ୟା ଅଧୀନରେ ଶିକ୍ଷା-କେନ୍ଦ୍ରିତ ହସ୍ତକ୍ଷେପରୁ ୩୯,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି, ଅତିରିକ୍ତ ଶିକ୍ଷାଦାନ ସହାୟତା, ଶିକ୍ଷଣ ସମ୍ବଳ ଏବଂ କାର୍ଯ୍ୟକଳାପ ବିସ୍ତାର କରିଛନ୍ତି ଯାହା ଶ୍ରେଣୀଗୃହ ବାହାରେ ଶିକ୍ଷାକୁ ଉତ୍ସାହିତ କରେ। ସୁରଭିକୁ ଭି.ଏ.ଏମ୍.ଏଲ୍ କୋଇଲା ଖଣିର ସହାୟତା ଏହାର କାର୍ଯ୍ୟକଳାପକୁ ଘେରି ରହିଥିବା ସମ୍ପ୍ରଦାୟରେ ଶିଶୁ ଏବଂ ଯୁବକମାନଙ୍କ ପାଇଁ ଶିକ୍ଷା ଏବଂ ସୁଯୋଗକୁ ମଜବୁତ କରିବା ଉପରେ ଏହାର ବ୍ୟାପକ କାର୍ଯ୍ୟର ଏକ ଅଂଶ। କମ୍ପାନୀର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଏବଂ ସାମାଜିକ ବିକାଶର ହସ୍ତକ୍ଷେପ ମାଧ୍ୟମରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ୨୬ଟି ଗାଁର ୨ ଲକ୍ଷରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି।

ଦୀପାବଳି ପାଇଁ ଭେଜ୍ ବାସ୍କେଟ୍‌ର ଆକର୍ଷଣୀୟ ଉପହାର ସମ୍ଭାର

ଡ୍ରାଏ ଫ୍ରୁଟ୍ସ, ଏକ୍‌ସୋଟିକ୍ ସ୍ନାକ୍ସ ସହ ବିଭିନ୍ନ ପ୍ରକାରର ଗିଫ୍ଟ ବାସ୍କେଟ୍ ଉପଲବ୍ଧ

କଟକ, ୩।୧୧ (ନି.ପ୍ର) : ପାର୍ବଣ ଋତୁକୁ ଅଧିକ ଆନନ୍ଦମୟ ଓ ସ୍ମରଣୀୟ କରିବା ଲକ୍ଷ୍ୟରେ କଟକସ୍ଥିତ ଭେଜ୍ ବାସ୍କେଟ୍ ପକ୍ଷରୁ ଆଗାମୀ ଦୀପାବଳି ଉପଲକ୍ଷେ ବିଭିନ୍ନ ପ୍ରକାରର ଡ୍ରାଏ ଫ୍ରୁଟ୍ସ, ଏକ୍‌ସୋଟିକ୍ ସ୍ନାକ୍ସ ଏବଂ ଆକର୍ଷଣୀୟ ଗିଫ୍ଟ ବାସ୍କେଟ୍‌ର ସମ୍ଭାର ଉପଲବ୍ଧ କରାଯାଇଛି। ପରିବାରବର୍ଗ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ ଓ ବ୍ୟବସାୟିକ ସହଯୋଗୀଙ୍କୁ ପାର୍ବଣର ଶୁଭେଚ୍ଛା ସହ ଉପହାର ପ୍ରଦାନ କରିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଭେଜ୍ ବାସ୍କେଟ୍ ଏକ



ଉତ୍ତମ ସ୍ଥାନ ପାଲଟିଛି। ଗ୍ରାହକଙ୍କ ଭିନ୍ନ ଭିନ୍ନ ରୁଚି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ ବିଭିନ୍ନ ସ୍ୱାଦର ଡ୍ରାଏ ଫ୍ରୁଟ୍ସ, ଆକର୍ଷଣୀୟ ସ୍ନାକ୍ସ ଏବଂ ପାର୍ବଣ ଉପହାର ପାଇଁ ସୁନ୍ଦର ଭାବେ ସଜ୍ଜିତ ଗିଫ୍ଟ ବାସ୍କେଟ୍ ରଖାଯାଇଛି। ପ୍ରତ୍ୟେକ ଦୀପାବଳି ଉପହାରକୁ ସ୍ୱତନ୍ତ୍ର ଓ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବର୍ଗର ଉପହାର ସାମଗ୍ରୀ ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରାହକମାନେ ନିଜ ରୁଚି, ଅବସର ଓ ବଜେଟ୍ ଅନୁଯାୟୀ ପସନ୍ଦର ଗିଫ୍ଟ ବାସ୍କେଟ୍ ଚୟନ କରିପାରିବେ। ବ୍ୟକ୍ତିଗତ ଉପହାରଠାରୁ ଆରମ୍ଭ କରି ପରିବାର, ବନ୍ଧୁବାନ୍ଧବ ଓ କର୍ପୋରେଟ୍ ସହଯୋଗୀଙ୍କୁ ଉପହାର ଦେବା ପାଇଁ ଏହି ସମ୍ଭାର ଉପଯୁକ୍ତ ହେବ।

ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାରେ ଶତ ପ୍ରତିଶତ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ୩।୧୧ (ନି.ପ୍ର): ବାତ୍ୟା 'ଅର୍ଣ୍ଣବ' ଏବଂ ପରବର୍ତ୍ତୀ ବନ୍ୟା ପରିସ୍ଥିତି ଯୋଗୁଁ ଦକ୍ଷିଣ ଓଡ଼ିଶାରେ ପ୍ରଭାବିତ ବିଦ୍ୟୁତ ଯୋଗାଣର ପୁନରୁଦ୍ଧାର କାର୍ଯ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ) ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଦକ୍ଷିଣ ଓଡ଼ିଶାର ୬ଟି ଜିଲ୍ଲା ବୌଦ୍ଧ, ରାୟଗଡ଼ା, ଗଜପତି, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ସମସ୍ତ ପ୍ରଭାବିତ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ କରାଯାଇଛି। ଅନ୍ୟ ଦୁଇଟି ଜିଲ୍ଲାରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଗଞ୍ଜାମରେ ୯୮.୪୮% ଏବଂ କନ୍ଧମାଳରେ ୯୯.୭୮% ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇଛି। ଟିପିଏସ୍‌ଓଡିଏଲ୍‌ର ଆଠଟି ଜିଲ୍ଲାର ମୋଟ ୧୭,୮୮,୯୪୨ ଜଣ ପ୍ରଭାବିତ



ଉପଭୋକ୍ତାଙ୍କ ମଧ୍ୟରୁ ୧୭,୭୫,୯୭୫ ଜଣଙ୍କୁ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କରାଯାଇଛି। ଏହା ମୋଟ ପୁନରୁଦ୍ଧାରର ୯୯.୨୮%। ଏହା ସହିତ ୪୬ଟି ପ୍ରଭାବିତ ୩୩ କେଭି ଫିଡର, ୧୩୦ଟି ୩୩/୧୧ କେଭି ସବ୍‌ଷ୍ଟେସନ୍ ଏବଂ ୬୫୮ଟି ପ୍ରଭାବିତ ୧୧ କେଭି ଫିଡର୍‌ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି କାର୍ଯ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରାୟ ୬,୫୦୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପୁନରୁଦ୍ଧାର କାମରେ ପ୍ରାୟ ୪୦୦ଟି ଯାନବାହନ, ୬ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବ୍‌ଷ୍ଟେସନ୍ ଏବଂ ୧୬ଟି ଟ୍ରାଞ୍ଜିଟ୍ ଷ୍ଟୋର୍ ସହାୟତା ଯୋଗାଉଛି। ଉଲ୍ଲେଖନୀୟ ପୁନରୁଦ୍ଧାର ସମ୍ପର୍କରେ ଟିପିଏସ୍‌ଓଡିଏଲ୍‌ର ସିଇଓ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଛଅଟି ଜିଲ୍ଲାରେ ଶତ ପ୍ରତିଶତ ବିଦ୍ୟୁତ ଯୋଗାଣ ପୁନରୁଦ୍ଧାର ଆମର ନିରନ୍ତର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। କଠିନ ପରିସ୍ଥିତିରେ ମଧ୍ୟ ଆମର କ୍ଷେତ୍ର କର୍ମଚାରୀ, ଇଞ୍ଜିନିୟର ଏବଂ ସହାୟକ ଟିମ୍ ?ର ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଗଞ୍ଜାମ ଓ କନ୍ଧମାଳର ଅବଶିଷ୍ଟ ପ୍ରଭାବିତ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ପୁନଃସ୍ଥାପନ ପାଇଁ ଆମର ଟିମ୍ ଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଛନ୍ତି। କର୍ମଚାରୀ ଓ ଉପଭୋକ୍ତାଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା।" ଅବଶିଷ୍ଟ ପ୍ରଭାବିତ ଉପଭୋକ୍ତାଙ୍କୁ ଯଥାଶୀଘ୍ର ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ପାଇଁ ଟିପିଏସ୍‌ଓଡିଏଲ୍‌ର ଟିମ୍ ଗୁଡ଼ିକ ନିରନ୍ତର କାର୍ଯ୍ୟ ଜାରି ରଖିଛନ୍ତି।

ସୁନା ମୂଲ୍ୟରେ ଉତଥାନ ପତନ ସତ୍ତ୍ୱେ ଚାହିଦା ବଳବତର : କେନ୍ଦ୍ରୀୟ ବ୍ୟାଙ୍କ ଓ ଇଟିଏଫ୍ ନିବେଶର ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର, ୩।୧୧ (ନି.ପ୍ର): ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର କ୍ୟୁ୩ ୨୦୨୬ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟ ଉନ୍ମୋଚନ କରିଛି ଯେ, ୩ୟ ତ୍ରୈମାସିକ ସମୟରେ ମୋଟ ସୁନା ଚାହିଦା ବାର୍ଷିକ ଆଧାରରେ ୧% ହ୍ରାସ ପାଇ ୧୩୬୯ ଟନ ରହିଛି। ଏହି ସମୟରେ ସୁନାର ମୂଲ୍ୟ ଆଉନ୍ସ ପିଛା ହାରାହାରି ୪୨୬୨ ଡଲାର ଥିଲା ଏବଂ ଚାହିଦାର ମୂଲ୍ୟ ବାର୍ଷିକ ୨୨% ବୃଦ୍ଧି ହୋଇ ୧୮୮ ବିଲିୟନ ଡଲାର ରହିଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନଗୁଡିକ ୩ୟ ତ୍ରୈମାସିକରେ ସୁନା ଭଣ୍ଡାରରେ ୩୨୧ ଟନ୍ ସୁନା ସାମିଲ କରିଛନ୍ତି, ଯାହା ବାର୍ଷିକ ଆଧାରରେ ୪୨% ବୃଦ୍ଧି ହୋଇଛି ଏବଂ ୨୦୨୪ର ୪ର୍ଥ ତ୍ରୈମାସିକ ପରଠାରୁ ଏହା ସର୍ବୋଚ୍ଚ ତ୍ରୈମାସିକ ସଂଗ୍ରହ ଅଟେ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା କ୍ରୟ କରାଯାଇଥିବା ୬୭୫ ଟନ ସୁନା ଗତବର୍ଷର ସମାନ ଅବଧି ତୁଳନାରେ ୬% ଅଧିକ ରହିଛି। ୨ୟ ତ୍ରୈମାସିକ ତୁଳନାରେ ଏହି ତ୍ରୈମାସିକରେ ଭୌତିକ ରୂପେ ସମର୍ଥିତ ଗୋଲ୍ଡ ଇଟିଏଫରେ ନିବେଶ ପ୍ରବାହ ଫେରିଆସିଥିଲା, ଯାହା ୩ୟ ତ୍ରୈମାସିକରେ ୨୧୧ ଟନ ସୁନା ସାମିଲ କରିଥିଲା। ଏହା ୨୦୨୫ର ୩ୟ ତ୍ରୈମାସିକରେ ଦେଖାଯାଇଥିବା ମଜବୁତ ପ୍ରବାହ ତୁଳନାରେ ମାତ୍ର ୬% କମ୍ ରହିଛି ଏବଂ ଏହି ଅବଧିରେ ହୋଲ୍ଡିଙ୍ଗ୍ ୪୨୫୬ ଟନକୁ ବୃଦ୍ଧି ପାଇଛି। ଓଟିସି ଓ ଅନ୍ୟ ଚାହିଦା ଏକ ବର୍ଷ ପୂର୍ବରୁ ୧୦୧ ଟନ ତୁଳନାରେ ବୃଦ୍ଧି ପାଇଁ ୧୪୩ ଟନରେ ପହଂଚିଛି, କିନ୍ତୁ ଏହା ଚଳିତ ବର୍ଷ ଆରମ୍ଭରେ ଦେଖାଯାଇଥିବା ବର୍ଦ୍ଧିତ ସ୍ତରଠାରୁ ନିମ୍ନରେ ରହିଛି। ଏସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ବରିଷ୍ଠ



ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ କହିଛନ୍ତି: '୩ୟ ତ୍ରୈମାସିକ ସୁନା ଚାହିଦା ପାଇଁ ଏକ ମିଶ୍ରିତ ସମୟ ଥିଲା। ଗୋଲ୍ଡ ଇଟିଏଫରେ ନିବେଶ ପ୍ରବାହ ପୁଣିଥରେ ବୃଦ୍ଧି ପାଇଥିବା ବେଳେ ଭୂରାଜନୈତିକ ବିପଦ ଓ ବିତୀୟ ଶୃଙ୍ଖଳାକୁ ନେଇ ରହିଥିବା ଚିନ୍ତାଗୁଡିକ ସାଂଗଠନିକ ଆଗ୍ରହକୁ ବୃଦ୍ଧି କରିଛନ୍ତି, ଏହାର ବିପରୀତରେ ସୁନା ମୂଲ୍ୟର ସ୍ଥିତିକୁ ନେଇ ଅନିଶ୍ଚିତତା ମଧ୍ୟରେ ଖୁଚୁରା ନିବେଶକମାନେ ବଜାରରୁ ଦୂରେଇ ରହିଛନ୍ତି।' ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ଭାରତର ଆଂଚଳିକ ସିଇଓ ସଚିନ ଜୈନ କହିଛନ୍ତି, '୨୦୨୬ର ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକ ଭାରତରେ ସୁନା ଚାହିଦାର ନିରନ୍ତର ସ୍ଥିରତାକୁ ପ୍ରତିଫଳନ କରୁଛି, ଯଦିଓ ବର୍ଦ୍ଧିତ ମୂଲ୍ୟ ଉପଭୋକ୍ତାଙ୍କ କ୍ରୟ ଆଚରଣକୁ ପ୍ରଭାବିତ କରିଛି। ଏହି ତ୍ରୈମାସିକରେ ମୋଟ ସୁନା ଚାହିଦା ୧୬୨.୫ ଟନ ଥିଲା ଯାହାର ମୂଲ୍ୟ ୨୪୧.୯୦୦ କୋଟି ଟଙ୍କାରେ ପହଂଚିଛି। ଏହା ଦର୍ଶାଉଛି ଯେ, କିଭଳି ଉପଭୋକ୍ତାମାନେ ସୁନାକୁ ପ୍ରାଥମିକତା ଦେବା ଜାରି ରଖିଛନ୍ତି ଏବଂ ଦୀର୍ଘକାଳିନ ମୂଲ୍ୟ ସହ ସୁଲଭତାକୁ ସନ୍ତୁଳିତ ରଖିବା ପାଇଁ ନିଜର କ୍ରୟ ଶୈଳୀକୁ ବଦଳାଉଛନ୍ତି। ଏହା ବିଶେଷ କରି ଅଳଙ୍କାର ବର୍ଗରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି, ଯେଉଁଠାରେ ଚାହିଦା ବାର୍ଷିକ ଆଧାରରେ ୨୦% ହ୍ରାସ ପାଇ ୯୯.୯ ଟନ ଥିଲା ଏବଂ ଏହାର ମୂଲ୍ୟ ୧୬% ହ୍ରାସ ପାଇଁ ୧୪୮,୭୦୦ କୋଟି ଟଙ୍କା ରହିଥିଲା। ୩ୟ ତ୍ରୈମାସିକ ଶେଷ ଆଡକୁ ସୁନା ଦର ହ୍ରାସ ପାଇବା ଯୋଗୁଁ ଅଳଙ୍କାର ଚାହିଦା ପୁଣିଥରେ ବୃଦ୍ଧି ପାଇଥିଲା, ଯାହା କିଛି ସ୍ଥଗିତ ଥିବା କ୍ରୟକୁ ପ୍ରୋତ୍ସାହିତ କରିଥିଲା।

ନିଷିଦ୍ଧ ଗୁଟଖା କାରବାର ପର୍ଦ୍ଦାଫାଁସ, ୫ ଗିରଫ

ବ୍ରହ୍ମପୁର, ୩।୧୧ (ନି.ପ୍ର): ବ୍ରହ୍ମପୁର ସହରରେ ନିଷିଦ୍ଧ ତମାଖୁ ଓ ନକଲି ଗୁଟଖା କାରବାର ବିରୁଦ୍ଧରେ ବଡ଼ ବଜାର ଥାନା ପୋଲିସକୁ ବଡ଼ ସଫଳତା ମିଳିଛି। ବିଶ୍ୱସ୍ତ ସୂଚନା ଆଧାରରେ ଗତକାଲି ସନ୍ଧ୍ୟାରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ନିଷିଦ୍ଧ ଗୁଟଖା ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ତେବେ ପୋଲିସ ଦ୍ୱାରା ହୋଇଥିବା ଚଢ଼ାଉ ଓ ଜବତ ବେଳେ, ବଡ଼ ବଜାର ଥାନା ଅଞ୍ଚଳର ଗୌଡ଼ ସାହି, ବାଛୁବାରି ସାହି ଓ ଶଙ୍କର ବଜାରରେ ଥିବା ୩ଟି ଖୁଚୁରା ଦୋକାନରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ଅରିଜିନାଲ ଗୋକୁଳ ଡିଲକ୍ସ ମିକ୍ସ ଏବଂ ବିନ୍ଦାସ ଗୋକୁଳ ଡିଲକ୍ସ ମିକ୍ସ ନାମକ ନିଷିଦ୍ଧ, ନିମ୍ନମାନର ଏବଂ ବିନା (FSSAI) ଲାଇସେନ୍ସ ଓ ଉତ୍ପାଦନ ତାରିଖ ନଥିବା ଗୁଟଖା ଜବତ ହୋଇଥିବା ସହ ମୋଟ ୨୯୭୭ ପ୍ୟାକେଟ୍ (ପ୍ରତି ପ୍ୟାକେଟରେ ୭୦ ପାଉଚ୍) ଜବତ କରାଯାଇଛି ବୋଲି ସୂଚନା ମିଳିଛି। ଏନେଇ ଖୁଚୁରା ବ୍ୟବସାୟୀଙ୍କ ବୟାନ ଅନୁସାରେ ହୋଲସେଲ ଯୋଗାଣକାରୀ ବାବୁଲା ସାହୁ ଏବଂ ନାରାୟଣ ସାହୁ ବୋଲି ଜଣାପଡିବା ପରେ ନୂଆ କାଲୁ ପାତ୍ର ସାହୁ ଓ ଗଣପତି ନଗର ପ୍ରଥମ ଲାଇନରେ ଚଢ଼ାଉ କରି



ଉଭୟଙ୍କୁ ଧରାଯାଇଛି। ସେମାନେ କୌଣସି ବୈଧ ଲାଇସେନ୍ସ, ବିଲ୍ ଦେଖାଇ ପାରି ନଥିଲେ ଏବଂ ପୋଲିସ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ସେହିପରି ପଚରାଉଚରା ବେଳେ ଏହି ଗୁଟଖା ନିମାଖଣ୍ଡି ଥାନା ଅନ୍ତର୍ଗତ ଚାନ୍ଦିପଦରରେ ସନ୍ତୋଷ ପାତ୍ର ଦ୍ୱାରା ପରିଚାଳିତ ବେଆଇନ କାରଖାନାରୁ ଆସୁଥିବା ଜଣାପଡିଛି। ତେବେ ଅଭିଯୁକ୍ତ ସନ୍ତୋଷ ବର୍ତ୍ତମାନ ଫେରାର ରହିଥିବା ପୋଲିସ କହିଥିବା ବେଳେ, ରମେଶ ପାଣିଗ୍ରାହୀ (୫୫), ବି. ତ୍ରିମଲେଶ୍ୱର ସୁବୁଦ୍ଧି (୪୨), ସଦାନନ୍ଦ ଗୌଡ଼ ଓରଫ ଟିଙ୍କା (୬୩), ବାବୁଲା ସାହୁ (୫୩), ନାରାୟଣ ସାହୁ (୬୦) ପ୍ରମୁଖଙ୍କୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଅନୁସାରେ ଏହି ଘଟଣାରେ ବଡ଼ ବଜାର ଥାନା କେସ୍ ନଂ ୮୪୨/୦୨.୧୧.୨୦୨୬ରେ ଭାଘଷ ଧାରା ୩୧୮(୨), ୨୭୪, ୨୭୫, ୧୩୨, ୩୫୧(୨), ୬୧(୨) ଏବଂ COTPA ଆଇନ ଧାରା ୨୦ ଓ FSS ଆଇନ ଧାରା ୫୯/୬୩ ଅନୁଯାୟୀ ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରି ବ୍ରହ୍ମପୁର SDJM କୋର୍ଟକୁ ଚାଲାଣ କରାଯାଇଛି। ଫେରାର ଥିବା କାରଖାନା ମାଲିକକୁ ଧରିବା ଏବଂ କାରଖାନାକୁ ଭାଙ୍ଗିବା ପାଇଁ ପୋଲିସର ଉଦ୍ୟମ ଜାରି ରହିଥିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ମାନଙ୍କୁ କାବୁ କରିବା ନେଇ ଉଦ୍ୟମ ଜାରି ରହିଛି ବୋଲି ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି।

ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ ସ୍ତନ କର୍କଟ ସଚେତନତା ଓ ସହାୟତା କାର୍ଯ୍ୟକ୍ରମରେ ୧,୪୦୦ରୁ ଉର୍ଦ୍ଧ୍ୱ ଲୋକ ସାମିଲ

ଭୁବନେଶ୍ୱର, ୩।୧୧ (ନି.ପ୍ର) : ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାଂ ଆଲୁମିନିୟମ ପକ୍ଷରୁ ସ୍ତନ କର୍କଟ ସଚେତନତା ମାସ ଅବସରରେ ଝାରସୁଗୁଡ଼ା, ଖଣି ଅଂଚଳ ଏବଂ ବାଲ୍କୋରେ ବିଭିନ୍ନ ସଚେତନତା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଗୋଷ୍ଠୀ ସମ୍ପୃକ୍ତିମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧,୪୦୦ରୁ ଅଧିକ ଲୋକ ଉପକୃତ ହେବା ସହ ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଶେଷଜ୍ଞ, କର୍କଟ ରୋଗରୁ ସୁସ୍ଥ ହୋଇଥିବା ବ୍ୟକ୍ତି, କର୍ମଚାରୀ ଓ ସ୍ଥାନୀୟ ଲୋକେ ସାମିଲ ହୋଇ ସ୍ତନ କର୍କଟ ସମ୍ପର୍କରେ ସଚେତନ ଆଲୋଚନା, ସ୍ୱାସ୍ଥ୍ୟସେବାର ସୁଗମତା ଏବଂ ସମୟୋଚିତ ଚିକିତ୍ସାର ଗୁରୁତ୍ୱକୁ ନେଇ ଜନସଚେତନତା ବୃଦ୍ଧି କରିଛି। ପ୍ରତିବର୍ଷ ଅକ୍ଟୋବର ମାସରେ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ସ୍ତନ କର୍କଟ ସଚେତନତା ମାସର ଉଦ୍ଦେଶ୍ୟ ହେଉଛି ସ୍ତନ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବଢ଼ାଇବା, ରୋଗର ଶୀଘ୍ର ଚିହ୍ନଟକୁ ପ୍ରୋତ୍ସାହିତ କରିବା ଏବଂ ଠିକ୍ ସମୟରେ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା। ଏହି ଲକ୍ଷ୍ୟ ସହ ସମନ୍ୱୟ ରଖି ବେଦାନ୍ତ ଆଲୁମିନିୟମ ପକ୍ଷରୁ ସଚେତନତା ଅଧିବେଶନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶେଷଜ୍ଞ ଚିକିତ୍ସା ସହାୟତା ମାଧ୍ୟମରେ ସମୁଦାୟ ନିକଟରେ ସ୍ୱାସ୍ଥ୍ୟସେବା ପହଂଚାଇବା ସହ ରୋଗ ସମ୍ପର୍କିତ ଦ୍ୱିଧା ଓ ସାମାଜିକ ସଙ୍କୋଚ ଦୂର କରିବା ଏବଂ ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଥିଲେ, 'ଏକ ସମୁଦାୟର ଜୀବନଧାରଣର ଗୁଣବତା ଏହାର ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ପର୍କିତ ସଚେତନତା ସହ ଗଭୀର ଭାବେ ଜଡ଼ିତ। ଏହି ସଚେତନତା ଗଢ଼ିତୋଳିବା ପାଇଁ ନିରନ୍ତର ସମ୍ପୃକ୍ତି, ଖୋଲା ଆଲୋଚନା ଏବଂ ଠିକ୍ ସମୟରେ ଉପଯୁକ୍ତ ଜ୍ଞାନ ଉପଲବ୍ଧ କରାଇବା ଆବଶ୍ୟକ। ସ୍ତନ କର୍କଟ ସଚେତନତା ମାସ ଏଭଳି ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କ ଓ ସକ୍ରିୟ ଆଭିମୁଖ୍ୟ ଗଢ଼ିତୋଳିବାର ସୁଯୋଗ ଦେଇଥାଏ। ଏହି ପଦକ୍ଷେପ ମାଧ୍ୟମରେ ଅଧିକ ସଚେତନ, ସକ୍ଷମ ଓ ସୁସ୍ଥ ସମୁଦାୟ ଗଠନରେ ଆମେ ଯୋଗଦାନ କରିବାକୁ ଆଶା କରୁଛୁ।' ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ, ବାଲ୍କୋ ମେଡିକାଲ ସେଂଟର (ବିଏମସି) ସହ ମିଳିତ ଭାବେ ଦୁଇଦିନିଆ କର୍କଟ ରୋଗ ପରୀକ୍ଷା ଶିବିର ଆୟୋଜନ କରି ସ୍ଥାନୀୟ



ଲୋକଙ୍କ ନିକଟରେ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପହଂଚାଇଥିଲା। ଏହି ଶିବିରରେ ପ୍ରାୟ ୧୪୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ପ୍ରାୟ ୩୫ ଜଣ ମହିଳାଙ୍କୁ ମାମୋଗ୍ରାଫି ପରୀକ୍ଷା ପାଇଁ ପରାମର୍ଶ ଦିଆଯାଇଥିଲା। ଏହାସହ ୫୦ରୁ ଅଧିକ ମହିଳାଙ୍କ ପାଇଁ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା। ବିଶେଷଜ୍ଞ ଡାକ୍ତରୀ ଦଳ ଓ ମାମୋଗ୍ରାଫି ସୁବିଧା ସହାୟତାରେ ମହିଳାମାନେ ନିଜ ଘର ନିକଟରେ ପରାମର୍ଶ ଓ ପରୀକ୍ଷା ସୁବିଧା ପାଇବା ସହ ସ୍ତନ ଓ ଗର୍ଭାଶୟ ଗ୍ରୀବା ସ୍ୱାସ୍ଥ୍ୟ ସମ୍ପର୍କରେ ଖୋଲା ଆଲୋଚନାର ସୁଯୋଗ ପାଇଥିଲେ। ଏହି ପଦକ୍ଷେପକୁ ନିକଟବର୍ତ୍ତୀ ଗ୍ରାମାଂଚଳକୁ ସମ୍ପ୍ରସାରିତ କରି ବେଦାନ୍ତର ଖଣି କାର୍ଯ୍ୟକଳାପ ଅଧୀନରେ ବରତା ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ସ୍ୱତନ୍ତ୍ର ସ୍ତନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୩୦ ଜଣ ମହିଳା ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ଏବଂ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଅଧିବେଶନରେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତା, ପ୍ରତିଷେଧକ ଯତ୍ନ ଏବଂ ସମୟୋଚିତ ଚିକିତ୍ସା ସହାୟତା ନେବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ବାଲ୍କୋରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକ କର୍କଟ ରୋଗ ସହ ଜଡ଼ିତ ବିଭିନ୍ନ ଦିଗକୁ ଗୁରୁତ୍ୱ ଦେଇଥିଲା। ଟାଇମ୍ସ ଅଫ୍ ଇଣ୍ଡିଆ ସହଯୋଗରେ ଆୟୋଜିତ ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ବାଲ୍କୋ ମେଡିକାଲ ସେଣ୍ଟରରେ ଟୋଟାଲ ବଡି ଇରାଡିଏସନ୍ (ଟିବିଆଇ) ସେବା ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ, 'ସମର୍ଥ' ରୋଗୀ ସହାୟତା ଓ ସୁସ୍ଥତା ସମାବେଶରେ ୧୦୦ରୁ ଅଧିକ କର୍କଟ ରୋଗରୁ ସୁସ୍ଥ ହୋଇଥିବା ବ୍ୟକ୍ତି ଯୋଗଦେଇ ନିଜର ସଂଘର୍ଷ, ଅନୁଭୂତି ଓ ମନୋବଳର କାହାଣୀ ବାଣ୍ଟିଥିଲେ। ଏହାସହ ପ୍ରାୟ ୫୦ ଜଣ ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ, ଡାକ୍ତର ରାଜେନ୍ଦ୍ର ପଟେଲଙ୍କ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ଆଲୋଚନାରେ ୩୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ଯୋଗଦାନ ଏବଂ 'ରାଇଡ୍ ଫର୍ ଏ କଜ୍' ସାଇକ୍ଲୋଥନ୍ ମାଧ୍ୟମରେ ୧,୦୦୦ରୁ ଅଧିକ ସମର୍ଥକଙ୍କୁ ସାମିଲ କରାଯାଇଥିଲା।



ନିଖୋଜ ଚାଷୀଙ୍କ ମୃତଦେହ ଚାଷ ଜମିରୁ ଉଦ୍ଧାର

କୁକୁଡ଼ାଖଣ୍ଡି,୩/୧୧ (ନି.ପ୍ର) : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟା ଗଞ୍ଜାମ ଜିଲ୍ଲାରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ବନ୍ୟା ଜଳରେ ନିଖୋଜ ହୋଇଥିବା ଜଣେ ୬୭ ବର୍ଷୀୟ ବୃଦ୍ଧଙ୍କ ମୃତଦେହ ଦୀର୍ଘ ଛଅ ଦିନ ପରେ ଉଦ୍ଧାର ହୋଇଛି। ଏହି ଘଟଣାକୁ ନେଇ ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଛି। ସୂଚନା ପ୍ରକାରେ, କୁକୁଡ଼ାଖଣ୍ଡି ବ୍ଲକ ଦିଗପହଣ୍ଡି ଥାନା ଅଧୀନସ୍ଥ ଚାଞ୍ଚଡ଼ାପଲ୍ଲୀ ଗ୍ରାମର କାଳୁ ଗୌଡ଼ (୬୭) ବାତ୍ୟା ଅର୍ଣ୍ଣବ ଜନିତ ବନ୍ୟା ସମୟରେ ଗତ ୨୮ ତାରିଖ ସକାଳ ନଅଘଣ୍ଟା ସମୟରେ କାଳୁ ନିଜ ଚାଷ ଜମିକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ପାରିନଥିଲେ ଓ ସେ ବନ୍ୟା ଜଳରେ ସେ ଭାସି ଯାଇଥିବା ନେଇ ଆଶଙ୍କା ରେ ଥିଲେ। ତେବେ ଦୀର୍ଘ ଛଅ ଦିନ ପରେ ମଙ୍ଗଳବାର ଦିନ ସକାଳେ ଗ୍ରାମର ଏକ ଚାଷଜମିରେ ତାଙ୍କ ମୃତ ଦେହ ପଡ଼ିଥିବା ଜମିକୁ ଯାଇଥିବା କିଛି ଚାଷୀ ଦେଖି ଗ୍ରାମରେ ଜଣାଇଥିଲେ। ଏନେଇ ଗ୍ରାମବାସୀ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତଦେହ ଉଦ୍ଧାର କରାଯାଇଥିଲା। ଓଅନ୍ୟପଟେ ଖବର ପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁରସ୍ଥିତ ବଡ଼ ମେଡ଼ିକାଲକୁ ପଠାଯାଇଛି ଓ ତେବେ କାଳୁ ଗୌଡ଼ଙ୍କ ମୃତ୍ୟୁର ପ୍ରକୃତ କାରଣ ଏବେ ମଧ୍ୟ ସ୍ପଷ୍ଟ ହୋଇନାହିଁ ଓ ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସ ତଦନ୍ତ ପରେ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଜଣାପଡ଼ିବ ବୋଲି ସୂଚନା।



ଯୁବକ ଅପହରଣ ଓ ଯୌନ ନିର୍ଯାତନା ମାମଲା

୯ ଜଣଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ ଏଡିଜେ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



ରାୟଗଡ଼ା, ୩।୧୧ (ନି.ପ୍ର): ରାୟଗଡ଼ାରେ ବହୁଚର୍ଚ୍ଚିତ ଯୁବକ ଅପହରଣ, ଅପ୍ରାକୃତିକ ଯୌନ ସମ୍ପର୍କ ଓ ହତ୍ୟା ଉଦ୍ୟମ ମାମଲାରେ ଏଡିଜେ କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ମାମଲାରେ ୯ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଅତିରିକ୍ତ ଜିଲ୍ଲା ଓ ଶିରା ଜଜ୍ ଅଞ୍ଜନା ସ୍ୱାଇଁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଦଣ୍ଡିତଙ୍କ ମଧ୍ୟରେ ଦୁର୍ଦ୍ଦାନ୍ତ ଅପରାଧୀ ହାଡ଼ପା ଶିବା ମଧ୍ୟ ରହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ନଭେମ୍ବର ୧୮ ତାରିଖରେ ରାୟଗଡ଼ା ଥାନା ଅନ୍ତର୍ଗତ ଲାଡ଼ା ରେଳଷ୍ଟେସନ ନିକଟରୁ ଚେନ୍ନାଇରୁ ଝାରସୁଗୁଡ଼ା ଯାଉଥିବା ଜଣେ ଯୁବକଙ୍କୁ ଅଭିଯୁକ୍ତମାନେ ଅପହରଣ କରିଥିଲେ। ଟ୍ରେନ୍ ?ରେ ଯାତ୍ରା କରୁଥିବା ସମୟରେ ଯୁବକଙ୍କୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଧମକ ଦେଇ ୧୦ ଲକ୍ଷ ଟଙ୍କା ଦେଲେ ଛାଡ଼ିଦେବେ ବୋଲି କହିଥିଲେ। ଏହାପରେ ତାଙ୍କୁ ଅପହରଣ କରି ଯୌନ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ରାୟଗଡ଼ା ଥାନାରେ କେସ୍ ନଂ ୪୨୫/୧୯ ରୁଜୁ ହୋଇଥିଲା। ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୁଲିସର ଚଢ଼ାଉ ସମୟରେ ଅଭିଯୁକ୍ତମାନେ ପୁଲିସ ଉପରକୁ ଗୁଳି ଚଳାଇଥିବା ଏବଂ ପୁଲିସ ପକ୍ଷରୁ ପାଲଟା ଜବାବ ଦିଆଯାଇଥିବା ମଧ୍ୟ ସୂଚନା ମିଳିଛି। ତତ୍କାଳୀନ ଏସ୍ ?ଆଇ ରିଗାନ କିଣ୍ଡୋ ଏହି ମାମଲାର ତଦନ୍ତ କରିଥିଲେ। ଦୀର୍ଘ ବିଚାର ପ୍ରକ୍ରିୟା ପରେ ଜିଆର୍ କେସ୍ ନଂ ୩୧/୧୯ ଓ ଏସ୍‌ଟି କେସ୍ ନଂ ୩୨/୨୦୨୦ର ରାୟ ପ୍ରକାଶ ପାଇଛି। ଆଇପିସିର ଧାରା ୩୫୪(ଏ), ୩୬୪(ଏ), ୩୭୭, ୧୨୦(ବି), ୩୪ ଏବଂ ଆର୍ମସ୍ ଆକ୍ଟର ଧାରା ୨୫(୧) ଅନୁଯାୟୀ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଦୋଷୀମାନଙ୍କ ମଧ୍ୟରେ ହାଡ଼ପା ଶିବା, ଜି. ବାଙ୍ଗାରୁ, ଶୁଣ୍ଢି ସୂରଜ, ଶୁଣ୍ଢି ପ୍ରକାଶ, ମାଝୀ ଜୋସେଫ, ଜି. ବେଣୁ, ଜି. ତେଜା, ଜି. ସୁରେନ୍ଦ୍ର ଓ ମାଝୀ ରାଜା ରହିଛନ୍ତି। କୋର୍ଟ ୮ ଜଣ ଦୋଷୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଏବଂ ମାଝୀ ରାଜାଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଥିବା ସୂଚନା ମିଳିଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ମାମଲା ପରିଚାଳନା କରୁଥିଲେ। ମାମଲାରେ ମୋଟ ୩୬ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ଅନ୍ୟପକ୍ଷରେ ରାୟ ପ୍ରକାଶ ପରେ କୋର୍ଟ ପରିସରରେ ଦୋଷୀଙ୍କ ପରିବାରବର୍ଗଙ୍କ ପକ୍ଷରୁ ଉତ୍ତ ?ଜନା ଦେଖାଦେଇଥିଲା। ଖବର ପାଇ ରାୟଗଡ଼ା ଏସ୍ ?ଡିପିଓ ଗୌରହରି ସାହୁ ପୁଲିସ ଟିମ୍ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହି ସମୟରେ ଦୋଷୀ ସାବ୍ୟସ୍ତ ହୋଇଥିବା ଶୁଣ୍ଢି ପ୍ରକାଶ କୋର୍ଟ ପରିସରରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ତାଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଖୋଜାଖୋଜି ଜାରି ରହିଛି।

ନାଗାବଳୀ ଓ ବଂଶଧାରା

ନଦୀରୁ ଦୁଇ ମୃତଦେହ ଉଦ୍ଧାର

ଜଣେ ନାବାଳକ ନିଖୋଜ



ରାୟଗଡା, ୩।୧୧ (ଯୁବମୋର୍ଚ୍ଚା): ବାତ୍ୟା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇ ୩ଜଣ ଭାସିଯାଇଥିବା ଓ ସେଥିମଧ୍ୟରୁ ୨ଜଣଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଥିବା ବେଳେ ଜଣେ ନାବାଳକ ନିଖୋଜ ଅଛନ୍ତି। ସୂଚନାରୁ ଜଣାପଡିଛି ଗତ ତିନିଦିନ ତଳେ ନାଗାବଳୀ ନଦୀରେ ଗାଧୋଇବାକୁ ଯାଇ ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ମୃତକ ହେଲେ ୧୪ ବର୍ଷୀୟ ପ୍ରଭାତ କୁମାର ପାଣି। ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ ନାଗାବଳୀ ନଦୀରୁ ଆଜି ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ସୂଚନାନୁସାରେ ପ୍ରଭାତ ଗତ ରବିବାର ସାଙ୍ଗମାନଙ୍କ ସହ ରାୟଗଡ଼ା ନିକଟ ଅଷ୍ଟାରୀଗୁଡ଼ା ଅଞ୍ଚଳର ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧେଇବା ସମୟରେ ପ୍ରଖର ଜଳସ୍ରୋତରେ ସେ ଭାସିଯାଇଥିଲେ। ସେ ରାୟଗଡ଼ାରେ ମାମୁଘରେ ରହି ପାଠ ପଢୁଥିବା ଜଣାପଡ଼ିଛି। ସେହିଭଳି ରାୟଗଡ଼ା ଜିଲ୍ଲା ଗୁଣପୁର ପୌର ପରିଷଦ ୪ ନମ୍ବର ୱାର୍ଡର ଜଣେ ବୃଦ୍ଧା ବଂଶଧାରା ନଦୀକୁ ଗାଧୋଇବାକୁ ଯାଇ ଗତ ୧ ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଯାଇଥିବା ଘଟଣାରେ ଆଜି ତାଙ୍କ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି ଓ ବୃଦ୍ଧା ଜଣକ ହେଲେ କତାଲାଗୁଡା ଗ୍ରାମର ବି.ପାଗାଡ଼ାଲୁ ଓ ପରିବାରବର୍ଗଙ୍କ ସୂଚନା ଅନୁଯାୟୀ, ନିଖୋଜ ବୃଦ୍ଧା ଜଣକ ଗ୍ରାମର ଅନ୍ୟ କିଛି ମହିଳାଙ୍କ ସହ କପା ତୋଳିବାକୁ ଯାଇ, କପା ତୋଳି ଘରକୁ ଫେରିବା ସମୟରେ ସନ୍ଧ୍ୟାରେ ନଦୀ ତୁଠକୁ ଗାଧୋଇବାକୁ ଯାଇ ବଂଶଧାରା ନଦୀରେ ଭାସି ଯାଇଥିଲେ ଓ ଆଜି ଗ୍ରାମବାସୀ ବୃଦ୍ଧାଙ୍କ ଶବକୁ ନଦୀରେ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଅନ୍ୟ ଏକ ଘଟଣାରେ ଆଜି ଝଞ୍ଜାବତୀ ନଦୀରେ ଗାଧୋଇବାକୁ ଯାଇ ଆଉ ଜଣେ ୧୪ ବର୍ଷୀୟ ନାବାଳକ କାନି ଖୋସଲା ନିଖୋଜ ହୋଇଯାଇଛନ୍ତି। ରାୟଗଡ଼ା ସଦର ନୂଆସାହି ଅଞ୍ଚଳର କାନି ମଙ୍ଗଳବାର ସକାଳେ ସାଙ୍ଗମାନଙ୍କ ସହ ଅମ୍ଲାଗୁଡ଼ା ନିକଟ ଝଞ୍ଜାବତୀ ନଦୀକୁ ଯାଇଥିଲେ। ଗାଧେଇବା ବେଳେ ସେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର ଦଳ ନଦୀରେ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଖବର ଲେଖା ହେବା ସୁଦ୍ଧା ତାଙ୍କର ପତ୍ତା ମିଳିପାରିନାହିଁ

କଟକ ନାଟ୍ୟୋତ୍ସବ'ର ଚୂଡ଼ାନ୍ତ ପର୍ଯ୍ୟାୟ ଆରମ୍ଭ

ପ୍ରଥମ ଦିନରେ ଦର୍ଶକଙ୍କ ମନ ଜିଣିଲା ୩ ନାଟକ

କଟକ,୩।୧୧ (ନି.ପ୍ର): ମଞ୍ଚରେ ଅଭିନୟର ଯାଦୁ, ସଂଳାପରେ ଭାବନାର ସ୍ପର୍ଶ, ଆଉ କାହାଣୀରେ ସମାଜର ବାସ୍ତବ ଚିତ୍ର। ଏମିତି ଏକ ନାଟ୍ୟମୟ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି 'କଟକ ନାଟ୍ୟୋତ୍ସବ-୨୦୨୬'ର ଚୂଡ଼ାନ୍ତ ପର୍ଯ୍ୟାୟ। ପ୍ରଥମ ଦିନରେ ତିନିଟି ଭିନ୍ନ ସ୍ୱାଦର ନାଟକ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ମନ ଜିଣିବା ସହ ନାଟ୍ୟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ନାଟ୍ୟୋତ୍ସବର ଶୁଭାରମ୍ଭ ରେଭେନ୍ସା ବିଶ୍ୱବିଦ୍ୟାଳୟର 'ସେଭେନ୍ ପିଲର୍ସ ଅଫ୍ ୱିଜଡମ୍'ଠାରେ ପାରମ୍ପରିକ ମଞ୍ଚ ପୂଜା ସହ ହୋଇଥିଲା। ପ୍ରଥମ ଦିନର ପ୍ରଥମ ଆକର୍ଷଣ ଥିଲା 'ମହାବାହୁ'। ଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁଙ୍କ ମହିମାକୁ ଆଧାର କରି ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ଏହାକୁ ମଞ୍ଚସ୍ଥ କରିଥିଲେ। ନାଟକର ନିଖୁଣ ଅଭିନୟ ଓ ଭାବପୂର୍ଣ୍ଣ ଉପସ୍ଥାପନା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଦ୍ୱିତୀୟ ନାଟକ 'ନୀରବ ଚିଠି' ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲା। ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ପରିବେଷିତ ଏହି ନାଟକରେ ଯୌଥ ପରିବାରର ମହତ୍ତ୍ୱ, ପାରିବାରିକ ସମ୍ପର୍କ ଓ ନିଜ ପରିବାର ପାଇଁ ସମୟ ଦେବାର ଆବଶ୍ୟକତାକୁ ଭାବପ୍ରବଣ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। ସେହିପରି ଦିନର ଶେଷ ନାଟକ ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଷିତ ହୋଇଥିଲା 'ଫେରିଆ ବୋଇତ ସପନ ନେଇ'। କଟକର ଐତିହାସିକ ବାଲିଯାତ୍ରା, ଓଡ଼ିଆ ନୌବାଣିଜ୍ୟ ପରମ୍ପରା, ଭାଇଚାରା ଓ ସମୃଦ୍ଧ ସଂସ୍କୃତିକୁ ନାଟକ ମାଧ୍ୟମରେ ଜୀବନ୍ତ ରୂପ ଦିଆଯାଇଥିଲା। ଏହା ଦର୍ଶକଙ୍କୁ କଟକର ଗୌରବମୟ ଐତିହ୍ୟ ସହ ଯୋଡ଼ିବାରେ ସଫଳ ହୋଇଥିଲା। ଉଦ୍ ?ଘାଟନୀ ଉତ୍ସବରେ ଡେପୁଟି କଲେକ୍ଟର ଶତ୍ରୁପା ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ସମେତ ନାଟ୍ୟୋତ୍ସବ କମିଟିର ଉପଦେଷ୍ଟା ତଥା ସିନେ ତାରକା ଶ୍ରୀତମ ଦାସ ଉପସ୍ଥିତ ଥିଲେ। ଏଥିସହ ବିଚାରକ ଧୀର ମଲ୍ଲିକ, ନମ୍ରତା ଦାସ ଓ ହରିଶ ମହାନ୍ତିଙ୍କ ସମେତ ନାଟ୍ୟ ପରାମର୍ଶଦାତା ଅନନ୍ତ ଦାଶ, ଦେବୀ ପ୍ରସାଦ ପଟ୍ଟନାୟକ, ବିଶ୍ୱଭୂଷଣ ମହାନ୍ତି, ଉମେଶ ଦାଶ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍, ସନ୍ଦୀପ ପାଣି, ବେବି ପ୍ରଧାନ ଓ ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି କଟକ ନାଟ୍ୟୋତ୍ସବ-୨୦୨୬'ର ଚୂଡ଼ାନ୍ତ ପର୍ଯ୍ୟାୟ ଚାଲିବ।




ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଧାର୍ମିକ ଓ ଐତିହାସିକ ପୀଠ ର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ସମେଶ୍ୱର ମନ୍ଦିର ଉନ୍ନତି ପାଇଁ ୧. ୪୦ କୋଟି ଓ କୁରୁମ ବୌଦ୍ଧପୀଠ ପାଇଁ ୪୦ ଲକ୍ଷ ଟଙ୍କା ମଞ୍ଜୁର

କାକଟପୁର, ୩/୧୧ (ନି.ପ୍ର): କାକଟପୁର ଅଞ୍ଚଳର ଧାର୍ମିକ ଓ ଐତିହାସିକ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। କାକଟପୁରର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ସମେଶ୍ୱର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ୪୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହି ଅର୍ଥରେ ମନ୍ଦିରର ସର୍ବାଙ୍ଗୀନ ବିକାଶ ଓ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତିକରଣ କରାଯିବାକୁ ଯୋଜନା ରହିଛି। ଏହି ଅବସରରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏକ ବର୍ଣ୍ଣାଢ଼ୟ କାର୍ଯ୍ୟକ୍ରମରେ ଯୋଗଦେଇ ସମେଶ୍ୱର ମନ୍ଦିର ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅନୁଦାନ ରାଶି ଘୋଷଣା କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମନ୍ଦିରର ପାରିପାର୍ଶ୍ୱିକ ପରିବେଶରେ ସୁଧାର ଆସିବା ସହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ। ଏଥିସହିତ ଏହି ପ୍ରାଚୀନ ଶୈବପୀଠର ଧାର୍ମିକ ମର୍ଯ୍ୟାଦା ଓ ପର୍ଯ୍ୟଟନ ଆକର୍ଷଣ ବୃଦ୍ଧି ପାଇବା ସହ ସ୍ଥାନୀୟ ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶକୁ ମଧ୍ୟ ନୂତନ ଦିଗ ମିଳିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି। ସେହିପରି କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତରେ ଅବସ୍ଥିତ ପ୍ରାଚୀନ କୁରୁମ ବୌଦ୍ଧପୀଠର ଉନ୍ନତିକରଣ ପାଇଁ ମଧ୍ୟ ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉଭୟ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଦ୍ୱାରା ଅଞ୍ଚଳର ଶୈବ ଓ ବୌଦ୍ଧ ଐତିହ୍ୟର ସଂରକ୍ଷଣ ସହ ପର୍ଯ୍ୟଟନର ବିକାଶ ପାଇଁ ନୂତନ ସମ୍ଭାବନା ସୃଷ୍ଟି ହେବ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁନୀଲ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ରାକେଶ ଧରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମେଶ୍ୱର ମନ୍ଦିର ଓ କୁରୁମ ବୌଦ୍ଧପୀଠର ଉନ୍ନତିକରଣ ପାଇଁ ସରକାରଙ୍କ ଏହି ଅନୁଦାନକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି।



ଭା.କୃ.ଅନୁ.ପ-ସି.ଆର.ଆର.ଆଇ.ରେ ସତର୍କତା ସଚେତନତା ସପ୍ତାହ ପାଳିତ



କଟକ, ୩।୧୧ (ନି.ପ୍ର) : ଭାରତ ସରକାରଙ୍କ କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି)ଙ୍କ ନିର୍ଦ୍ଦେଶ କ୍ରମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପ୍ରତିବର୍ଷ ପାଳିତ ହେଉଥିବା ସତର୍କତା ସଚେତନତା ସପ୍ତାହ-୨୦୨୬ କଟକସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଭାକୃଅନୁପ)-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ସିଆରଆରଆଇ)ରେ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ସମୃଦ୍ଧି ପାଇଁ ସତ୍ୟନିଷ୍ଠା' ଅକ୍ଟୋବର ୨୬ ତାରିଖରେ ଅନୁଷ୍ଠାନର ନିର୍ଦ୍ଦେଶକ ଡଃ ଜି.ଏ.କେ. କୁମାର କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ। ଏହି ଅବସରରେ ଏକ ସଚେତନତା ପଦଯାତ୍ରା ମଧ୍ୟ ଆୟୋଜିତ ହୋଇଥିଲା। ସପ୍ତାହବ୍ୟାପୀ ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରବନ୍ଧ, ବିତର୍କ, କୁଇଜ୍? ଓ ତତ୍କାଳିକ ବକ୍ତୃତା ପ୍ରତିଯୋଗିତା ସହ ବିଭିନ୍ନ କର୍ମଶାଳା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ କୃଷି ବିଜ୍ଞାନ କେନ୍ଦ୍ର, ସନ୍ଥପୁର, କଟକ ମାଧ୍ୟମରେ ଗ୍ରାମସଭା ଆୟୋଜନ କରାଯାଇ ଗ୍ରାମାଞ୍ଚଳରେ ସତର୍କତା ଓ ସଚ୍ଚୋଟତା ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ସପ୍ତାହର ଉଦ୍ ?ଯାପନୀ ସମାରୋହ ନଭେମ୍ବର ୨ ତାରିଖରେ ଡଃ କେ. ରାମିୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ପ୍ରଧାନ ମହାଲେଖାକାର (ଅଡିଟ୍-୧) ସୁଜୁ ଆର., ଆଇ.ଏ.ଏ.ଏସ୍. ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାର୍ବଜନୀନ ଜୀବନରେ ସଚ୍ଚୋଟତା, ସଚେତନତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡଃ ଜି.ଏ.କେ. କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଡଃ ପ୍ରକାଶ ଚନ୍ଦ୍ର ରଥ, ପ୍ରଧାନ ବୈଜ୍ଞାନିକ ସ୍ୱାଗତ ଭାଷଣ ଦେଇଥିବାବେଳେ ଭି. ଗଣେଷ କୁମାର, ବରିଷ୍ଠ ପ୍ରଶାସନିକ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ଚମ୍ପିୟନସିପ୍ ଉଦଯାପିତ



ପାରାଦୀପ, ୩।୧୧ (ଯୁବମୋର୍ଚ୍ଚା): ପାରାଦୀପ ଇଣ୍ଡୋର ଷ୍ଟାଡିୟମ ଠାରେ ତିନିଦିନ ଧରି ଚାଲିଥିବା ତୃତୀୟ ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ଚମ୍ପିୟନସିପ୍ ସୋମବାର ସନ୍ଧ୍ୟାରେ ସଫଳତାର ସହ ଉଦଯାପିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତା କୁ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗତ ୩୧ ତାରିଖରେ ଉଦଘାଟନ କରିଥିଲେ। ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୨୧ ଟି ଜିଲ୍ଲାର ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଦଳଗତ ଭାବେ ସବ୍-ଜୁନିଅର ବର୍ଗରେ ବାଲେଶ୍ୱର ଦଳ ଚମ୍ପିୟନ, ଯୁବ ବର୍ଗରେ ସମ୍ବଲପୁର ଏବଂ ବରିଷ୍ଠ ବର୍ଗରେ ଜଗତସିଂହପୁର ଦଳ ଚମ୍ପିୟନ ହୋଇଥିଲେ। ଉଦଯାପନୀ ସମାରୋହରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଇଫକୋ ଡିଜିଏମ ବିଜୟ କୁମାର ପରିଡା, ଏଏମଏନଏସ ଓଡିଶା ପରିଚାଳନା ମୁଖ୍ୟ ୟୁ.ଏସ.ଆର ରାଜୁ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା,ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଏବଂ ପାରିଷଦ ସୁବ୍ରତ ପ୍ରଧାନ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଏହି ପ୍ରତିଯୋଗିତାର ସଫଳତା ପାଇଁ ଆସୋସିଏସନ ର ସେକ୍ରେଟାରୀ ଜେନେରାଲ ଲୋପାମୁଦ୍ରା ପତି ସମସ୍ତ ଜିଲ୍ଲା ପ୍ରଶାସନ, ସହଯୋଗୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ନାଟ୍ୟ ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀମନ ନାରାୟଣ ମିଶ୍ରଙ୍କୁ ଓଲିଉଡ଼ ନିୟୁଜ ଆୱାର୍ଡ



ପାରାଦୀପ, ୩।୧୧ (ନି.ପ୍ର): ଓଡ଼ିଆ ନାଟ୍ୟ ନିର୍ଦ୍ଦେଶନା ଓ ଅଭିନୟ ଜଗତରେ ନିଜର ଜୀବନ୍ତ ନିଖୁଣ ଅଭିନୟ ଶୈଳୀ,ଚରିତ୍ର ପ୍ରତି ନିଷ୍ଠା ଏବଂ କଳା ପ୍ରତି ଅସୀମ ଭଲପାଇବା ମାଧ୍ୟମରେ ପରିଚୟ ସୃଷ୍ଟି କରିଥିବା ପାରାଦୀପ ବନ୍ଦରରେ ଅଦ୍ୟାବଧି ଆସିଷ୍ଟାଣ୍ଟ ଟ୍ରାଫିକ ମ୍ୟାନେଜର ଭାବେ କାର୍ଯ୍ୟରତ ଶ୍ରୀମନ୍ ନାରାୟଣ ମିଶ୍ର ଓଡ଼ିଆ କଳା ଜଗତ ପାଇଁ ଆଉ ଏକ ଗୌରବମୟ ସଫଳତା ହାସଲ କରିଛନ୍ତି। ତାଙ୍କୁ ଚଳିତ ବର୍ଷର ଓଲିଉଡ୍ ନ୍ୟୁଜ୍ ଆୱାର୍ଡ-୨୦୨୬ରେ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ କରାଯାଇଛି। ଓଲିଉଡ୍ ନ୍ୟୁଜ୍ ପକ୍ଷରୁ ଅକ୍ଟୋବର ମାସରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ପ୍ରଥମ ବାର୍ଷିକ ପୁରସ୍କାର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଲିଉଡ଼ ଜଗତର ଜଣାଶୁଣା କଳାକାର ଅଶ୍ରୁ ମୋହନ ମହାନ୍ତି, ଲାଲା ବିରେନ ରାୟ, ଓଡିଶା ଅଲମ୍ପିକ ଆସୋସିଏସନ ର ସଭାପତି ସମୀର ମହାନ୍ତି ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ଓଡ଼ିଆ ମନୋରଞ୍ଜନ ଜଗତରେ ନୂତନ ପ୍ରତିଭାଙ୍କୁ ଉତ୍ସାହିତ କରିବା ଏବଂ କଳା, ସାହିତ୍ୟ, ନାଟକ, ଯାତ୍ରା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିତ୍ୱମାନଙ୍କୁ ସ୍ୱୀକୃତି ଦେବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପୁରସ୍କାର ପାଇଁ ଏକ ଉଚ୍ଚସ୍ତରୀୟ ଜୁରି କମିଟି ଶ୍ରୀ ମିଶ୍ରଙ୍କ ନାମ ସୁପାରିଶ କରିଥିଲେ। ତାଙ୍କର ଅଭିନୟ ପ୍ରତିଭା, ନାଟକ ପ୍ରତି ଆଗ୍ରହ, ସୃଜନଶୀଳ ଚିନ୍ତାଧାରା ଓ କଳା କ୍ଷେତ୍ର ପ୍ରତି ସମର୍ପଣକୁ ଏହି ସମ୍ମାନର ଆଧାର ଭାବେ ବିବେଚନା କରାଯାଇଛି। ଏହି ସମ୍ମାନ ପାଇବା ପରେ ଶ୍ରୀମନ୍ ମିଶ୍ର ଓଲିଉଡ୍ ନ୍ୟୁଜ୍‌ର ପ୍ରକାଶକ ପ୍ରସନ୍ନ ପୃଷ୍ଟି, ଜୁରି କମିଟିର ସମସ୍ତ ସଦସ୍ୟ, ସହକଳାକାର, ନିର୍ଦ୍ଦେଶକ, ଶୁଭେଚ୍ଛୁ ଓ ତାଙ୍କୁ ଭଲପାଉଥିବା ସମସ୍ତଙ୍କ ପ୍ରତି ହୃଦୟରୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହ ଓ ଦାୟିତ୍ୱବୋଧ ସହିତ କଳାକ୍ଷେତ୍ରରେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ସମ୍ମାନ ତାଙ୍କର ବ୍ୟକ୍ତିଗତ ଗୌରବ ସହିତ ଓଡ଼ିଆ ନାଟ୍ୟ ଓ ସାଂସ୍କୃତିକ ଜଗତ ପାଇଁ ମଧ୍ୟ ଏକ ଆନନ୍ଦଦାୟକ ଉପଲବ୍ଧି। ଶ୍ରୀ ମିଶ୍ର କ୍ୟାନମାସ ଏକ ସୁନାମଧନ୍ୟ ନାଟ୍ୟ ସଂସ୍ଥା ର ନିର୍ଦ୍ଦେଶକ ଭାବରେ ପାରାଦ୍ୱୀପ କୁ ଭାରତ ନାଟ୍ୟ ମାନଚିତ୍ରରେ ସ୍ଥାନିତ କରିପାରିଛନ୍ତି। ଏହି ସଫଳତାରେ କଳାପ୍ରେମୀ, ସହକର୍ମୀ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା ବେଳେ, ଆଗାମୀ ଦିନରେ ସେ ନିଛକ ଅଭିନୟ ମାଧ୍ୟମରେ ଓଡ଼ିଆ କଳା ଜଗତକୁ ଉଦଜୀବିତ କରି ରଖିବେ ବୋଲି ଆଶା ରଖିଛନ୍ତି। ଛାତ୍ର ଜୀବନରୁ କଳା ପ୍ରତି ରୁଚି ରଖିଥିବା ଶ୍ରୀମନ କଳା ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲାବେଳେ ରାଜ୍ୟ ତଥା ରାଜ୍ୟ ବାହାରେ ବେଶ ପ୍ରଶଂସା ସାଉଁଟି ଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା ମିଳିବାରେ ଲାଗିଛି।

ପଞ୍ଚାୟତ ଓ ପୌର ନିର୍ବାଚନ

ଅବ୍‌ଜରଭର୍‌ଙ୍କ ଘରକୁ ଘର ସର୍ଭେ କାର୍ଯ୍ୟ ସମୀକ୍ଷା



ମାଲକାନଗିରି,୩/୧୧ (ଯୁବମୋର୍ଚ୍ଚା) : ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନ-୨୦୨୭ ନିମନ୍ତେ ଜିଲ୍ଲାବ୍ୟାପୀ ଚାଲିଥିବା ଘରକୁ ଘର ସର୍ଭେ କାର୍ଯ୍ୟର ଅନୁଧ୍ୟାନ ଓ ସମୀକ୍ଷା ପାଇଁ ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବ ତଥା ସ୍ୱତନ୍ତ୍ର ନିର୍ବାଚନ ଅବ୍ ?ଜରଭର୍ ସଂଗ୍ରାମ ଶେଖର ପଣ୍ଡା ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଖଇରପୁଟ ଏବଂ ମାଥିଲି ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କ୍ଷେତ୍ର ସ୍ତରରେ ଚାଲିଥିବା ସର୍ଭେ କାର୍ଯ୍ୟର ସିଧାସଳଖ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ ସ୍ଥାନୀୟ ନିର୍ବାଚନ କର୍ମଚାରୀ, ବିଏଲଓ ଏବଂ ସୁପରଭାଇଜରମାନଙ୍କ ସହ କାର୍ଯ୍ୟର ପ୍ରଗତି ନେଇ ଆଲୋଚନା କରିବା ସହ ନିର୍ଦ୍ଧାରିତ ସମୟସୀମା (୨୬ ଅକ୍ଟୋବରରୁ ୭ ନଭେମ୍ବର) ମଧ୍ୟରେ ସମସ୍ତ କାର୍ଯ୍ୟକୁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭାବେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ବିମଳ କୁମାର ଲେଙ୍କା, ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଏଲଓ, ସୁପରଭାଇଜର୍ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ସର୍ଭେ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଅବ୍‌ଜରଭର୍ ଚିତ୍ରକୋଣ୍ଡା, କୋରକୁଣ୍ଡା, କାଲିମେଲା ଓ ପଡ଼ିଆ ଆଦି ବ୍ଲକ୍ ଗସ୍ତ କରି ସର୍ଭେ କାର୍ଯ୍ୟର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ମାଲକାନଗିରି ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

ପ୍ରଶାସନର ନିର୍ଦ୍ଦେଶକୁ ଖୋଲା ଚ୍ୟାଲେଞ୍ଜ

ଠିପି ବନ୍ଦ ମଦ ଦୋକାନ ଆଗରେ ଚାଲିଛି ଚୋରା ବିକ୍ରି

ମାଲକାନଗିରି, ୩/୧୧ (ନି.ପ୍ର) : ବାତ୍ୟା ଓ ପ୍ରବଳ ବର୍ଷାର ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ୨ରୁ ୪ ତାରିଖ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ଜାରି ହୋଇଛି। ହେଲେ ଏହି ନିର୍ଦ୍ଦେଶକୁ କେତେ ଗୁରୁତ୍ୱ ଦିଆଯାଉଛି। ପ୍ରଶାସନର ନିୟମ କେବଳ କାଗଜପତ୍ରରେ ସୀମିତ ରହିଯାଇଛି କି? ମାଲକାନଗିରି ସଦର ମହକୁମାର ଶୁକମା ରାସ୍ତା ପାର୍ଶ୍ୱରେ ଥିବା ଏକ ଠିପି ବନ୍ଦ ମଦ ଦୋକାନକୁ ନେଇ ଏଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କାରେ ମାଲକାନଗିରି ଜିଲ୍ଲାରେ ମଦ ଦୋକାନଗୁଡ଼ିକୁ ବନ୍ଦ ରଖିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଛି। କିନ୍ତୁ ଅଭିଯୋଗ ହେଉଛି, ଶୁକମା ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ମଦ ଦୋକାନ ବାହାରେ କିଛି କର୍ମଚାରୀ ଲୁଚାଛପାରେ ଲୋକଙ୍କୁ ମଦ ବିକ୍ରି କରୁଛନ୍ତି। ଦୋକାନର ଠିପି ବନ୍ଦ ଥିଲେ ମଧ୍ୟ ଚାଲିଛି ବେଆଇନ କାରବାର। ଏହି ଅଭିଯୋଗ ପ୍ରଶାସନର ନିର୍ଦ୍ଦେଶ ପାଳନ ଉପରେ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଜିଲ୍ଲା ସଦର ମହକୁମାରେ ଯଦି ଏଭଳି ନିୟମ ଉଲ୍ଲଂଘନର ଅଭିଯୋଗ ଆସୁଛି, ତେବେ ଦୁର୍ଗମ ଗାଁ ଓ ବ୍ଲକ ଅଞ୍ଚଳରେ ପରିସ୍ଥିତି କିପରି ଥିବ, ସେଠାରେ ନିର୍ଦ୍ଦେଶର ତଦାରଖ କିଏ କରୁଛି? ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାହାର ନଜର ରହିଛି। ଏନେଇ ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗର ଅଧିକାରୀ ଶ୍ରୀ ବିମ୍ବାଧର ପଣ୍ଡାଙ୍କ ସହ ଆଲୋଚନା କରାଯାଇଥିଲା। ସେ କହିଛନ୍ତି ଯେ, ଆସନ୍ତା ୪ ତାରିଖ ପରେ ମଦ ଦୋକାନ ଖୋଲିବା ପରେ ଏହି ଘଟଣାର ତଦନ୍ତ କରାଯିବ। ତଦନ୍ତ ପରେ ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼ିଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି।



ତେବେ ପ୍ରଶ୍ନ ଉଠୁଛି, ଯେଉଁ ସମୟରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ମଦ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି।ସେହି ସମୟରେ ନିୟମ ଉଲ୍ଲଂଘନ ଅଭିଯୋଗର ତଦନ୍ତ ପାଇଁ ୪ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କାହିଁକି, ଏବେ ସମସ୍ତଙ୍କ ନଜର ଅବକାରୀ ବିଭାଗର ଆଗାମୀ ପଦକ୍ଷେପ ଉପରେ।

ଶିଶୁ ବିକାଶ କେନ୍ଦ୍ରର ୪୨ତମ ବାର୍ଷିକ ଉତ୍ସବ

ବଲାଙ୍ଗିର,୩।୧୧(ନି.ପ୍ର.): ବଲାଙ୍ଗିର ର ଅଗ୍ରଣୀ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ର ର ୪୨ତମ ବାର୍ଷିକ ଉତ୍ସବ ସଭାପତି କସ୍ତୁରୀ ରଥଙ୍କ ଅଧ୍ୟକ୍ଷତାରେ ଯାଦବ ଭବନ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ମାଆ ଦୁର୍ଗାଙ୍କର ପୂଜା ପାଠ ସହିତ କୁମୋଦିନୀ ପୃଷ୍ଟି ବେଦ ପଠନ କରିଥିଲେ । ଶିଶୁ କ୍ଷୁଦ୍ର ନୁହେଁ ବିରାଟ ଏବଂ ଶିଶୁ ସ୍ୱପ୍ନକୁ ଆକଳନ କରି କାମ କରି କାମ କରିବା ଆମ ପକ୍ଷରେ ଆଦୌ ସମ୍ଭବ ନୁହେଁ ଏବଂ ତାର ମାନସିକ ସ୍ଥିତିକୁ ପରଖି ତା ଅନୁସାରେ ତାକୁ ଗଠନ କରିବାରେ ଆମେ ଏକ ମାଧ୍ୟମ ହେବା ଉଚିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥ ଭାବରେ ସେବା ନିବୃତ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଜ୍ୟୋତିର୍ମୟୀ ସାହୁ,



ମୁଖ୍ୟବକ୍ତା ଭାବରେ ସୋନପୁର ଡିଆଇଇଟି ର ସେବା ନିବୃତ୍ତ ମମତା ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଂଚାସିନ ଥିଲେ । ସଂପାଦକ ଡା. ଅଶୋକ କୁମାର ସେଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିଶୁ ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ମଦନ ମୋହନ ରଥ ଦିର୍ଘ ୪୨ ବର୍ଷର ଅନୁଭୂତି ବଣ୍ଟ ସହିତ ଅନୁଷ୍ଠା ପାଇଁ ସହଯୋଗ ଭିକ୍ଷା କରିଥିଲେ । ଏହି ପାର୍ବଣରେ ପାରା ତୀରନ୍ଦାଜ ର ବିଶ୍ୱ ଚମ୍ପିୟାନ ପାୟଲ ନାଗଙ୍କୁ, ବିଶେଷ ଶିଶୁ ସୌରଭ ସମ୍ମାନ ପ୍ରଦାନ କରାଯାଇଥିଲା । ଏହା ସହ ମର୍ଯ୍ୟାଦା ଜନକ ସାରଦୀୟ ଶିକ୍ଷା ସେବା ସମ୍ମାନ ସୁଚରୁବାଳା ଦେବୀଙ୍କୁ, ସୁଧାନିଧି ଶତପଥି ସ୍ମୃତି ସମ୍ମାନ ରାମଚନ୍ଦ୍ର ସାହୁଙ୍କୁ, ନିଳକଣ୍ଠ ପଟେଲ ସ୍ମୃତି ସମ୍ମାନ ବିଦ୍ୟୁତରେଖା କରଙ୍କୁ, ରାଧା ମୋହନ ଷଡଙ୍ଗୀ ସ୍ମୃତି ସମ୍ମାନ ସଂକିର୍ତ୍ତନ ମହାଲିଙ୍ଗ ଙ୍କୁ, ଚୈତନ୍ୟଦାସ ଠାକୁର ସ୍ମୃତି ସମ୍ମାନ ଅମ୍ବିକା ଦାନୀଙ୍କୁ, ଗୋପିନାଥ ସ୍ମୃତି ସମ୍ମାନ ମିନାକ୍ଷୀରାଣୀ ମିଶ୍ରଙ୍କୁ ଓ ଶରତ ଚନ୍ଦ୍ର ଦିକ୍ଷିତ ସମ୍ମାନ ଡା. ସୁଧାଂଶୁ ଭୂଷଣ ମେହେରଙ୍କୁ ପ୍ରଦାନ କରାଯାଇଥିଲା । ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗିତା ରେ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ସଭା ଆରମ୍ଭରେ ମଧୁ ସାହୁ ଅତିଥି ପରିଚୟ ପ୍ରଦାନ, ସୁରଥ ସାହୁ ସଂବର୍ଦ୍ଧନା ପର୍ବ ପରିଚାଳନା ଓ ସୁନାଧର ବନଛୋର ପୁରସ୍କାର ବିତରଣ ପର୍ବ ପରିଚାଳନା କରିଥିଲେ । ଏହି ସଭାରେ ଉପଦେଷ୍ଟା ସତ୍ୟବନ୍ତ ବେଦବାକ, ଜୟରାମ ମିଶ୍ର, ଗିରିଜା ଶଙ୍କର ରଥ ଓ ଡ. ପ୍ରେମଚନ୍ଦ ମହାନ୍ତି ମତ ବିନିମୟ ରେ ଆଶିର୍ବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚୁଡେନ୍ଦ୍ର କୁମାର ବେହେରା, ଅରୁଣ ଖୁଆସ, ସୁନାଧର ବନଛୋର, ଦୁର୍ଗା ସାହୁ, ଚିନ୍ମୟ ତ୍ରିପାଠି, ପ୍ରଦୀପ ପଶାୟତ, ଧର୍ମବ୍ରତ ରଥ, କାଳିନୀପ୍ରଭା ଉଦ୍‌ଗାତା, ରାଜଶ୍ରୀ ତ୍ରିପାଠି, ନିହାରିକା ମିଶ୍ର, ମାଳତି ଉଦ୍‌ଗାତା, ବଳିଷ୍ଠ ପଧାନ, ହୃଷିକେଶ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଉପସଭାପତି ଧିରେନ୍ଦ୍ର ନାରାୟଣ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

କୋଟିଆ ସୀମାନ୍ତ ନେରିଡ଼ିୱାଲସାରେ ଉତ୍ତେଜନା, ଓଡ଼ିଶା-ଆନ୍ଧ୍ର ପୋଲିସ ମୁହାଁମୁହିଁ

କୋରାପୁଟ, ୩।୧୧(ନିପ୍ର)-ଓଡ଼ିଶା-ଆନ୍ଧ୍ର ସୀମାନ୍ତ କୋଟିଆ ଅଞ୍ଚଳର ନେରିଡ଼ିୱାଲସା ଗ୍ରାମରେ ଆଜି ଚାପା ଉତ୍ତେଜନା ଦେଖାଦେଇଛି ।

ଆନ୍ଧ୍ର ପକ୍ଷରୁ ନିର୍ବାଚନୀ କାର୍ଯ୍ୟକଳାପକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଖବର ମିଳିଛି । ଏହି ଘଟଣାକୁ ନେଇ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି ।କୋଟିଆରେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନକୁ ନେଇ ବଢ଼ିଲା ସୀମା ବିବାଦନଭେମ୍ବର ୫ ତାରିଖରେ ଆନ୍ଧ୍ରପ୍ରଦେଶର ପଞ୍ଚାୟତ ନିର୍ବାଚନ ଥିବାରୁ କୋଟିଆ ଅଞ୍ଚଳରେ ସୁରକ୍ଷା



ବ୍ୟବସ୍ଥା କଡ଼ାକଡ଼ି ହୋଇଛି । ନେରିଡ଼ିୱାଲସା, ତାଳସେମ୍ବି ଓ ପାଟୁସେନେରି ଚେକ୍ ?ପୋଷ୍ଟରେ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ନଜର ରଖାଯାଇଛି । ଏହି ଅଞ୍ଚଳରେ ୭ ପ୍ଲାଟୁନ୍ ପୋଲିସ ମୁତୟନ ହୋଇଥିବା ବେଳେ ନିର୍ବାଚନ ଦିନ ସୁରକ୍ଷା ବ୍ୟବସ୍ଥା ଆହୁରି ବଢ଼ାଯିବ ବୋଲି ଖବର ମିଳିଛି ।

ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ ନିମନ୍ତେ ବୃହତ୍ ଶିବିର ଆୟୋଜନ

ଖୋର୍ଦ୍ଧା,୩।୧୧(ନି.ପ୍ର.): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ରେଳବାଇର ଅବସରପ୍ରାପ୍ତ କର୍ମଚାରୀ ଓ ପାରିବାରିକ ପେନ୍‌ସନ୍ ପ୍ରାପ୍ତକାରୀଙ୍କ ସୁବିଧା ନିମନ୍ତେ ଖୋର୍ଦ୍ଧା ରୋଡ୍‌ଠାରେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ଏକ ବୃହତ୍ ଶିବିର ଆୟୋଜନ କରାଯାଇଛି । ଏହି ପଦକ୍ଷେପ ଦେଶବ୍ୟାପୀ ଆୟୋଜିତ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ୫.୦ର ଏକ ଅଂଶବିଶେଷ । ଏହି ଅଭିଯାନ ୦୧ ନଭେମ୍ବର ୨୦୨୬ ଠାରୁ ୩୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଚାଲୁ ରହିବ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅବସରପ୍ରାପ୍ତ ରେଳ କର୍ମଚାରୀ ଓ ପାରିବାରିକ ପେନ୍‌ସନ୍ ପ୍ରାପ୍ତକାରୀ ସହଜରେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ କରିବାର ସୁବିଧା ଯୋଗାଇବା ଏବଂ ସେମାନଙ୍କ ପେନ୍‌ସନ୍‌ର



ନିରବଚ୍ଛିନ୍ନ ପ୍ରଦାନ ସୁନିଶ୍ଚିତ କରିବା ।ମଣ୍ଡଳ ଅଧୀନରେ ବିଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିବା ପେନସନ୍ ପ୍ରାପ୍ତକାରୀଙ୍କ ସୁବିଧା ଓ ଅଧିକ ଅଂଶଗ୍ରହଣକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ସ୍ଥାନଗୁଡ଼ିକରେ ମଧ ଶିବିର ଆୟୋଜନ କରାଯିବ ।ବ୍ରହ୍ମପୁର ରେଳବାଇ ସଂସ୍ଥାନ: ୦୪ ନଭେମ୍ବର ୨୦୨୬, ବାଲୁଗାଁ ବିଶ୍ରାମଗୃହ (ଡଜଐ): ୧୦ ନଭେମ୍ବର ୨୦୨୬, ପୁରୀ ଉଡଙ ସମ୍ମିଳନୀ କକ୍ଷ: ୧୨ ନଭେମ୍ବର ୨୦୨୬, ଭୁବନେଶ୍ୱର ରନିଂ ରୁମ୍: ୧୩ ନଭେମ୍ବର ୨୦୨୬, କଟକ ରେଳବାଇ ସଂସ୍ଥାନ: ୧୭ ନଭେମ୍ବର ୨୦୨୬, ପାରାଦୀପ ଏରିଆ ମ୍ୟାନେଜେର ସମ୍ମିଳନୀ କକ୍ଷ: ୧୯ ନଭେମ୍ବର ୨୦୨୬, ଅନୁଗୁଳ ସମ୍ମିଳନୀ କକ୍ଷ: ୨୧ ନଭେମ୍ବର ୨୦୨୬, ଭଦ୍ରକ ରେଳପଥ ରକ୍ଷଣାବେକ୍ଷଣ କାର୍ଯ୍ୟାଳୟ: ୨୭ ନଭେମ୍ବର ୨୦୨୬, କେନ୍ଦୁଝରଗଡ଼ ରେଳବାଇ ସଂସ୍ଥାନ: ୩୦ ନଭେମ୍ବର ୨୦୨୬ ।ପେନ୍‌ସନ୍ ପ୍ରାପ୍ତକାରୀ ଏବଂ ପରିବାର ପେନ୍‌ସନ୍ ପ୍ରାପ୍ତକାରୀ ମାନଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ସ୍ଥାନରେ ଆୟୋଜନ କରାଯାଉଥିବା ଶିବିରରେ ଯୋଗଦେବାକୁ କୁହାଯାଇଅଛି । ଯାଞ୍ଚ ଏବଂ ପ୍ରକ୍ରିୟାକରଣ ପାଇଁ ସେମାନଙ୍କୁ ସେମାନଙ୍କର ଆଧାର କାର୍ଡ, ପିପିଓ ନମ୍ବର, ପେନସନ ଆକାଉଣ୍ଟ ନମ୍ବର ଏବଂ ପଞ୍ଜିକୃତ ମୋବାଇଲ୍ ନମ୍ବର (ଆଧାର ସହିତ ଲିଙ୍କ୍) ଆଣିବାକୁ ପରାମର୍ଶ ଦିଆଯାଇଛି ।ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ପେନ୍‌ସନ୍ ପ୍ରାପ୍ତକାରୀ ଏବଂ ପରିବାର ପେନ୍‌ସନ୍ ପ୍ରାପ୍ତକାରୀ ମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସମୟସୀମାରେ ଦାଖଲ କରିବା ପାଇଁ ଏହି ଶିବିରଗୁଡ଼ିକର ସୁବିଧା ନେବା ସହ ସୁଗମ ପେନସନ ପ୍ରାପ୍ୟ ଏବଂ ଅବସରକାଳୀନ ସୁବିଧାର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରନ୍ତୁ ।

ବାଲିକୁଦା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି

ଜଗତସିଂହପୁର,୩।୧୧(ନି.ପ୍ର.): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୬୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ସମ୍ପର୍କୀୟ ୧୧ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୬ ଟି, ପୋଲିସ ସହାୟତା ପାଇବା ପାଇଁ ୩ ଟି, ଭତ୍ତା ପାଇବା ପାଇଁ ୫ ଟି ଏବଂ ଅନ୍ୟାନ୍ୟ ୧୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ବାଲିକୁଦା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

ଜାତୀୟ ଏକତା ଦିବସରେ ରଘୁନାଥପୁରରେ ଗଣଦୌଡ଼

ଜଗତସିଂହପୁର,୩।୧୧ : ଜାତୀୟ ଏକତା ଦିବସ ଅବସରରେ ରଘୁନାଥପୁର ପୋଲିସ ପକ୍ଷରୁ ଶନିବାର ସକାଳ ୭ଟା ସମୟରେ ଏକ ଗଣଦୌଡ଼ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ଅବସରରେ ରଘୁନାଥପୁର ଗୋପବନ୍ଧୁ ଛକଠାରୁ ରଘୁନାଥପୁର ଥାନା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବ ଦୌଡ଼ାଳି ଓ ଅନ୍ୟ ଅଂଶଗ୍ରହଣକାରୀମାନେ ଗଣଦୌଡ଼ରେ ସାମିଲ ହୋଇ ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିଥିଲେ ।ଗଣଦୌଡ଼ ଶେଷରେ ରଘୁନାଥପୁର ଥାନା ନିକଟରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଏଥିରେ ଡାକ୍ତର ରାଜକିଶୋର ବରାଳ, ରଘୁନାଥପୁର ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରେମଜୀତ ଦାସ, ସମାଜସେବୀ ସଚିତ୍ ମହାପାତ୍ର ଏବଂ ଅବସରପ୍ରାପ୍ତ ଭାରତୀୟ ସେନା ଅଧିକାରୀ ସଞ୍ଜୟ କୁମାର ସାହୁ ଉପସ୍ଥିତ ରହି ଯୁବପିଢ଼ିଙ୍କୁ ଉଦ୍‌ବୋଧନ ଦେଇଥିଲେ । ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ଜାତୀୟ ଏକତାର ମହତ୍ତ୍ୱ, ସାମାଜିକ ସଦ୍ ?ଭାବନା ଓ ଦେଶର ଅଖଣ୍ଡତା ରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଏକତା ହିଁ ଶକ୍ତି ଏବଂ ଏକତା କେବଳ ଦେଶର ସୀମା ସୁରକ୍ଷା ପାଇଁ ନୁହେଁ, ବରଂ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ଶାନ୍ତି, ସାମାଜିକ ସଂହତି ଓ ଭାଇଚାରା ବଜାୟ ରଖିବାରେ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ ମତପ୍ରକାଶ କରିଥିଲେ ।

ଶିକ୍ଷକଙ୍କ ପରଲୋକ

ବଲାଙ୍ଗିର,୩।୧୧ :ପୂର୍ବତନ ଶିକ୍ଷକ ତଥା କ୍ଲବ ପଡା ନିବାସୀ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ଦେହାନ୍ତ ଘଟିଛି । ଦିର୍ଘ ୪୦ ବର୍ଷର ଶିକ୍ଷକତା କରିବା ପରେ ବଲାଙ୍ଗିର ଜିଲ୍ଲା ଧୁବା ଉଡାର ସ୍କୁଲରେ ପ୍ରଧାନ ଶିକ୍ଷକତା କରି ଚାକିର ଜିବନିରୁ ଅବ୍ୟାହତି ନେଇଥିଲେ । ମୃତ୍ୟୁ ସମୟରେ ତାଙ୍କୁ ୭୬ ବର୍ଷ ବୟସ ହେଉଥିଲା । ଦିର୍ଘ ଦିନ ହେବ ସେ ବାର୍ଧକ୍ୟ ଜନିତ ଅସୁସ୍ଥତା ଭୋଗୁଥିବା ବେଳେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଥିଲେ ।



୨ତାରିଖ ଭୋର ୨.୪୫ ସମୟରେ ଚିକିତ୍ସିତ ଅବସ୍ଥାରେ ତାଙ୍କ ଦେହାନ୍ତ ଘଟିଛି । ଶେଷ ସମୟରେ ପୁଅ ସୁଧିର, ପୁତୁରା ଲଳିତ ଓ ଜ୍ୱାଇଁ ରାଜିବ ଉପସ୍ଥିତ ଥିଲେ । ସୋମବାର ଦିନ ବିଭୁତି ପଡା ଶ୍ମସାନରେ ତାଙ୍କର ଅନ୍ତେଷ୍ଟି ସମ୍ପର୍ଣ୍ଣ ହୋଇଛି । ବଡ ପୁଅ ସୁଧିର ମୁଖାଗ୍ନି ଅର୍ପଣ କରିଥିଲେ । ସହରର ବିଭିନ୍ନ ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କ ସହ ପରିବାର ଓ ବନ୍ଧୁ ବର୍ଗ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ପରି ଜଣେ ଶାନ୍ତ ଶିଷ୍ଟ ଓ ଅମାୟିକ ବ୍ୟକ୍ତିଙ୍କ ବିୟୋଗରେ ଅଞ୍ଚଳରେ ଶୋକର ମାହୋଲ ରହିଛି । ତାଙ୍କର ଅନ୍ତେ ସ୍ତ୍ରୀ ଶିକ୍ଷିକା ସୂର୍ଯ୍ୟମଣୀ, ସାନ ପୁଅ ଅଞ୍ଜିକ, ବହୁ ସାଗରିକା, ଅଳିସା ଓ ପରିବାର ବର୍ଗରହିଛନ୍ତି ।

ବ୍ଲକ୍ ଯୁବ କଂଗ୍ରେସ ସଭାପତି ପଦ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କଲେ ସୁଦାମ ପ୍ରଧାନ

ଅସ୍ତରଙ୍ଗ,୩।୧୧: ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଯୁବ କଂଗ୍ରେସ ସଭାପତି ପାଇଁ ଯୁବ ନେତା ସୁଦାମ କୁମାର ପ୍ରଧାନ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଓଡିଶା ପ୍ରଦେଶ ଯୁବ କଂଗ୍ରେସ କୁ ଭାଙ୍ଗି ଦିଆଯାଇଛି । ସେହି ପରିପ୍ରେକ୍ଷୀରେ ଓଡିଶା ସ୍ତରରୁ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ସମସ୍ତ ପଦପଦବୀ ପାଇଁ ନିର୍ବାଚନ ହେଉଛି । ଆଶାୟୀ ଭାବେ ଶ୍ରୀ ପ୍ରଧାନ ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ନୂଆଗଡ ଗ୍ରାମପଂଚାୟତ ରେ ଜନ୍ମ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ପୂର୍ବତନ ଛାତ୍ର ନେତା ସମୟରେ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନା କରିଛନ୍ତି । ସୁଦାମ କୁମାର ପ୍ରଧାନ ଙ୍କ ପରିବାର କଂଗ୍ରେସ ଅଟନ୍ତି । ତାଙ୍କର ସୁନ୍ଦର ବ୍ୟବହାର , କାର୍ଯ୍ୟଦକ୍ଷିତା ଓ ଛାତ୍ର ଏବଂ ଯୁବ



ମୂଳ

ସଂଗଠନ ରେ ଭଲ ସମ୍ପର୍କ ରହିଛି । ତେଣୁ ଅସ୍ତରଙ୍ଗ ବ୍ଲକ୍ ଯୁବ କଂଗ୍ରେସ ସଭାପତି ପଦ ପାଇଁ ଆଶାୟୀ ଭାବେ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ସୂଚନା ଦେଇଛନ୍ତି ।

ବଲାଙ୍ଗିର ଦିନ୍ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ଅପମାନିତ

ବଲାଙ୍ଗିର : ଗତକାଲି ସଂଧ୍ୟାରେ ବଲାଙ୍ଗିର ଦିନ୍‌ସଭା କାର୍ଯ୍ୟକ୍ରମ କୋଶଳ କଳାମଣ୍ଡଳ ପଡ଼ିଆରେ ପାଳିତ ହୋଇଥିବା ବେଳେ ଏଥିରେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘକୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରି ଅପମାନିତ କରାଯାଇଥିବା ଭଳି ସଂଗୀନ ଘଟଣା ସାମ୍ନାକୁ ଆସିଛି । ଏଥିପାଇଁ ସାମ୍ବାଦିକ ଭବନରେ ଏକ ଜରୁରୀକାଳୀନ ସଭାର ଆୟୋଜନ କରି ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିବା ସହ ବଲାଙ୍ଗିର ଦିନ୍‌ଆୟୋଜକ କମିଟି ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିଛନ୍ତି । ସଂଘର ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସାଧାରଣ ସଂପାଦକ ଦୀପକ ପୁରୋହିତ ଘଟଣା ସଂପର୍କରେ ଆଲୋକପାତ କରିଥିଲେ । ବଲାଙ୍ଗିର ଦିନ୍‌ଆୟୋଜକ କମିଟି ପକ୍ଷରୁ ସଂଘର ସଭାପତି ହରିନାରାୟଣ ପୂଜାରୀ ଏବଂ ସାଧାରଣ ସମ୍ପାଦକ ଦୀପକ ପୁରୋହିତଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇ ବଲାଙ୍ଗିର ଦିନ୍‌ସଭା କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘକୁ ସମ୍ବର୍ଦ୍ଧିତ କରାଯିବା ପାଇଁ କୁହାଯାଇଥିଲା ଏବଂ ସମ୍ବର୍ଦ୍ଧନା ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା । ଅନୁରୋଧ ରକ୍ଷା କରି ସଂଘର ସାଧାରଣ ସଂପାଦକଙ୍କ ସହ ସଦସ୍ୟମାନେ ସଂପୃକ୍ତ ସଭାରେ ଉପସ୍ଥିତ ରହିଥିଲେ ସୁଦ୍ଧା ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘକୁ ସମ୍ବର୍ଦ୍ଧନା ପାଇଁ ମଞ୍ଚକୁ ଡକାନଯାଇ ଅସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଏହାକୁ ନେଇ ସାମ୍ବାଦିକମାନେ ଅପମାନିତ ଅନୁଭବ କରିବା ସହ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘକୁ ବଲାଙ୍ଗିର ଦିନ୍‌ଆୟୋଜକ କମିଟି ପକ୍ଷରୁ ଅପମାନିତ କରାଯାଇଥିବା ସ୍ପଷ୍ଟ ହୋଇଛି ବୋଲି ସାଧାରଣ ସଂପାଦକ ଶ୍ରୀ ପୁରୋହିତ ସଭାରେ ଆଲୋଚନା କରିଥିଲେ । ସଭାରେ ଉପସ୍ଥିତ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ନବୀନ ପଶାୟତ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶରତ ମହାକୁର, ରଣଜିତ ବେହେରା, ଶରତ ଚନ୍ଦ୍ର ମିଶ୍ର, ଚନ୍ଦ୍ରଭାନୁ



ମୋଲାନା, ଘଟେଶ୍ୱର ମିଶ୍ର, ସୁନୀଲ ମହାନ୍ତି, ବିଭୂକଲ୍ୟାଣ ଗଡ଼ତ୍ୟା, ମୁକେଶ ବହିଦାର, ନୂତନ ମିଶ୍ର, ଅଭିଳାଶ ହୋତା, ବଳରାମ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, କିଶୋର କୁମାର ସାହୁ, ସଂଦୀପ କୁମାର କୁଅଁର, ନିରୋଜ ମିଶ୍ର, ସୁଧୀର ମିଶ୍ର, ତରୁଣ କୁମାର ସାହୁ, ସଚ୍ଚିଦାନନ୍ଦ ବରଗାର୍ତ୍ତୀ, ଯୁଧିଷ୍ଠିର ମେହେର, ଗୁପ୍ତେଶ୍ୱର ପୃଷ୍ଟି, ଶେଷଦେବ ମେର୍ଲି, ସୁଶାନ୍ତ ବାରିକ, ଚିତ୍ର ସେନ ବେହେରା,ମହମ୍ମଦ ୱାହିଦ୍, ରଶ୍ମିରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ପଟ୍ଟନାୟକ, ସୁବ୍ରତ ନାଏକ, ଶମ୍ଭୁ ନାଥ ସାହୁ,ଚିତ୍ତରଂଜନ ସାହୁ, ମୁକେଶ ଷାଣ୍ଢ, ଗଣେଷ ସାହୁ, ସୁଜିତ ସେଠ, ଆଶିଷ ବାରିକ, ଦେବେନ୍ଦ୍ର ଲେଙ୍କା,ଦିଲୀପ ସିଂ ପ୍ରମୁଖ ଏହି ସଭାରେ ଯୋଗଦାନ କରି ବଲାଙ୍ଗିର ଦିନ୍‌ଆୟୋଜକ କମିଟିର ଏଭଳି ପଦକ୍ଷେପକୁ ଦୃଢ଼ ନିନ୍ଦା କରିଥିଲେ ।


ପାରାଦୀପ ବନ୍ଦର ପଣ୍ୟ ପରିବହନରେ ରେକର୍ଡ ୭.୯୫% ଅଭିବୃଦ୍ଧି

ପାରାଦୀପ,୧/୧୧(ନି.ପ୍ର)- ପାରାଦୀପ ବନ୍ଦର ପ୍ରାଧିକରଣ ଅକ୍ଟୋବର ୨୦୨୬ରେ ପଣ୍ୟ ପରିଚାଳନାରେ ଏକ ଦୃଢ଼ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ଅକ୍ଟୋବର ୨୦୨୫ରେ ୧୨.୧୯ ନିୟୁତ ଟନ୍ ତୁଳନାରେ ୧୩.୧୬ ନିୟୁତ ଟନ୍ ପ୍ରଭାବଶାଳୀ ପଣ୍ୟ ପରିବହନ ରେକର୍ଡ ହାସଲ କରିଛି । ବନ୍ଦରରେ ୯,୬୯,୫୨୮ ମେଟ୍ରିକ ଟନ୍ ବୃଦ୍ଧି ରେକର୍ଡ କରିଛି, ଯାହା ପୂର୍ବ ବର୍ଷର ସମାନ ମାସ ତୁଳନାରେ ୭.୯୫% ଅଭିବୃଦ୍ଧି ହାସଲ କରିଛି, ଯାହା ଭାରତର ପ୍ରମୁଖ ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରୁ ଗୋଟିଏ ଏବଂ ଦେଶର ସାମୁଦ୍ରିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଅବଦାନକାରୀ ଭାବରେ ଏହାର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିଛି ।



ଏହି ସଫଳତା ପାରାଦୀପ ବନ୍ଦରର ନିରନ୍ତର କାର୍ଯ୍ୟକ୍ଷମ ଦକ୍ଷତା, ଦୃଢ଼ ପଣ୍ୟ ପରିଚାଳନା କ୍ଷମତା, ବର୍ଦ୍ଧିତ ଲଜିଷ୍ଟିକ୍ସ ସମନ୍ୱୟ ଏବଂ ବନ୍ଦର କାର୍ଯ୍ୟକୁ ସୁଗମ ଏବଂ ଦକ୍ଷ କରିବା ପାଇଁ ଏହାର କର୍ମଚାରୀଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ଏସ.କେ.ପୁରୋହିତ ସମସ୍ତ କର୍ମଚାରୀ ଏବଂ ଅଂଶୀଦାରମାନଙ୍କର ସମର୍ପଣ, ଦଳଗତ କାର୍ଯ୍ୟ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ସେ ସମସ୍ତଙ୍କୁ ଅଧିକ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ, ଯାହା ଦ୍ୱାରା ବିକାଶ ଭାରତର ଦୃଷ୍ଟିକୋଣ ପ୍ରତି ଅବଦାନ ଏବଂ ଭାରତର ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରାଯାଇପାରିବ ।

ମଦ ଦୋକାନ ଖୋଲିବା ପାଇଁ ବିଜ୍ଞାପନ ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ



ନବରଙ୍ଗପୁର: ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମଦ ଦୋକାନ ଖୋଲିବା ପାଇଁ ବିଜ୍ଞାପନ ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମଦବିରୋଧୀ ଆନ୍ଦୋଳନକାରୀମାନେ ଏକ ସାମ୍ବାଦିକ ସମ୍ମିଳନୀ ଡାକି ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ଼ ନିନ୍ଦା କରିଛନ୍ତି । ଜିଲ୍ଲାରେ ମଦ ଦୋକାନ ଖୋଲିଲେ ଅପରାଧ ବୃଦ୍ଧି ପାଇବା ସହ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ବିପନ୍ନ ହେବ ଏବଂ ଗରିବ ପରିବାର ଗୁଡ଼ିକ ଆର୍ଥିକ ତଥା ମାନସିକ ସ୍ତରରେ ଉଜୁଡ଼ିଯିବେ ବୋଲି ଅଭିଯୋଗ କରିବା ସହ ତୁରନ୍ତ ଏହି ବିଜ୍ଞାପନ ରଦ୍ଦ ନ କଲେ ରାଜରାସ୍ତାକୁ ଓହ୍ଲାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ଏହି ପ୍ରସଙ୍ଗରେ ନବରଙ୍ଗପୁର ଜିଲ୍ଲାପାଳ ମଧୁମିତା ନିଜର ପ୍ରତିକ୍ରିୟା ରଖି ସ୍ପଷ୍ଟ କରିଛନ୍ତି ଯେ ଆନ୍ଦୋଳନକାରୀମାନେ ଯେଉଁ ନୂତନ ମଦ ଦୋକାନ କଥା କହୁଛନ୍ତି ତାହା ପ୍ରକୃତରେ କୌଣସି ନୂତନ ଦୋକାନ ନୁହେଁ, ବରଂ ପୂର୍ବରୁ ଏହାର ଟେଣ୍ଡର ପ୍ରକ୍ରିୟା ହୋଇଥିଲା ଏବଂ ଟେଣ୍ଡର ପାଇଥିବା ବ୍ୟକ୍ତି ଲାଇସେନ୍ସ ଫେରାଇ ଦେଇଥିବାରୁ ସେହି ପୁରୁଣା ଦୋକାନକୁ ପୁନଃ ଖୋଲିବା ପାଇଁ ପ୍ରଶାସନିକ ନିୟମାନୁଯାୟୀ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏହା ସହିତ ପୋଲିସ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଜିଲ୍ଲାରେ ବେଆଇନ ମଦ କାରବାର ଉପରେ ନିୟମିତ ଚଢ଼ାଉ ଜାରି ରହିଥିବା ବେଳେ ପ୍ରଶାସନକୁ ନିନ୍ଦା କରିବା ସମୀଚୀନ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି । ସେପଟେ ମଦ ବିରୋଧରେ ନବରଙ୍ଗପୁର ଜିଲ୍ଲା ଆଜି ସମଗ୍ର ଓଡ଼ିଶାରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି, ଯେଉଁଠି ପ୍ରତିଦିନ ହଜାର ହଜାର ସଂଖ୍ୟାରେ ମହିଳା ରାଜରାସ୍ତାକୁ ଓହ୍ଲାଇ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ନିଜେ ମଦ ଭାଟି ଭାଙ୍ଗିବା ଘଟଣା ଓଡ଼ିଶା ଇତିହାସରେ ଏକ ନୂଆ ବିପ୍ଳବୀ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି ।

ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନରେ ପୂର୍ବତଟ ରେଳପଥରେ ବୃଦ୍ଧି ପାଉଛି ଟିକେଟ୍ ବୁକିଂ

ଭୁବନେଶ୍ୱର,୩।୧୧ :ପୂର୍ବ ତଟ ରେଳପଥ ନିଜ ଅଧିକାର କ୍ଷେତ୍ରର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ସ୍ୱତନ୍ତ୍ର ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ଟିକେଟ୍ ଅନୁଶାସନକୁ ପ୍ରୋତ୍ସାହିତ କରିବା ସହ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ ପ୍ରୟାସକୁ ଆହୁରି ତୀବ୍ର କରିଛି । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଯାତ୍ରୀମାନଙ୍କୁ ବୈଧ ଟିକେଟ୍ କ୍ରୟ ପାଇଁ ଉତ୍ସାହିତ କରିବା, ରେଳ ନିୟମର ଅନୁପାଳନ ସୁନିଶ୍ଚିତ କରିବା ଏବଂ ରେଳ ରାଜସ୍ୱର ସୁରକ୍ଷା କରିବା ।ଏହି ଅଭିଯାନରେ ରେଳପଥର ବାଣିଜ୍ୟ ବିଭାଗର କର୍ମଚାରୀମାନେ ସମନ୍ୱିତ ଭାବେ ଟିକେଟ୍ ଯାଞ୍ଚ କରିବା, ଅନିୟମିତତା ଚିହ୍ନଟ କରିବା ଏବଂ ବୈଧ ଟିକେଟ୍ ବିନା ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ନିୟମିତ ଏବଂ ସୁନିର୍ଦ୍ଦିଷ୍ଟ ଟିକେଟ୍ ଯାଞ୍ଚ ଯାତ୍ରା ପୂର୍ବରୁ ଟିକେଟ୍ କ୍ରୟର ଗୁରୁତ୍ୱକୁ ସୁଦୃଢ଼ କରିବା ସହ ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି ।ଟିକେଟ୍ ଯାଞ୍ଚ ଅଭିଯାନ ପରିପ୍ରେକ୍ଷୀରେ ଭୁବନେଶ୍ୱର ଓ ସମ୍ବଲପୁର ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଅନରିଜର୍ଭଡ୍ ଟିକେଟିଂ ସିଷ୍ଟମ୍ (ଟଞ୍ଚଝ) ମାଧ୍ୟମରେ ଟିକେଟ୍ ବୁକିଂ କାର୍ଯ୍ୟକଳାପରେ ବୃଦ୍ଧି ଲକ୍ଷ୍ୟ କରାଯାଇଛି । ବିଶେଷ ଭାବେ, ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଦିନ ଟଞ୍ଚଝ ଟିକେଟ୍ ବୁକିଂରେ ୨୯ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି, ଯାହା ଯାଞ୍ଚ ଅଭିଯାନ ସମୟରେ ଟିକେଟ୍ କ୍ରୟ ପ୍ରବୃତ୍ତିରେ ସକାରାତ୍ମକ ପରିବର୍ତ୍ତନକୁ ସୂଚିତ କରୁଛି ।ପୂର୍ବ ତଟ ରେଳପଥର ବାଣିଜ୍ୟ ବିଭାଗ ଜୋନ୍‌ରେ ପ୍ରମୁଖ ଷ୍ଟେସନଗୁଡ଼ିକରେ ସମନ୍ୱିତ ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ (ଚଉଡଗ)ଙ୍କ ଦଳ ସହିତ ମୁଖ୍ୟାଳୟ ଏବଂ ଡିଭିଜନଗୁଡ଼ିକର ବାଣିଜ୍ୟ ବିଭାଗୀୟ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ, ତଦାରଖକୁ ସୁଦୃଢ଼ କରିଛି ଏବଂ ଟିକେଟ୍ ନିୟମର ପ୍ରଭାବଶାଳୀ ପ୍ରବର୍ତ୍ତନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଛି ।

ଡିଏଭି ଟେନସାର ଛାତ୍ରୀ କଳ୍ପିତା ପ୍ରଧାନଙ୍କ କୃତିତ୍ୱ



କୋଇଡା ୨।୧୧(ସୌମ୍ୟ ମହାନ୍ତି) ସତର୍କତା, ସଚ୍ଚୋଟତା, ସ୍ୱଚ୍ଛତା ଓ ନୈତିକ ମୂଲ୍ୟବୋଧର ବାର୍ତ୍ତା ନେଇ ଡିଏଭି ପବ୍ଲିକ ସ୍କୁଲ, ଟେନସା ଏବଂ ଏହାର ଆୟୋଜକ ସଂସ୍ଥା ସେଲ(ଝଇଓଖ), ବିଆଇଏମ(ଈଓଗ), ଟେନସାର ମିଳିତ ଆନୁକୂଲ୍ୟରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସେଲ୍‌କର୍ମଚାରୀମାନେ ଉତ୍ସାହର ସହ ଯୋଗଦେଇଥିଲେ ।

ଏହି ଅବସରରେ ସେଲ୍‌ପକ୍ଷରୁ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସମେତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଭାଗନେଇ ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଥିଲେ ।ଭିଜିଲାନ୍ସ ସଚେତନତା ସପ୍ତାହର ଉଦ୍‌ଯାପନୀ ସମାରୋହ ରାଉରକେଲା ସ୍ଥିତ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ (ଆରଏସପି) ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଡିଏଭି ପବ୍ଲିକ ସ୍କୁଲ, ଟେନସା ପକ୍ଷରୁ ଦ୍ୱାଦଶ ଶ୍ରେଣୀ ବାଣିଜ୍ୟ ବିଭାଗର ଛାତ୍ରୀ କଳ୍ପିତା ପ୍ରଧାନ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ଡିଏଭି ପବ୍ଲିକ ସ୍କୁଲ, ରାଉରକେଲା, ଡିପିଏସ୍‌ରାଉରକେଲା ଏବଂ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟା ମନ୍ଦିର ଟ୍ରଷ୍ଟର ଛାତ୍ରଛାତ୍ରୀମାନେ ମଧ ଭାଗ ନେଇଥିଲେ ।ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ କଳ୍ପିତା ପ୍ରଧାନ ବିଜୟିନୀ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ଟେନସା ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି । ତାଙ୍କର ଏହି ସଫଳତାକୁ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକମଣ୍ଡଳୀ ଗର୍ବ ପ୍ରକାଶ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କଳ୍ପିତାଙ୍କ ଏହି କୃତିତ୍ୱ ଅନ୍ୟ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭାର ବିକାଶ ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବା ପାଇଁ ପ୍ରେରଣା ଯୋଗାଇବ ବୋଲି ବିଦ୍ୟାଳୟ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ